ନରଜାବାନ

ଓଡ଼ିଆ ରୂପାନ୍ତର

ଶ୍ରୀ ଦୁଃଖୀରାମ ସ୍ବାଇଁ

• କଟକ-୨ •

Digitized by srujanika@gmail.com

ଔର…

ଲେଖା—[illegible]

ଅନୁବାଦ—ଶ୍ରୀ ଦୁଃଖୀରାମ ସ୍ୱାଇଁ

ପ୍ରଥମ ପ୍ରକାଶ ୧୯୬୫

ଆବରଣ—ଶ୍ରୀ ବଚଦ୍ରାନନ୍ଦ ମହାନ୍ତି

ମୁଦ୍ରକ—ଗୀତା ପ୍ରେସ, କଟକ

ମୂଲ୍ୟ : ଦୁଇଟଙ୍କା ମାତ୍ର

Digitized by srujanika@gmail.com

ସର୍ଗ

ନା... ମାଧ୍ୟମରେ ଯିଏ ଏ ଦେଶରେ ଆଣିବାକୁ
...ଲେ ନବ ଜାଗରଣ—ଧାର୍ମିକ ପୁଞ୍ଜିବାଦ ବିରୋଧରେ
...ଲେ ବିପ୍ଳବ, ସେହି ମହାନ ନାଟ୍ୟକାର ସ୍ୱର୍ଗତ ମାମା
...ରେର୍ କର୍ଙ୍କ ଉଦ୍ଦେଶ୍ୟରେ

ଦୁଃଖୀରାମ

Digitized by srujanika@gmail.com

ଦୁଇପଦ

'ନରନାରାୟଣ' ମୋର ସୃଷ୍ଟି ନୁହେଁ । ମୋ ଗୌରବ ସ୍ୱର୍ଗତ ମାମା ଓ୍ୱାଲ୍ଟେର୍ କରଙ୍କର । ମାତ୍ର ଏ ନାଟକର ଓଡ଼ିଆ ରୂପାନ୍ତର ପାଇଁ କେଉଁ ସ୍ମରଣ କରିପାରିଲି ନାହିଁ ।

ଧାର୍ମିକ ପୁଞ୍ଜିବାଦ ଆଜି ଆମର ସାମାଜିକ ଜୀବନରେ ଏକ ସମସ୍ୟା । ଏହାର ଦୁଃଖଦାୟୀ ଅନୁଭୂତ ଯେ ପାଇଅଛି ବେଶି ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ । ଧର୍ମ ଏବଂ ଦେବତାର ଦୋହାଇ ଦେଇ, ମାତବାଦର ଆଶ୍ରୟ ନେଇ, ଛେଳି, କୁକୁଡ଼ା ବଳି ଦେଇ, ଦେବତା ନାମରେ ଭଣ୍ଡାମି କରି ଆମର ସାମାଜିକ ପଲ୍ଲୀ-ଜୀବନ ଉପରେ ଆଧିପତ୍ୟ ବିସ୍ତାର କରିଥିବା ଲୋକର ଆଜି ଅଭାବ ନାହିଁ । ଏଇ ଆଳରେ ଆଜି ବି ସମ୍ବାଦପତ୍ରର ପୃଷ୍ଠାରେ ଦେଖିବାକୁ ମିଳେ ହତ୍ୟା, ଲୁଣ୍ଠନର କରୁଣ ସମ୍ବାଦ ।

ଏଇ ଧାର୍ମିକତା ଆଜିର ସାକ୍ଷରତା ଆନ୍ଦୋଳନ ବଳରେ କେବଳ ଦୂର ହେବା ସମ୍ଭବ ନୁହେଁ । ତା'ପାଇଁ ଆଜି କଠୋର ଆଇନ ପ୍ରଣୟନ ହେବା ଏକାନ୍ତ ଆବଶ୍ୟକ । ତଥାପି ଏ ନାଟକ ମାଧ୍ୟମରେ ଯଦି ଆମର ସାମାଜିକ ଜୀବନରେ କିଞ୍ଚିତ୍ ପ୍ରତିକ୍ରିୟା ସୃଷ୍ଟି ହୁଏ ତା ହେଲେ ଏ ସୃଷ୍ଟି ସାର୍ଥକ ହେବ ।

ଏ ନାଟକ ପାଇଁ ଯେଉଁମାନେ ମୋତେ ଉତ୍ସାହିତ କରିଛନ୍ତି ସେମାନଙ୍କ ନିକଟରେ ମୁଁ ଋଣୀ, ବିଶେଷ କରି ଅନ୍ନପୂର୍ଣ୍ଣା 'ଏ' ଗ୍ରୁପର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ କୃଷ୍ଣମୋହନ ରଥ ଏବଂ ମୁଖ୍ୟ ପରିଚାଳକ ଶ୍ରୀଯୁକ୍ତ ବାଞ୍ଛାନିଧି ମହାନ୍ତି ଏଥିପାଇଁ ଧନ୍ୟବାଦାର୍ହ ।

Digitized by srujanika@gmail.com

ଭାରତ ସରକାରଙ୍କ ଯୋଜନା ପ୍ରଚାର ବିଭାଗର ଆଞ୍ଚଳିକ ଅଫିସର ଶ୍ରୀଯୁକ୍ତ ବିଶ୍ୱନାଥ ରଥଙ୍କର ଅସୀମ ଆନ୍ତରିକତା ମୁଁ ଭୁଲିପାରିବ ନାହିଁ । ମୋର ଅଗ୍ରଜପ୍ରତିମ ଶ୍ରୀଯୁକ୍ତ ବଜପୂକେତନ ମଙ୍ଗରାଜ (ତତ୍କାଳୀନ ବିଭାଗୀୟ ପ୍ରଚାର ଅଫିସର) ନିଜେ ଶ୍ରମ-ସ୍ୱୀକାର କରି ନାଟକର ପରିକଳ୍ପନା କରିଥିଲେ । ନାଟକର ସଫଳତାରେ ତାଙ୍କର ଅବଦାନ ଯଥେଷ୍ଟ ବେଶି । ବଡ଼ ଭାଇ ସ୍ୱଭାବରେ ତାଙ୍କୁ ସ୍ନେହ ଓ ଭକ୍ତି ଦେବା ଛଡ଼ା ଆଉ କ'ଣ ଦେଇପାରେଁ ?

ପରିଶେଷରେ 'ସାଥୀ ପ୍ରକାଶନ'ର ପ୍ରକାଶକ ବନ୍ଧୁ ପୂର୍ଣ୍ଣବାବୁଙ୍କର ଆନ୍ତରିକତା ଓ ନାଟକ ପ୍ରକାଶନ ପାଇଁ ତାଙ୍କର ଆଗ୍ରହ ହେତୁ ତାଙ୍କ ନିକଟରେ ମୁଁ ଋଣୀ । କେବଳ ଏଇ ନାଟକ ନୁହେଁ, ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାକୁ ବିଭିନ୍ନ ଦୃଷ୍ଟିକୋଣରୁ ପୁସ୍ତକ ପ୍ରକାଶନରେ ତାଙ୍କର ଯେଉଁ ଉଦ୍ୟମ ଓ ଉତ୍ସାହ ତାହା ପ୍ରଶଂସନୀୟ । ତାଙ୍କର ଉଦ୍ୟମ ଓ ଉଦ୍ଦେଶ୍ୟ ସଫଳ ହେଉ । ଇତି ।

ଶ୍ରୀ ଦୁଃଖୀରାମ ସ୍ୱାଇଁ

Digitized by srujanika@gmail.com

ପ୍ରଥମ ଅଭିନୟ ତା ୨୮-୮-୫୮

ଅଂଶ ଗ୍ରହଣ କରିଛନ୍ତି :

ଗୋପାଳି ----

ଗୋପା ----

ଜିବୀ — ଶ୍ରୀ ଦୁଃଖୀରାମ ସ୍ୱାଇଁ

ମଣିଆ — ଶ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର

ରୂପ — ଶ୍ରୀ ଦୁର୍ଲ୍ଲଭଚନ୍ଦ୍ର ସିଂ

ଶିବା — ଶ୍ରୀ ସତ୍ୟନାରାୟଣ ସିଂ (ଖଲ୍ଲୁନା)

ଦଫାଦାର — ଶ୍ରୀ ବୃନ୍ଦାବନ ପାଢ଼ (ବୁଲ୍ ବୁଲ୍)

ପୂଜାରୀ — ଶ୍ରୀ ଦଶରଥ ପଣ୍ଡା

ସୁକର — ଶ୍ରୀ ଖଲେ ମଣ୍ଡା

ଚୌକିଦାର — ଶ୍ରୀ ରାଜକିଶୋର ସିଂ

ପିଅନ୍ — ଶ୍ରୀ ଅକ୍ଷୟପ୍ରସାଦ ମହାନ୍ତି

ରେଣୁକା — ଚନ୍ଦ୍ରରେଖା

ମହାର — ଲକ୍ଷ୍ମୀପ୍ରିୟା 'ଏ'

ନୃତ୍ୟାଂଶେ — କୁମାରୀ ଲକ୍ଷ୍ମୀପ୍ରିୟା,
କୁମାରୀ ସୁଧାରାଣୀ,
ଶାନ୍ତିଲତା ଓ ପୂର୍ଣ୍ଣିମା

ନିର୍ଦ୍ଦେଶନା — ଶ୍ରୀ ବିଜୟକେତନ ମଙ୍ଗରାଜ

Digitized by srujanika@gmail.com

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

(ଜବା କମାର ଘର—ଘରର ଏକାଂଶରେ ଭାଟି ଦେଖା-ଯାଉଛି ଓ କମାରଶାଳର କେତେଗୁଡ଼ିଏ ଆସବାବ ରହିଛି । ଜବା କମାର ଖଣ୍ଡିଏ ଲୁହା ତତେଇ ପିଟୁଥିଲା । ତା' ପୁଅ ମଣି ଗୋଟିଏ ଉଚ ପଥର ଉପରେ ବସି ଭାଟି ଦଉଡ଼ି ଭିଡ଼ୁଥିଲା । ଜବା କମାରର ବୟସ ପ୍ରାୟ ୫୦ ବର୍ଷ, ହୃଷ୍ଟପୁଷ୍ଟ—ଦେଖିଲେ ମନେ ହୁଏ, ବୟସ ଆଗେଇ ଯାଇଥିଲେ ବି ବାର୍ଦ୍ଧକ୍ୟ ତାକୁ ସ୍ପର୍ଶ କରି-ପାରିନି । ବଳିଷ୍ଠ ବାହୁ—ଆଖିର ଦୃଷ୍ଟି ତେଜୋଦ୍ଦୀପ୍ତ । ଲୁହା ପିଟୁପିଟୁ ସ୍ୱାଭାବିକ ଢଙ୍ଗରେ ମଧ୍ୟ ବେଳେବେଳେ ତା' ତୁଣ୍ଡରୁ ବାହାରୁଥାଏ । ତା'ପୁଅ ମଣିର ବୟସ ପ୍ରାୟ କୋଡ଼ିଏ କି ବାଇଶ ହେବ । ଯୁବକ ହେଲେ ମଧ୍ୟ ଜବା ତୁଳନାରେ କମ୍ ଜୋର ଜଣାପଡ଼ୁଥାଏ । ଦୃଷ୍ଟି ସ୍ୱପ୍ନିଳ । ଭସାଣିଆ ଆଖି । ହାତରେ ଖଣ୍ଡିଏ ବହି । ବହି ଉପରେ ଦୃଷ୍ଟି ରଖି ଗୋଟିଏ କବିତା ଗୁଣୁଗୁଣୁ କରି ମନେ ମନେ ଆବୃତ୍ତି କରୁଥିଲା । ବହି ପଢ଼ୁ ପଢ଼ୁ ଭାଟି ଦଉଡ଼ି ମଝିରେ ମଝିରେ ଶିଥିଳ ହୋଇଯାଉଥାଏ । ଜବା 'ମଣି' ବୋଲି ଡାକି ତାକୁ ଚେତେଇ ଦଉଥାଏ । ମଣି ଚମକି ଉଠି ଜୋରରେ ଭାଟି ଦଉଡ଼ି ଟାଣିବାକୁ ଲାଗୁଥାଏ । ଆଉ ତା' ସାଙ୍ଗେ ସାଙ୍ଗେ କବିତାର ସ୍ୱର ବି ମଝିରେ ମଝିରେ ବଢ଼ିଯାଉଥାଏ । ପ୍ରବେଶ କଲା ଗୋପାଳ ବଢ଼େଇ । କିଛି ସମୟ ଛିଡ଼ା ହୋଇ ଏ ଦୁଇଜଣଙ୍କୁ ଦେଖିଲା । ଗୋପାଳ

Digitized by srujanika@gmail.com

ଜବାର ସମବୟସ୍କ । ଦେହରେ ଜାମା, ମୁଣ୍ଡରେ ଟେକା, ସଫା ଧୋତି । ଚେହେରା ସ୍ନେହସିକ୍ତ । କଥାବାର୍ତ୍ତା ଢଙ୍ଗରୁ ଜଣାପଡୁଛି, ତା'ର କିଛି ପଢ଼ାଶୁଣା ଅଛି । ପରଦା ଉଠିଲାବେଳକୁ ଦୂରରୁ ଗୋଟିଏ ଭଜନ ଶୁଣାଯାଉଥିଲା ।)

ଗୋପାଳ—କିରେ ଜବା ଭାଇ ! ତୁ ଯାତକୁ ଯିବୁନି କି ?

ଜବା—(ହାତରେ ଧରିଥିବା ଲୁହାକୁ ଭାଟି ଉତ୍ତାପରେ ରଖି) ଯାତ ! ହୁଁ । (ପୁଣି ଲୁହାକୁ ଆଣି ପିଟିଲା) ଯାତ ! କି ଯାତ ବାହାର କରୁଛ ? ଘରେ ପିଲା କବଳ ଭୋକରେ ମରୁଛନ୍ତି ; ତାଙ୍କର ପେଟରୁ କାଟି ଯାତ୍ରା ପଟୁଆର ବାହାର କରୁଛ, ନାଚ କରୁଛ, ନା ? ନାଚିବାକୁ ଗୋଡ଼ରେ ଜୋର ଅଛି ? ପେଟରେ ଭାତ ଅଛି ?

ଗୋପାଳ—ହେଲେ ଢଅଁଙ୍କ କାମ—

ଜବା—(ସାଙ୍ଗେ ସାଙ୍ଗେ ଛୁଡ଼ା ହୋଇଗଲା) ଢଅଁଙ୍କ କାମ ? ମଣିଷର ଜୀବନ ନେଇ ଢଅଁ ଦେବତାଙ୍କୁ ଖୁସି କରିବ, ନା ? କାମ ଗଲା, ଧନ୍ଦା ଗଲା, କୁଳ ବେଉସା ବୁଡ଼ିଲା—ଆଶା ଭରସା ସବୁ ଗଲା । ତୁଣ୍ଡକୁ ହାତ ନେବାପାଇଁ ଗାଁରେ ଅଧେ ଲୋକଙ୍କର ହାଣ୍ଡିରେ ଚୁଲିଜଳ ପଡ଼ୁ ନ ଥିବ ? ଆଜି ବେଶ ପଟୁକା ଭିଡ଼ି ଯାତ୍ରା ପଟୁଆର ପାଇଁ ବାହାରି ପଡ଼ିଲ, ନା ? ପିନ୍ଧିବାକୁ ଛିଣ୍ଡା କନା ମିଳୁନାହିଁ ; ବାନା ଉଡ଼େଇବାକୁ ଥାନ ଚିରୁଛ ? ଆଚ୍ଛା ! ତୁଇ କହ ତ ! ତୁ ବଡ଼େଇ ପିଲା । ତୋ' ବାପ ବି ବଡ଼େଇ ଥିଲା । ଆଗେ ଯିମିତି କାମ କରୁଥିଲୁ, ଏବେ ସିମିତି କାମ ମିଳୁଛି ? ମୁଁ ତ ଭାଟି ଲଗେଇ ଢନଗଛ ବସିଛି, କାମ କାହିଁ ? ଗାଡ଼ ଯୋଉଟି ଭାଙ୍ଗିଗଲାଣି ସେଠେ

Digitized by srujanika@gmail.com

ତକ ଆଜ ଡାଲର କ'ଣ କାମ ଅଛୁ ଯେ ଆମ ପାଖକୁ କଏ ଆସିବ ? ଆଜକାଲ ତ ଦେଖୁଛୁ ମଠର ଗାଡ଼ ଗଣ୍ଡା ଗଣ୍ଡା— ଏବେ ଶରଡ଼କୁ ପଗୁଛୁଚ କଏ ? ନାଲ ପିଟି ଦ'ପଇସା ରୋଜଗାର କରନ୍ତ ଯେ ଗାଁରେ ତ ବଳଦ ନାହାନ୍ତି—

ଗୋପାଳ—ତୁମେ ନାଲ ପିଟିବ ? କୁଳ ବେଉସା ଛାଡ଼— କମାର ଘର ?

ଜବା—ନାଲ ପିଟିବା କଥା କ'ଣ କହୁଛୁ ? କମାର କାମ ବନ୍ଦ କଶ ମୋଟର କାମ ବ କଶବାକୁ ତିଆରି ଅଛୁ ; କନ୍ତୁ କାମ କାହିଁ ? ଆଜକାଲ ତ କେତେ ଫେସନର ଯୋଡା, ଚପଲ ସବୁ ବଦେଶରୁ ଆସିଲାଣି । ବଳଦ ବେକର ଘଣ୍ଟି ଫିଟା କରବାକୁ ବ କେହୁ ମୋଠ ପାଖକୁ ଆସୁନାହାନ୍ତି ।

ଗୋପାଳ—ତା' ହେଲେ ତୁମେ ଆସିବ ନାହିଁ ? ମୁଁ ଯାଉଚ—

ଜବା—ଯାଃ, ସେ ଯାଣା ପଟୁଆର ତୁମକୁ ଶୋଭାପାଏ । ତୁମର ସେ ମାଟିର ଠାକୁରଙ୍କୁ ଯାଣା ପଟୁଆରରେ ନେଇ ଭେଜକଲ ପେଟରେ ଖୁବ୍ ନାଚ, ଖୁବ୍ ଆନନ୍ଦ କର—ଏ ଗାଅନ୍ତା ଭଗବାନ ସାଢ଼େ ତିନି ହାତ ନରନାରାୟଣ ମୂର୍ତ୍ତିରୁ ଦାନା ଛଡ଼େଇ ତୁମର ମାଟିର ଦେବତାଙ୍କଠି ଭୋଗ ଲଗେଇ ପୂଜାଗର ଘର ଭର୍ତ୍ତିକର, ଯା । (ତରତର ହୋଇ ପ୍ରବେଶ କଲା ରେଣୁକା । ବୟସ ୩୫ ହେବ । ଶାନ୍ତ ସରଳ ମୂର୍ତ୍ତି । ତା'ର କଥାବାର୍ତ୍ତା ଓ ବ୍ୟବହାରରୁ ନିରନ୍ତର ଖାନ୍ତୁଚା ବ୍ୟକ୍ତ ହେଉଥିଲା । ତା'ର ଆସିବା ଦେଖି ଗୋପାଳ ଗୋଟାଏ ପାଖକୁ ଆଡ଼େଇଗଲା ।)

ରେଣୁକା—ମହାର ଏଠିକ ଆସିଥିଲା ?

ଜବା—ଆସିଥିଲେ କ'ଣ ଏଠି ନ ଥାନ୍ତା ?

Digitized by srujanika@gmail.com

ରେଣୁକା—ତା' ହେଲେ କୁଆଡ଼େ ଗଲ ? ମୁଁ ତ କାହିଁ ତାକୁ ଦେଖୁନାହିଁ !

ଜବା—କହିଲ ତ ଥରେ, ସେ ଆସିନାହିଁ ।

ଗୋପାଳ—ଯାହାରେ ଦେଖିଥିଲ ? (ଗୋପାଳର କଥା ଶୁଣି ରେଣୁକା ଚମକିଉଠିଲା ।)

ରେଣୁକା—ମୁଁ ମାଇପି ଲୋକ । ସେ ଭଡ଼ ଭିତରେ କମିତି ଯାଇଥା'ନ୍ତି ? ଭାବିଲି, ଏଠିକି ଆସିଥିବ ଅବା ।

ଜବା—ତା'ହେଲେ ଯା—ପଛିଲେ ଯାହାରେ ଦେଖ । ଏଠି କାହିଁକି ?

ମଣି—(ହଠାତ୍ ଉଠି) ଏଇ ଦେଖ, ଦେଖ ।

ଗୋପାଳ—କାହିଁ କଣ ?

ମଣି—ହେଇ ଦେଖୁନ ? (ମଣି ଆଗେ ଆଗେ ଚାଲିଗଲା; ତା'ପଛେ ଗୋପାଳ ଚାଲିଗଲା ।)

ଜବା—ତୁ କାହିଁ ଠିଆହେଲୁ ? ଗୋପାଳ ଗଲା, ତା' ପଛରେ ଗଲୁନାହିଁ ?

ରେଣୁକା—ଟିକେ ବୁଝି ସମଝି କଥା କହ ଜବାଭାଇ ! ମୁଁ ଯିବ ତା' ପଛରେ ?

ଜବା—ହୁଁ, ତା' ପଛରେ ତୁ କେବଠ୍ ଯାଇପାରନୁଣି; ତା' ସାଙ୍ଗରେ ଘର ବି କରିଥାନ୍ତୁ । ଖାଲି ତୋ ବାପା ରାଜି ହେଲେ ନାହିଁ । ସେତେବେଳେ ଦାଦାଙ୍କ ମନକୁ ବି ପାଇଲା ନାହିଁ । ତତେ ନେଇ ଗୋଟାଏ ମଦୁଆ ବେକରେ ଲୁହଦେଲେ— ତୋର ଜୀବନ ନଷ୍ଟ ହୋଇଗଲା, ଗୋପାଳ ଜୀବନ ବି ବରବାଦ ହୋଇଗଲା । ସେ ସେଠି ଏକଲା—ଆଜି ତୁ ଆଡ଼େ ଇମିତ ଅବସ୍ଥାରେ ।

Digitized by srujanika@gmail.com

ରେଣୁକା—(ରୁଦ୍ଧ ଗଳାରେ) ଏବେ ଆଉ ସେ କଥା କାହିଁକି ଭାଇ ?

ଜବା—ଏବେ କ'ଣ କହୁଛୁ ରେଣୁ ? ସେତେବେଳେ ତ ମୁଁ ଭୁମ ହୋଇ ବସି ନ ଥିଲି । ସେଇଥିପାଇଁ ତୋ'ବାପା ସାଙ୍ଗରେ ମୋର ଝଗଡ଼ା ହୋଇଥିଲା । ଜଣ ଜଣ କରି ସମସ୍ତଙ୍କ ପାଖରେ ନେହୁରା ହୋଇଛୁ—ହେଲେ କେହି ମୋ କଥା ଶୁଣିଲେ ନାହିଁ । ମୁଁ ନାସ୍ତିକ ନା ! 'ସତ୍ୟାର୍ଥ ପ୍ରକାଶ' ପଢ଼ୁଥିଲି । ଦୟାନନ୍ଦ ଶିଷ୍ୟ ବୋଲି କହି ସମସ୍ତେ ମତେ ଗଧ ବୋଲି କହୁଥିଲେ । ଇମିତି ମଣିଷ ହୋଇ ରହିବା ଅପେକ୍ଷା ଗଧ ହୋଇ ରହିବା ଢେର ଭଲ—'ବାହାରକୁ ଚାହିଁ) ମିଳିଗଲା ବୋଧହୁଏ ? (ଶିବା କମାର ମନ୍ଦାରକୁ ନେଇ ପ୍ରବେଶ କଲା—ତା'ପଛରେ ଗୋପାଳ ଓ ମଣି । ଶିବା ବୟସରେ ଜବା ଅପେକ୍ଷା ପାଞ୍ଚ ଛଅ ବର୍ଷ ସାନ—ସେ ସାହାକୁ ଯିବାଭଳି ବେଶ ପରିପାଟୀରେ ବାହାରିଛୁ । ମନ୍ଦାର ରେଣୁକାର ଝିଅ—ବୟସ ପ୍ରାୟ ଷୋଳ ବର୍ଷ—ସବୁବେଳେ ହସ ହସ ମୁହଁ—ଚାଲିଚଳନରେ ଦୁଷ୍ଟାମୀ ଓ ଚଞ୍ଚଳତା— ମୁଖର ଭାବରେ ତେଜସ୍ୱିନୀ ।)

ଶିବା—କେତେ ଥର ମୁଁ ତତେ କହିଲିଣି ଯେ ମରଦଙ୍କ ଭିତରକୁ ଯାଆନା ବୋଲି ? ବଅସ ଆସି ହେଲା – ବଡ଼ବଡ଼ଆଙ୍କ କଥା ଟିକେ ଖିଆଲ ରଖ । ଯିମିତି ମା' ସିମିତି ଝିଅ ।

ଜବା—ଶିବା !

ଶିବା—ହିଁ, ହେ, ଯିମିତି ମା ସିମିତି ଝିଅ । ବର୍ତ୍ତିଙ୍କପାକଙ୍କୁ ଟିକିଏ ହେଲେ ସରମ ନାହିଁ । ଖବରଦାର କହିଦଉଚି, ମନ୍ଦାର, ଆଉ ଯଦି ଯିମିତି ଏରୁଣ୍ଡି ବନ୍ଧ ଡେଇଁ ତୋ' ପାଦ ପଡ଼ିବାକୁ

Digitized by srujanika@gmail.com

ନ ପଡ଼େ ! ଇଜ୍ଜତ ମହତ ସବୁ ପୋଡ଼ିଖାଇଲୁଣି ନା କ'ଣ ? ବଡ଼ ସାନ ଟିକେ ବାଛ ବିଚାର ନାହିଁ ? କନ୍ତୁ ମନେରଖ, ଏବେ ବି ମୁଁ ବସିରହିଚ୍ଛି । (ମଦାର ହସିଲା) ଆହୁରି ହସୁଛୁ, ସଇତାନ୍ ଟୁଆ ! (ଚଟକଣା ମାରିଲା)

ଜବା—ଶିବା ! ତା ବାପ ସଇତାନ ଥିଲା ତ ତୁ କ'ଣ ? ସେ ତୋ'ର ବଡ଼ଭାଇର ଝିଅ । (ଶିବାର ହାତ ଧରି) ତା'ବାପ ବଞ୍ଚିଥିଲେ ଆଜ ତା' ଦେହରେ ହାତ ଦେବାକୁ ସାହସ କରିଥାନ୍ତୁ ?

ଶିବା—ଛାଡ଼ଦେ ମୋ ହାତ, ମୁଁ ଆଜ ତାକୁ ମାରିଦେବି । (ହାତ ଛଡ଼େଇନେଲା) ବହୁତ ବରଦାସ୍ତ କଲିଣି---ଆଜ ତା'ର ଫଇସଲା କରିବି । ଆଜ ଭଲଆ ଗୋଟିଏ ଦିନରେ ମତେ ଗାଁ ସାରା ନଟେଇ ସାରିଲାଣି—ଯାହାତା ଭିତରେ ବେଧଡ଼କ ହେଇ ବୁଲୁଚ ! ଆଜ ତୁମେ ମତେ ବୁଦ୍ଧି ଶିଖଉଚ ? (ପୁଣି ମାରିଲା) କହ, ଅଉ ଯିବୁ ବାହାରକୁ ?

ମଦାର—(ହସିଲା) କାହିଁକ ନ ଯିବ ଯେ ?

ଶିବା—(ପୁଣି ମାରିଲା)

ଜବା—ଶିବା ! ପିଲାଟାକୁ ମାରିପକେଇବୁ ନା କ'ଣ ?

ଶିବା—ମାରିବି ନହିଁ କ'ଣ ଛାଡ଼ିଦେବି ? ମାରିବି, ଧରିବି, ଯା ଇଚ୍ଛା ତା' କରିବି । ଘରର ଇଜ୍ଜତ ରଖିବାପାଇଁ ତା' ଜୀବନ ଗଲେ ମୋର ଦୁଃଖ ନାହିଁ ।

ରେଣୁକା—ଘରର ଇଜ୍ଜତ ଖିଆଲ ତୁମର ଏକା ଅଛି---ମୋର ନାହିଁ ବୋଲି ଭାବୁଛ, ଶିବ ?

ଶିବା—ହଉ ତା' ପଟ ପଡ଼ି ତୁମର କିଛି କହିବା ଦରକାର ନାହିଁ । ମୁଁ ତା'ର ମୁରବି । ମୁଁ ଯାହା ବୁଝିବି ତା' କରିପାରିବି ।

Digitized by srujanika@gmail.com

କାହାର କଣ୍ଟ କଥା ମୁଁ ଶୁଣିବ ନାହିଁ । (ମଣି ଉଠି ଶିବାର ହାତକୁ ଧରି ଅଲଗା କରିଦେଲା) ତୁ ମୋ ଦେହରେ ହାତ ବାଜଉଚୁ ? ମତେ ମାରିବୁ ନା କ'ଣ ?

ମଣି—ମାରୁ ମାରୁ ଝିଅଟାକୁ ମାରିଦବ ନା କ'ଣ ? ତାକୁ ଶାସନ କରିବା ପାଇଁ ତା'ମା ଅଛି । ତୁମେ ତାକୁ ମାରିବାକୁ କିଏ ?

ଶିବା—ମୁଁ କିଏ ? ମୋ ଝିଅକୁ ମୁଁ ମାରିବ । ତୁ କହିବାକୁ କିଏ ?

ମଣି—ହୁଁ, ତମ ଝିଅ ? ଆଇନକାନୁନ କ'ଣ ସବୁ ଉଠିଗଲା ? ତା' ମା' ଛୁଆ ହେଇଛି ।

ଶିବା—ଆରେ ରଖ୍, ଆଇନ କାନୁନ ମୋତେ ଦେଖାଉଚ ? ତୁଇ ତା' ମୁଣ୍ଡ ବିଗାଡ଼ୁଚୁ । ତୋର ପାଇଁ ସେ ଅଣ୍ଡିରାଚଣ୍ଡୀ-ଭଳି ଗାଁଟା ସାରା ଖେଦି ବୁଲୁଛି । (ରେଣୁ ପ୍ରତି) ଛୁଆ ହୋଇ କ'ଣ ଦେଖୁଚ ? ଯା—ତାକୁ ଘରକୁ ନେଇ ଯା—ତୁମକୁ କ'ଣ ଦେଖାଯାଉନାହିଁ ? ତା' ପାଇଁ ଛତରା ଟୋକା—

ମଣି—କ'ଣ ହେଲା ? ଛତରା ଟୋକା ?

ଶିବା—କ'ଣ ମୋତେ ମାରିବୁ ନା କ'ଣ ? ମାରିବୁ ନା କ'ଣ ? ମାରିଲୁ ଦେଖି ! ଦେଖିବ ତୋ'ର କେତେ କ୍ଷମତା ।

ଜବା—ହଉ, ଥାଉ, ଥାଉ । ରେଣୁକା, ନେଇ ଯା ତା'କୁ ଏଠୁ । ତୁ ଯା, ମହାର !

ମହାର—ମୁଁ ଯିବନି । ମା ହଉ କି ବାପ ହଉ, ମୁଁ କାହାର କଥା ଶୁଣିବ ନାହିଁ—ମୁଁ ଯାହାକୁ ପାଉଛି ।

ଶିବା—ଯିବୁ ? ଗଲୁ କମିତି ଯିବୁ ! (ତା'ବେକ ଧରିଲା । ପ୍ରବେଶ କଲା ରୂପା କମାର । କମାର ହେଉଛି ବ ମହାଜନି ବ୍ୟବସାୟୁ ତା'ର—ତେବେ ମହାପାଠୀ ଆଧୁନିକ ନ ହେଲେ ବ ବେଶ୍

Digitized by srujanika@gmail.com

ଝୁରିକର—ହବୁବେଳେ ହସହସ ମୁହଁ । କଥାବାର୍ତ୍ତା କଲାବେଳେ ସବୁବେଳେ ହସୁଥାଏ ।)

ରୁପା—ଇଏ କ'ଣ ଶିବ ? ପିଲାଟା ନେଇ ତୁ ଏଠି କଳି ଝଗଡ଼ା କରୁଚୁ ! ଥାଉ, କାନ୍ଦନା ମନ୍ଦାର, କାନ୍ଦନା ।

ମନ୍ଦାର—କିଏ କାନ୍ଦୁଚି ଯେ ? ବାବୁ ତ ମତେ ଗେଲ କରୁଥିଲେ । ମତେ ବାଧ୍ୟ ଲାଗୁଥିଲା ।

ରୁପା—(ତା' ହାତ ଧରି) ରହ ମନ୍ଦାର ! (ମନ୍ଦାର ରୁପାର ହାତକୁ ଛୁଆଁଡ଼ିଦେଲା)

ଶିବା—ମନ୍ଦାର, କ'ଣ ହେଲା ! ହାତ ଛୁଆଁଡ଼ିଦେଉଚୁ ? ସେ ପୁଣି ରୁପା ସାଉକାରଙ୍କ ହାତ ! ତାଙ୍କ ଭଳି ଲୋକ ! ଚଉଧିଲ୍ୟାଧ୍ୟ ତାଙ୍କୁ ଦଣ୍ଡବତ ଦୂରରୁ ଓଳଗି ହେଉଛନ୍ତି । କଲେକ୍ଟର ସାହେବ ତାଙ୍କୁ ଦେଖିଲେ ଗାଡ଼ିରେ ବସେଇ ବଙ୍ଗଳାକୁ ନେଇଯାଉଛନ୍ତି । (ଜବା ହସିଉଠିଲା) ହସିଲୁ କାହିଁକି ?

ଜବା—ଦେଖ୍ ଶିବା ! ତତେ ସେ କଥାଗୁଡ଼ା ଭଲ ଲାଗିପାରେ । କାହିଁକି ନା, ଘରର ଇଜ୍ଜତ ପାଇଁ ତୋର ବେଶି ମୁଣ୍ଡ ବଥାଏ ନା ! ହେଲେ ମନ୍ଦାର ଅଭିଆଡ଼ୀ ଝିଅ, ତା ହାତ ଧରିବାକୁ ଗଲେ ସେ ଚଟକଣା ମାରିବନାହିଁ ?

ରୁପା—ଠିକ୍ ତ, ସେ ତ କିଛି ଭୁଲ କରିନାହିଁ । (ରେଣୁକା ପ୍ରତି) ଦେଖ, ଝିଅ ଏଇନେ ପିଲା—ସିଏ ସିନା କିଛି ଜାଣିପାରୁନି— ତୁମମାନଙ୍କର ପୁଣି ଟିକେ ତା' ଚାଲିଚଳନକୁ ନଜର ଦବା ଉଚିତ । ମୁଁ ତାଙ୍କ ମା'ଙ୍କୁ କହୁଚି । ଆମ୍ଭମାନଙ୍କର ଭଗବାନ ଓ ଧର୍ମବିଶ୍ୱାସ ଅଛି । ନାସ୍ତିକ ଲୋକମାନଙ୍କଠାରୁ ଅମ୍ଭମାନଙ୍କର ଦୂରରେ ରହିବା ଦରକାର । ହାଟୁଆଘର ଆମର, ସେଥିରେ ପୁଣି କାଲି ବୋଇଲେ କାଲି ତମ ଝିଅ ଆମ ଘରକୁ ଯିବ ।

Digitized by srujanika@gmail.com

ତା'ର ତ ପୁଣି ଟିକେ ଧର୍ମ ଦେବତା ଖିଆଲ ରଖିବା ଉଚିତ ! ମୁଁ ତ ପୁଣି ଢ ଅକ୍ଷର ଲେଖାପଢ଼ା ଜାଣିଚି । ତା ବୋଲି ଧର୍ମ ଦେବତା ମାନିବୁ ନା ? କାଲି ସକାଳେ ଯେ ମୋ ଘରକୁ ଯିବ ସେ ବି ହେମିନ୍ତି·········

ଜବା—ବାସ୍ ବାସ୍, ଆଉ କହିବା ଦରକାର ନାହିଁ । ତମର କ'ଣ ଘରଦ୍ୱାର ନାହିଁ ? ମୋ ଘରେ ଆସି କାହିଁକି ଝଗଡ଼ା କରୁଛ ? ଚାଲିଯାଅ ସବୁ ଏଠୁ । ଆଉ ତୁ ବି ଯା ରେଣୁ ! (ସ୍ୱା ଭିତରେ ମନ୍ଦାର ମଣିକୁ ଠାରିଦେଇ ଚାଲିଯାଇଚି) ଶୁଣ, ସାଉକାରେ ! ମନ୍ଦାର ଚାଲିଗଲା ବୋଧହୁଏ ? ବୁଝିଲ, ସାଉକାରେ ! ମନ୍ଦାର ପାଇଁ ତୁମ ମୁଣ୍ଡ ବଥାଇବା ଦରକାର ନାହିଁ । ତା' କଥା ଚିନ୍ତା କରିବାକୁ ତା' ମା' ଅଛି । ଭଗବାନ ଯେତେବେଳେ ହବ ସେତେବେଳେ ! ଆଜଠୁ ତୁମର ଏ ଅନଧିକାର ଚର୍ଚ୍ଚା ଚଳିବନି । ଯାଅ, ବାହାରିଯାଅ ଏଠୁ ।

(ଏମାନଙ୍କ କଥା ଭିତରେ ମଣି ଚାଲିଯାଇଛି)

ରୂପା—ଦେଖ ଜବାଭାଇ !

ଜବା—ବାହାରିଯାଅ ମୋ ଘରୁ । ମୁଁ ତୁମ ତହସିଲଦାରକୁ ଡାକିବି, ତୁମ କଲେକ୍ଟରକୁ ଡାକିବି, ଆଉ ତୁମକୁ ବି ଭଲଭାବରେ ଡାକିବି । ଚୁପ୍ ହୋଇ ଛିଡ଼ାହୋଇଚୁ କ'ଣ ଶିବା ! ଗିର ଏ ଗୁଣ୍ଡାକୁ ମୋ ଘରୁ ବାହାର କରିଦେ ।

ଶିବା—ବେସ୍—ବେସ୍, ମୋର ବି ଏଠି ରହିବା ଦରକାର ନାହିଁ । ଚାଲ, ସାଉକାରେ ।

Digitized by srujanika@gmail.com

ରୂପା – ହଁ ବୁଲ ବୁଲ, ଠାକୁର ବ ଅଧାବାଟରେ ଛାଡ଼ିଦେଇଚନ୍ତି । ଗାଁର ମୁଖିଆ ନା ଆମେ, ମୁଁ ନ ଗଲେ ପଟୁଆର ଯିବ କମିତ ? (ରେଣୁପ୍ରତି) ଦେଖ, ଝିଅପ୍ରତି ଟିକେ ନଜର ରଖିବ । କେଇଟା ଦିନ ଆଉ ବାହାଘର ବାକି ରହିଲା ? ଏଗୁଡ଼ାକ କଣ୍ଟ ଭଲ ଲକ୍ଷଣ ନୁହେଁ । ପଡ଼ିଲା ଭିତରେ ବାହାଘର ହେବ । ତାକୁ ଇମିତି ବାହାରକୁ ଯିବାକୁ ଦିଅନା । ଘର ଯିବାର କଥା, ତୁମେ ସାଙ୍ଗରେ ରାଅ । ମଣିଆ ସାଙ୍ଗରେ ଇମିତି ବୁଲାବାଟା—ଯା ହେଲେ ବି ମରଦପୁଅ ନା—ଟିକେ ଭଲକରି ନଜର ରଖ । (ଶିବାର ହାତ ଧରି ବୁଲିଗଲା)

(କଣ୍ଟସମସ୍ତ ମାରବରେ କଟିଗଲା—ଜବା ଯାଇ ଘଣ୍ଟିପାଖରେ ବସିଲା—ଗୋଟାଏ ପାଖରେ ଗୋପାଳ ବସି ରହିଥାଏ । ରେଣୁକା ଗୋପାଳ ଆଡ଼କୁ ପଛକରି ଛିଡ଼ା ହେଲା)

ରେଣୁ – ସବୁ ଶୁଣିଲ ତ ଭାଇ ?

ଜବା – କହୁଚ ତ ମୁଁ ଗୋଟାଏ ପଥର । ଯା' ସମସ୍ତେ ଯା', ମତେ ଟିକେ ଶାନ୍ତିରେ ରହିବାକୁ ଦିଅ । (ନିଜେ ଯାଇ ତା' ଘଣ୍ଟିଟାକୁ ଧରି ଟାଣିଲା—ପୂର୍ବପରି ତା କାମରେ ବ୍ୟସ୍ତ ରହିଲା—ଗୋପାଳ ଚୁପ୍‌ଚାପ୍ ବୁଲିଗଲା—ଜବା ଘଣ୍ଟିଟାକୁ ଟାଣୁଟାଣୁ ହସିଦେଲା)

ଦ୍ୱିତୀୟ ଦୃଶ୍ୟ

(ଗାଁ ମୁଣ୍ଡର ଏକ ନିଛାଟିଆ ଜାଗା—ମଣି ଏବଂ ମଧୁର କଥା ହେଉ ହେଉ ପ୍ରବେଶ କଲେ ।)

ମଣି – ଏଠେ କେହି ଦେଖିନାହାଁନ୍ତି ତ ? ଏ ଯାଗାଟାକୁ ଏପର୍ଯ୍ୟନ୍ତ କେହି ଜାଣନ୍ତି ନା । ସେଇଥିପାଇଁ ଆମେ ଦୁଇଜଣ ଏଠି ଟିକେ ନିରୋଳାରେ କଥାବାର୍ତ୍ତା ହୋଇପାରୁଛେ ।

ମଧୁର – କେତେଦିନ ଇମିତି ଗୁପତରେ ଦେଖା କରିବା ? ଆଉ ତା' ଛଡ଼ା ଲୁଚିଛପି କାହିଁକି ଯେ ? ଆମେ କାହିଁକି କାହାକୁ ଡରିବା ?

ମଣି – ଦୁନିଆର ହାଲ ତୁ କିଛି ବୁଝିପାରୁନୁ । ବାପା କହନ୍ତି—ଯିଏ ଯାହା କହୁନା କାହିଁକି, ଯାହା ଧରମ ଯାହା ହଉନା କାହିଁକି, ସଂସାରରେ ଗୋଟେ ନିୟମ ଅଛି; ଆଉ ସେଇ ନିୟମ ଉପରେ ସଂସାର ଚଳୁଛି ।

ମଧୁର – ମଉସାଙ୍କ କଥା ତ ସବୁବେଳେ ଅଲଗା । କିଏ ପଚାରୁଛି ସେ ନିୟମ କାନୁନକୁ ? ଆମର ଏଇ ଛୋଟ ଗାଁରେ ସେ ନିୟମକୁ କିଏ ଶୁଣୁଛି ? ଗାଁ ଭିତରେ ଦଫାଦାର ଯାହା କହିବେ ସେଇ ହଉଚି ନିୟମ । ଆଉ ଜୁଲୁମ ! ସେ ତ ଦଫାଦାରର ବଡ଼ବୋପା । ସିଏ ଯାହା କହିବ ତା ହିଁ କାନୁନ୍ । ଗାଁରେ ଆଉ ନିୟମ କାନୁନ୍ ଜାଣିଲାବାଲା ଅଛି କିଏ ଯେ ?

ମଣି – ତା' ଠିକ୍ । କିନ୍ତୁ ନିୟମ କାନୁନ ବୋଲି ଗୋଟେ ଜିନିଷ ସଂସାରରେ ଅଛି ତ ! ଆଉ ଆମକୁ ଦିନେ ନା ଦିନେ ତାକୁ

Digitized by srujanika@gmail.com

ମାନିବାକୁ ପଡ଼ିବ ତ ! ତୁ ତ ଅବୁଝା, ତୋ ବାପ ତ ହେଲେ ମୃତ। ତୋ ମା'ର ବି ତୋ'ଉପରେ କୌଣସି ଅଧିକାର ନାହିଁ !

ମନ୍ଦାର—ତା'ହେଲେ କ'ଣ କରିବାକୁ ହେବ ?

ମଣି—ସେଇଆ ତ ମୁଁ ଭାବୁଛି। ବାପାଙ୍କୁ କହିପାରୁନି—ଗୋପାଳ ଦାଦାଙ୍କୁ ବା କହନ୍ତି। ସେ ଯେଉଁ ନିର୍ମାୟା, ନିଷ୍ଠୁର ଲୋକ—ସେ ତ କାହାରିକି କିଛି କହିବେନି। ଏବେ ଖାଲି ଗୋଟିଏ ଉପାୟ ଅଛି···(କହୁ କହୁ ଅଟକିଗଲା)

ମନ୍ଦାର—ଅଟକିଗଲୁ ଯେ ? କହ—

ମଣି—କହି ଲାଭ କ'ଣ ? ମତେ ଚାରିଆଡ଼େ ଅନ୍ଧାର ଦିଶୁଛି। ଏ ବଦମାସ ଲୋକଗୁଡ଼ାକ ଯିମିତି ଚାରିଆଡ଼ ବନ୍ଦ କରି ରଖିଛନ୍ତି !

ମନ୍ଦାର—ସେ କଥା କହନି, ମଣି ! ସେମାନେ ବଡ଼ଲୋକ—

ମଣି—ରୁପା ବି ବଡ଼ଲୋକ, ନୁହେଁ ?

ମନ୍ଦାର—ନୁହେଁ ତ କ'ଣ ? ତା' ଆଗ ଘରଯାର ଝିଅ ବଞ୍ଚି-ଥା'ନ୍ତା ତ ମୋଠୁଁ ଢ ବର୍ଷ ବଡ଼ ହୋଇଥାନ୍ତା।

ମଣି—ଓ, ସେଥିପାଇଁ ସେ ବଡ଼ଲୋକ, ନା ?

ମନ୍ଦାର—ଆଉ ?

ମଣି—ଦେଖ, ମନ୍ଦାର ! ତୋ' ମା' ଘଜ ଅଛି। ମୋ ବାପା ବି ଘଜ ଅଛନ୍ତି। ସେମାନଙ୍କର କି ଅଧିକାର ଅଛି ? ତୋ' ପାଇଁ କଣ କରିଛନ୍ତି ସେମାନେ ? ତତେ ପେଟପୁରା ଖାଇବାକୁ ଦେଇଛନ୍ତି, ନା ତୋ ପାଇଁ କଷ୍ଟ କରିଛନ୍ତି ? ତେବେ କାହିଁକି ତୋ' ଉପରେ ତାଙ୍କର ଏତେ ଜୁଲୁମ ?

Digitized by srujanika@gmail.com

ମନ୍ଦାର—ସେ କଥା ମୁଁ କେମିତି କହିପାରିବ ? ତୁମେ ମହାଦପୁଅ, ଦୁନିଆର ଖବର ତୁମକୁ ଜଣା । ମୁଁ ମାଇକିନିଆ ଝିଅ । ତୁମର ବାପା ଅଛନ୍ତି—ତେବେଲେ ମୋର କଏ ଅଛି ? ମା'ର ମମତା ଅଛି ସତ; ତେବେଲେ ମମତାଖଣ୍ଡରେ ତ ଧାର ନଥାଏ । କ'ଣ କରାଯିବ ?

ମଣି—ଚାଲ ମନ୍ଦାର, ଆମେ ପଳେଇଯିବା ।

ମନ୍ଦାର— ଏଇ ବୋଧହୁଏ ତୁମର ଉପାୟ ।

ମଣି—ହଁ, ମନ୍ଦାର ! ଆମେ ପଳେଇଯିବା । ପଳେଇଯିବା ଖୁବ୍ ଦୂରକୁ, ଯୋଉଠି କେହି ଆମକୁ ଚିହ୍ନିପାରିବେ ନାହିଁ, ଆମର ବଢାବଢରେ କେହି ବାଧା ଦେବେନି । ମଣି ଆଶାଭରା ଆଖିରେ ଚାହିଁରହିଲ ମନ୍ଦାରମୁହଁକୁ ; କିନ୍ତୁ ମନ୍ଦାର ଦୂର ଆକାଶକୁ) କ'ଣ ଭାବୁଚୁ ?

ମନ୍ଦାର—ଦେଖୁଚି ।

ମଣି—କ'ଣ ?

ମନ୍ଦାର—ସେଇ ଯେ ସୂର୍ଯ୍ୟ ବୁଡ଼ିଯାଉଛନ୍ତି···(ରେକଗଲ)

ମଣି—ବୁଡ଼ିଯାଉଥିବା ସୂର୍ଯ୍ୟଙ୍କୁ ଦେଖୁଚୁ, ନା ? ଘଡ଼ିଏ ଆଗରୁ କେହି ହେଲେ ଯେଉଁ ସୂର୍ଯ୍ୟଙ୍କ ଆଡ଼କୁ ଚାହିଁପାରୁ ନ ଥିଲେ ଏବେ ସେ ମଳିନ । କାହିଁକି ଜାଣୁ ? ସୂର୍ଯ୍ୟ ବୋଧହୁଏ ଭାବୁଚନ୍ତି, ସାରା ରାତି ତାଙ୍କୁ ଛପି ରହିବାକୁ ହେବ । ସେଇ ଚିନ୍ତାରେ ସେ ମଉଳିଯାଉଛନ୍ତି ।

ମନ୍ଦାର—ତା' ନୁହେଁ ମଣି ! ରାଗରେ ସେ ନାଲି ପଡ଼ିଗଲେଣି । ଚାରିଦିନ ମେହେନତ କରି ସନ୍ଧ ସଞ୍ଜରେ ସୁଖରେ ଘରକୁ ଯିବା କପାଳରେ ନ ଥାଏ, ତା' ହେଲେ କଏ ନ ରାଗିବ ?

Digitized by srujanika@gmail.com

ମଣି—ଠିକ୍ କହୁଛୁ ମଦାର ! ଏପରି ଅବସ୍ଥାରେ ରାଗ ହେବା ଅତି ମାମୁଲି ।

ମଦାର—ଖାଲି ରାଗ ନୁହେଁ ; ଭଲଭାବରେ ଜଳିଉଠିବା ଦରକାର । କିଏ କେତେ ବରଦାସ୍ତ କରିବ ? ଆଉ କାହିଁକି ବା କରିବ ଯେ ? ବୋଉ ଦିନଟମାମ ଖଟି ଖଟି ମରୁଛି, କିନ୍ତୁ ମୁଁ କିଛି କାମ କରୁନାହିଁ । ମତେ କିଛି କାମ କରିବାକୁ ଦେଉନାହିଁ । ଆଉ ସେଇଥିପାଇଁ ଖୁଡ଼ୁ ସବୁବେଳେ ଚିଡ଼ଚିଡ଼ ହେଉଛନ୍ତି ; ସବୁବେଳେ ମାରି ଦମାର୍ ହେଉଛନ୍ତି । ମାଡ଼ ଖାଇବା ତ କେବେ ହେଲେ ବନ୍ଦ ନାହିଁ । କିଏ କେତେ ସହିବ, କାହିଁକି ବା ସହିବ, ଆଉ କାହାପାଇଁ ବା ସହିବ ? ସହି କି ସୁଖ ? ଚାଲ ଆମେ ଦୁହେଁ ପଳେଇଯିବା ।

ମଣି—ହେଲେ ତୋ' ମା' କଣ କହିବ ?

ମଦାର—କ'ଣ କହିବ ? ଆଗରେ ଆମର ଭବିଷ୍ୟତ ! ସେ କଥା ତ ଆମକୁ ଚିନ୍ତା କରିବାକୁ ପଡ଼ିବ ! ତା' ଦିନ ତ ଗଲାଣି ।

ମଣି—ତାକୁ ବି ସାଥିରେ ନେଇଯିବା ।

ମଦାର—ସେ ଯିବ ନାହିଁ । ଘରର ମୋହ ସେ ଛାଡ଼ିପାରିବ ନାହିଁ । ମତେ ଛାଡ଼ି ସେ ଏକୁଟିଆ ରହିପାରିବ ନାହିଁ । ଆଉ ତାକୁ ନ କହି ମୁଁ ଚାଲିଗଲେ ସେ ଜୀବନ ରଖିବ ନାହିଁ ।

ମଣି—ମତେ କିନ୍ତୁ କିଛି ବୁଝି ହେଉନାହିଁ, ମଦାର ! (ଟିକିଏ ଭାବି) ଅଚ୍ଛା, ଗୋଟିଏ କାମ କରିବା । ଆମେ ତାକୁ କହି କୁଆଡ଼େ ଚାଲିଯିବା । ତା'ହେଲେ ତ ସେ ମନା କରିବ ନାହିଁ ! ଚାଲ ଯିବା (ଦୁହେଁ ହାତ ଧରାଧରି ହୋଇ ଯାଉଥିଲେ । ପ୍ରବେଶ କଲା ଗୋପାଳ)

ଗୋପାଳ—କୁଆଡ଼େ ଯିବ ?

Digitized by srujanika@gmail.com

ମଦାର, ମଣି—ଆମେ ଏଠି ଅଛୁଁ ବୋଲି ତୁମେ କମିତ ଜାଣିଲ,
ଗୋପାଳ ଦାଦ ?

ଗୋପାଳ—ମୁଁ ତୁମ ଦୁଇଜଣଙ୍କ ଉପରେ ବରାବର ନଜର
ରଖିଛି । ତୁମ ଦୁଇଜଣଙ୍କର ସବୁ ଭେଦଭାବ ମତେ ଜଣା ।
କୁଆଡ଼େ ବୁଲିଯିବାକୁ ଫିକର ବୁଲାଛ, ନା ? ଗଲେ
ତୁମକୁ କୋଉଠି ହେଲେ ଜାଗା ମିଳବ ନାହିଁ ।

ମଣି—ସେ କଥା କାହିଁକ କହୁଚ ଗୋପାଳ ଦାଦ ? ଏତେ ବଡ଼
ଦୁନିଆ ଚଉଡ଼ା । ଏଠି କେଉଁ ମଣିଷ ନାହାନ୍ତି ବୋଲି
ମନୁଷ୍ୟତା କ'ଣ ଦୁନିଆରୁ ଲୋପ ପାଇଗଲ ?

ଗୋପାଳ—ମଣି ! ତୁେ ତୁ କ'ଣ କରିବାକୁ ଯାଉଛୁ ? କାହିଁକ
ସେ ଝିଅଟାର ମୁଣ୍ଡକୁ ତୁ ଖରାପ କରୁଚୁ ? ତୁେ ତୁ ଭୁଲି-
ଯାଉଚୁ ଯେ ଆମେ ଏ ଗାଁରେ ସାରାଜୀବନ କଟେଇଦେଲୁଣି ।
ଦୁନିଆ କୋଉଠି, କେମିତ, କେତେ ବଡ଼, ଆମ ଏ ଗାଁରେ
କଏ ଜାଣେ ? କୋଉଠିକି ଯିବ ? କାହା ଭରସାରେ ବା
ଯିବ ?

ମଣି—ବୁଲିଯିବୁଁ ଆଗି ଯୁଆଡ଼କ ପାଇବ ।

ମଦାର—ଏଠି ଲୋକଙ୍କ ପ୍ରାଣରେ ପିଜା ମାୟାମମତା ନାହିଁ । ଏଠୁ
ବାହାରିଗଲେ କେଉଁ ତ ହେଲେ ଆମକୁ ଦୟା କରିବେ !

ଗୋପାଳ—ଆରେ ପାଗଳୀ ! ଜାଣିଚୁ, ଏ ଦୁନିଆ କେତେ ବଡ଼ ?
ଦୁନିଆ କଥା ଛାଡ଼—ଆମର ଏଇ ଭାରତ କେତେ ବଡ଼
ଜାଣିଚୁ ? ଅମର ଏଇ ଛୋଟିଆ ଗାଁରେ ରହି ସାରା ଦୁନିଆର
କଳ୍ପନା କରୁଚୁ । ଆମର ଏଇ ଭାରତରେ ଇମିତ ସାଢ଼େ
ସାତ ଲକ୍ଷ ଗାଁ ଅଛି । ଆମର ଏଇ ଜନ୍ମମାଟି, ଏଇ ଛୋଟ
ଗାଁ ହେଉଛି ଆମର ଭରସା । ଏଇଠିକାର ପଡ଼କୁଢ଼ିଆ ଆମର

Digitized by srujanika@gmail.com

ବଜ୍ରଜଆସ । ଜନ୍ମମାଟିର ମାୟା କଣ କମ ନୁହେଁ ରେ ପାଗଳୀ ! ମା' କୋଳ ଛାଡ଼ିଯିବା କୌଣସି ସନ୍ତାନପକ୍ଷେ ଖାଲି ଅନୁଚିତ ନୁହେଁ, ବିପଦକୁ ବରଣ କରି ଆଣିବା । ସୁଖ ଆସୁ, ଦୁଃଖ ଆସୁ, ସବୁ ହସି ହସି ଏଇଠି ଭୋଗ କରିବାକୁ ହେବ । ମନରେ ଦୁଃଖ ଆସିଲେ ଗୁଣ ଗାଣ କରିବା ଦରକାର । ଦୁଃଖ ସବୁ କଷ୍ଟ ସହ୍ୟ କରିଯିବା ଉଚିତ । ଦୁଃଖ ଯିଏ ନ ସହିଛି ସୁଖ କ'ଣ ସେ ଜାଣିପାରିବ ?

ମଣି—କେତେ ବା କଏ ସହ୍ୟ କରିବ, କୁହ ତ ଦାଦା ?

ଗୋପାଳ—ସେ ସୁଖ ସେଇ ଜାଣନ୍ତି ଯିଏ ସହ୍ୟ କରନ୍ତି ।

ମନ୍ଦାର—କମିତ ସହ୍ୟ କରିବ କୁହ ତ ଦାଦା, ମୋ ବାପ ବୟସର ଗୋଟାଏ ବୁଢ଼ା ସହିତ ମତେ ବାହା କରିଦେବେ—ଏଇଆ ମୁଁ ସହ୍ୟ କରିବି ? ଜୀବନ ମୋର ନଷ୍ଟ ହେଇଯାଉ—ଏଇଟା କ'ଣ ତମ ସମସ୍ତଙ୍କର ଇଚ୍ଛା ?

ଗୋପାଳ—ଧୈର୍ଯ୍ୟ ଧର ରେ ପାଗଳୀ, ଇଏ ହୁଏତ ଭଗବାନଙ୍କର ଗୋଟିଏ ପରୀକ୍ଷା ।

ମନ୍ଦାର—ସେ ପରୀକ୍ଷା ପାଇଁ ଆଉ ଧୈର୍ଯ୍ୟ ନାହିଁ, ଦାଦା ! ଆମେ ଚାଲିଯିବୁଁ ।

ଗୋପାଳ—ସେ କଥା କହନା, ମନ୍ଦାର ! ମଣି ଚାଲିଯାଉ ଇଚ୍ଛାରେ, କିନ୍ତୁ ତୁ ଯାଇପାରିବୁନି । ତୁ ନାବାଳକ । ଥାନାରେ ଏତଲା ହେବା ସାଙ୍ଗେ ସାଙ୍ଗେ ପୋଲିସ ତତେ ଧରିଆଣିବ ।

ମଣି—ତାଙ୍କ କଥା କାହିଁକି ଶୁଣୁଛୁ ? ମନ୍ଦାର ! ଆମେ ଯାହା ଠିକ୍ କରିଥାଇଁ ସେଇଆ କରିବା ! ଚାଲ୍, ଯିବା ଚାଲ୍ (ଦୁହେଁ ଚାଲିଗଲେ)

ଗୋପାଳ—ପାଗଳା······(ହସିଲେ)

Digitized by srujanika@gmail.com

ତୃତୀୟ ଦୃଶ୍ୟ

(ଗାଁ ଦାଣ୍ଡ, କଥାବାର୍ତ୍ତା ହୋଇ ପ୍ରବେଶ କଲେ ଦଫାଦାର ଓ ରୁପା ସାଉକାର)

ରୁପା—ବୁଝିଲ ଦଫାଦାରେ ! ଏକଥା ସମସ୍ତଙ୍କୁ କହିବାର ନୁହେଁ ନା—ସେଇଥିପାଇଁ ତୁମକୁ ଏଠିକି ଡ଼ାକିଆଣିଲି । ଶିବାକୁ ବି ଏଇଠିକି ଆସିବାକୁ କହିଚି । ତାକୁ ଠିକେ ଭଲକରି ପଢ଼େଇବାକୁ ହେବ । ନାଇଁ ତ ଠିକଣା ବେଳେ-ଦଗା ଦବ ।

ଦଫା—ତା ସତ ଯେ ସାଉକାରେ, ହେଲେ ମୁଁ କହୁଥିଲି···

ରୁପା—ତମର କିଛି କହିବା ଦରକାର ନାହିଁ, ବୁଝିଲ ଦଫାଦାରେ ! ମନେରଖ, ମୋରି ଯୋଗୁଁ ତୁମର ଚାକିରି; ନ ହେଲେ ତୁମର ଦଫାଦାରି କେବଠୁ ଯାଆନ୍ତାଣି । କେତେଥର ମୁଁ ତୁମ ପାଇଁ ସାହେବଙ୍କୁ କହିଚି ! ମୁଁ ଜାଣେ ତୁମେ, ଚାଲାକ ଲୋକ; ମୋ କଥାରୁ ତୁମେ କେବେହେଲେ ବାହାରିପିବନି ? ଏଇ ଶିବା ଆସିଲାଣି । ହେଇଟି ଠିକେ, ଦେଖିରହିଁ ତା' ସାଙ୍ଗରେ କଥାବାର୍ତ୍ତା କରିବ, ବୁଝିଲ ? (ଶିବା ପ୍ରବେଶ କଲା)କିଏ ଶିବୁ ! ମୁଁ ତ ଅପେକ୍ଷା କରିଥିଲି—ଭାବିଲି ଆସିବୁ କି ନାହିଁ ।

ଶିବ—ତା' କମିତହବ ? ଦଫାଦାରଙ୍କ କଥା କିଏ କେବେ ହାଗିଲାଣି ନା ?

ଦଫାଦାର—ଶିବ ! ଦଫାଦାରଙ୍କୁ ଦଣ୍ଡବତଟିଏ ଦିଅ । ଦେଖ ଶିବ ! ବଡ଼ ଖରାପ ସମୟ ଆସିଲାଣି । ଗାଁର ଭଲମନ୍ଦ ଏବେ ତୋ'ରି ଉପରେ । ମାମଲା ପଦ ସରକାରୀ ହେଉଛି—

Digitized by srujanika@gmail.com

କେତେବେ କଥା କ'ଣ କି । ପଛ ମାମଲାଟା ଦାଖଲ ହୁଏ ତେବେ ଜବାର ମାବଜଟା ମାଟି ହୋଇଯିବ ! ସେଥିପାଇଁ ଘଟଣାଟାକୁ ଆଉ ନ ବଢ଼ାଇ ଆପୋଷରେ ସମାଧାନ୍ କରିବାକୁ ହେବ । ଫେରାଦଟା ଛାଡ଼ କରିବାକୁ ହବ ।

ଶିବ—ସେଥିପାଇଁ ଫେରାଦ ? କି ଫେରାଦ ?

ରୂପା—ଫେରାଦ ହୋଇଛି ଦଫାଦାର ପାଖରେ ନୁହେଁ, କି ପଞ୍ଚାୟତରେ ବି ନୁହେଁ । ଏଇ ଆମ ଜାତିଆଣରେ ଫେରାଦ କରିବାକୁ ହେବ । କ'ଣ କହୁଚ ଦଫାଦାରେ ?

ଦଫା—ହଁ, ହଁ, କଥା ତ ସେଆ ।

ରୂପା—କ'ଣ ଫେରାଦ ହେବାକୁ ହବ ଜାଣିଚୁ !

ଶିବା—(ଆଶ୍ଚର୍ଯ୍ୟ ହୋଇ) କ'ଣ ?

ରୂପା—ଫେରାଦ ହେବାକୁ ହବ ଯେ ଏଇ ଜବା କମାର—ବୁଝିଲ ନା ? ଜବା କମାର—ଗୋଟାଏ ଅଧର୍ମୀ (ଭଲ ଭାବରେ ଦୁଇଜଣଙ୍କୁ ନିରୀକ୍ଷଣ କରି) ଗୋକୁଳ ଅଷ୍ଟମୀ ଦିନ ପଟୁଆର ବାହାରିଲା ବେଳେ—ବୁଝିଲୁ ?

ଦଫାଦାର—ସେ କଥା କାହିଁକି କହୁଚ ? ଏ ବର୍ଷ ପଟୁଆର ବାଜା ଶ୍ରେଣୀ—ହାବେଲୀମାନ ମହାଜନ ଉପରକୁ ଯାଇ-ଯୋଉ ହଲ୍ଲୋକମ୍ପ କରିଦେଲେ—ଦେଖିଲୁଟି ?

ରୂପା—ରହ ଦଫାଦାରେ, ଆଗେ ମୋ କଥା ଶୁଣ ! ସେତେବେଳେ ଜବା କ'ଣ କହୁଥିଲା ? ପଟୁଆର ସାଙ୍ଗରେ ଯିବାକୁ ମନା କରୁଥିଲା ନା ?

ଦଫାଦାର—ହଁ, ହଁ, ସେ ତ କହୁଥିଲା ।

ରୂପା—(ଶିବାପ୍ରତି) କଏ କହୁଥିଲା ?

ଶିବ—(ବୋକାଭଳି) କଏ କହୁଥିଲା ?

Digitized by srujanika@gmail.com

ରୂପା—ଜବା କହୁଥିଲ । ଜବା କହୁଥିଲ—ବିମାନ ଉପରୁ କୃଷ୍ଣ ମୂର୍ତ୍ତି ଆଣି ଭାଙ୍ଗିପକା ।

ଶିବ—(ଆଶ୍ଚର୍ଯ୍ୟ ହୋଇ) ନାହିଁ, ନାହିଁ ।

ରୂପା—ନାହିଁ ନାହିଁ କ'ଣ ? ମୂର୍ତ୍ତି ଭାଙ୍ଗିପକେଇବାକୁ ଜବା କହୁଥିଲା ନା ! ନା କ'ଣ କହୁଚ ଦଫାଦାରେ ?

ଦଫା—ହଁ, ସିଏ କହୁଥିଲ—ଆମେ ସମସ୍ତେ ଶୁଣିଚୁଁ ।

ରୂପା—ଶ୍ରଦ୍ଧା ଦବାକୁ ବି ମନା କରୁଥିଲ ।

ଶିବ—ସେ କଥା ତ ସିଏ କହିନାହିଁ, ସିଏ ନିଜେ ଶ୍ରଦ୍ଧା ଦେଲ ନାହିଁ । ହେଲେ କାହାକୁ ତ ସିଏ ଶ୍ରଦ୍ଧା ଦେବାକୁ ମନା କରିନ । ସିଏ ମନା କଲେ ବା ଶୁଣୁଚି କଏ ?

ରୂପା—ଏଁ, ଘରଘର ବୁଲି ସେ ମନା କରିଚି ! ମୁଁ ନିଜେ ଶୁଣିଚି ! କ'ଣ କହୁଚ ଦଫାଦାରେ ?

ଦଫାଦାର—ଜୁହେଁ ଆଉ କ'ଣ ? ମତେ ତ ନିଜେ ସେ ମନା କରିଚି ।

ଶିବା—ନାହିଁ, ନାହିଁ, ମିଛ କଥାଗୁଡ଼ାକ । ସେ ନିଜେ ନାସ୍ତିକ—ହେଲେ କାହାରିକି ସେ କେବେହେଲେ ମନା କରିନ କି କିଛି କରିବାକୁ ମଧ୍ୟ ବାଧ କରିନ ।

ରୂପା—ସେ ବରବର କହିବୁଲୁଚି । କ'ଣ କହୁଚି ? ମୂର୍ତ୍ତିଭାଙ୍ଗି ପକାଅ । ଆଉ ଭଗବାନଙ୍କ ନାଁରେ କେହି ଶ୍ରଦ୍ଧା ଦଅନି । କହୋ, ଦଫାଦରେ ?

ଦଫାଦାର—ହଁ, ଏକାବେଳକେ ସତ ।

ରୂପା—ପୁଣି ସିଏ କହୁଚି, ତା' ପୁଅ ବି କହିବୁଲୁଚି । ଏ କଥା ଏ ଗାଁରେ କଏ ନ ଜାଣେ ହୋ ପୁଣି ବାଡ଼ି ନେଇ ମୂର୍ତ୍ତି ଭାଙ୍ଗିବାକୁ ଯାଇଥିଲ ।

Digitized by srujanika@gmail.com

ଶିବ – କେବେ କଏ ଯାଇଥିଲା ମୂର୍ତ୍ତି ଭାଙ୍ଗିବାକୁ ?

ରୂପା—ଜନ୍ମାଷ୍ଟମୀ ଦିନ ରାତି ବାରଟାବେଳେ ମଣିଆ ବାଡ଼ି ନେଇ ଯାଇ ନ ଥିଲା ? କି ହୋ ଦ'ଫାଦାରେ ?

ଦଫାଦାର—ନୂହେଁ ତ କ'ଣ ? ମୁଁ ତାକୁ ଅଟକେଇଲି—ମୁଁ ନ ଥିଲେ ମୂର୍ତ୍ତି ଭାଙ୍ଗି ପକେଇ ଥା'ନ୍ତାନା ।

ରୂପା—ପ୍ରମାଣ ପାଇଲ ?

ଶିବ—(ଆଶ୍ଚର୍ଯ୍ୟ ହୋଇ) ତାଜୁବ୍ କଥା ! ମୁଁ ତ ସେଇଠି ଥିଲି—କାଇଁ ଦେଖିନି ତ ?

ରୂପା—ଦେଖି ନ ଥିବ କାହିଁକି ?

ଦଫା—ହଁ, ଶିବା ତ ସେଇଠି ଥିଲା—ସେତ ନିଜେ ମଣିଆଡ଼କୁ ଟାଣୁଥିଲା—

ଶିବ—ନା, ନା, ମୁଁ ସେଠି ନ ଥିଲି—କାହିଁକି ମିଛରେ ଜଣକ ନାଁରେ କହୁଛ ? ମଣିଆ ମୋଟେ ସେ ଜାଗା ମାଡ଼ିନି ।

ଦଫା—(ପାଟିକରି) ଏଁ, ତୁ ନିଜେ ମଣିଆକୁ ଟାଣୁ ନ ଥିଲୁ ? ମୁଁ ନିଜେ ତତେ ଟାଣୁଥିଲି—ମତେ ତଉକିଆ ଟାଣୁଥିଲା—ତଉକିଆକୁ ଗାଁ ବାଲା ଟାଣୁଥିଲେ—ତୁ ମତେ ଫାଙ୍କିଦେବୁ ?

ରୂପା—ହଉ, ହଉ, ଦଫାଦାରେ, ଟିକେ ରୁହ । (ଶିବପ୍ରତି) ଦେଖ୍ ଶିବ ! କଲେକ୍ଟର ସାହେବ ମୋର ସାଙ୍ଗ—ସାଙ୍ଗ ହୋଇ ଆମେ ପଢ଼ୁଥିଲୁଁ ! ଆଜି ତହସିଲଦାରଙ୍କୁ ଦେଖିଛୁଟି—ସିଏ କମିତି ମୋ ସାଙ୍ଗରେ କଥାବାର୍ତ୍ତା କରନ୍ତି—କମିତି ମୋ କାନ୍ଧରେ ହାତ ପକେଇ ବୁଲନ୍ତି ? ଦଫାଦାରେ ଦଶ ହାତ ଦୂରରେ ଥାଇ ସଲାମ ପକାନ୍ତି । ବୁଝିଲୁ ? ହଁ, ମୁଁ କ'ଣ କହୁଥିଲି କି—ମଣିଆ ବାଡ଼ି ନେଇ ଦୌଡ଼ିଲା —

ଶିବ – ନାହିଁ, ନାହିଁ, ମୁଁ ମିଛ କହିବିନି ।

Digitized by srujanika@gmail.com

ରୂପା—କହିଲ, ମୁଁ ମିଛ କହୁଚନି ! ଆରେ, ମିଛ ଗୋଟାଏ କ'ଣ ? ଯୋଉଟା ପ୍ରମାଣ ହେଲା ସେଇଟା ସତ—ଯୋଉଟା ଅପ୍ରମାଣ ହେଲା ସେଇଟା ମିଛ । ଆମରତ ଠିକ୍ ପ୍ରମାଣ ଦେଲେ ହେଲା ! କଣହୋ ଦଫାଦାରେ ?

ଦଫା—ହଁ ମୁ ଦେଖିଛି; ଆଜି ଶିବା ତ ଦେଖିଛି ।

ଶିବ—କ'ଣ କହୁଛ ତୁମେ ?

ରୂପା—କିଛି ନାହିଁ, କିଛି ନାହିଁ, ତା' ହେଲେ କଥା ଆମର ସାର ହୋଇ ଗଲା । ଆଚ୍ଛା, କହିଲୁ ଶିବ ! ମୁଁ ଶୁଣିଲି, କୁଆଡ଼େ ତୋ'ର ଗୁଡ଼ାଏ କରଜ ଅଛି—ମହାଜନ କୁଆଡ଼େ ଧାରଣା ଦେଇ ବସିଚି ତୋ' ଦୁଆରେ ? ଆରେ, ମତେ ଜଣା ନାହିଁ ? ସବୁ ଜଣା ମତେ । ମୁଁ ଯଦି ସବୁ ନ ଜାଣିବ ତମେସବୁ ମତେ ମୁଖିଆ କରି ରଖିଛ କାହିଁକି ? ଆଚ୍ଛା, କହିଲୁ—କେତେ ଟଙ୍କା ଦରକାର ?

ଶିବ—କ'ଣ କହିବି ସାଇଁକାରେ ! ମରିଯିବା ପଛକେ ଭଲ—ହେଲେ ପିତୃପିତା ଅମଳର ଭିଟାମାଟି ଅସବ ଜାଗିଁ ଥାଉଁ ଥାଉଁ ଆଜି କିଏ ଦଖଲ କରିବ ! ଏଇକଥା ଭାବି ଭାବି ଖାଲି ଛଟପଟ ହେଉଛି । କରଜ ତ ବହୁତ ଅଛି, ହେଲେ···

ରୂପା—ହଁ, ହଁ, କହୁନୁ । ମୋ ପାଖରେ ଗୋଟାଏ ଲୁଚଉଚୁ କ'ଣ କି ? ଯାହା ଦରକାର ହବ ଦେବି । ମୋ ପାଖରେ ସେ କଥା ଛଡ଼ା କାମ ଚଳିବନି । ବନ୍ଧୁ ବାନ୍ଧବାକୁ ଯାଉଥାଇଁ—ତୁମ ଜ୍ୱାଇଁ ଯଦି ତମ ଇଜ୍ଜତ ନ ରଖିବ ତା' ହେଲେ ରଖିବ କିଏ ? କୁହ କେତେ ଟଙ୍କା ଦରକାର ?

ଶିବ—(ଢେଁପ ଢୋକି) ମହାଜନ ପଚିଶ ଟଙ୍କା ପାଇଁ ଅସି ଧାରଣା ଦେଇଚି ।

Digitized by srujanika@gmail.com

ରୂପା—ଏଇ କଥା ! (ପକେଟରୁ ମନିବ୍ୟାଗ କାଢି ପଚିଶ ଟଙ୍କା ଦେଲା) ଏଇ କଥାକୁ ଗୋଟାଏ ଭାବନା କଣ ?

ଶିବ—ହେଲେ, କାଗଜପତ୍ର ?

ରୂପା—କାଗଜପତ୍ର ! କି କାଗଜପତ୍ର ? ଆମର ତ ଇମିତ ଦଉଆ-ନିଆ ଚାଲିଛି—ଏକାବେଳକେ ଅସୁଲ ହେଇଯିବନି ! ଆଜି ଏବେ ସବୁ ଠିକ୍‌ଠାକ ହେଇଗଲା ତ ? କ'ଣ କହୁଚ ଦଫାଦାରେ ?

ଦଫାଦାର—ହଁ, ଯା ଗୋଟେ କହିବାକୁ ଅଛି ? ସାଉକାରଙ୍କ କାମ—ସେଥିରେ କେଉଁଠିକି ରହନ୍ତା ନାଁ ! କହୋ ଶିବ ! ତା'ହେଲେ ମୁଁ ଆସୁଚି ।

ରୂପା—ହଉ ! ବୁଝିଲୁ ଶିବ ! ମନେ ରହିଲାଟି ? ଭୁଲିଯିବୁନି । ମୁଁ ତା'ହେଲେ ଯାଉଚି ।

ଦଫାଦାର—ହଉ ଶିବ ଦଫାଦାରଙ୍କୁ ଦଣ୍ଡବତଟିଏ କୁହ । (ଦଫାଦାର ଓ ରୂପ ଚାଲିଗଲେ—ଶିବ ଛିଡ଼ା ହେଇ ଟଙ୍କା ଗଣୁଥିଲା—(ପ୍ରବେଶ କଲା ଗୋପାଳ)

ଗୋପାଳ—କଏ, ଶିବ ଭାଇ !

ଶିବ—(ଚମକିଉଠି ଟଙ୍କାଗୁଡ଼ାକ ପକେଟରେ ରଖିଦେଲା)

ଗୋପାଳ—କ'ଣ କାମଦାମ କୋଉଠି ମିଳିଲା କି ?

ଶିବ—(ଇତସ୍ତତଃ ହୋଇ) କ'ଣ ଆଉ ପଚାରୁଚ, ଗୋପାଳ ! ଆଜିକାଲି କାମ କୋଉଠି ମିଳୁଚି ? ଜଣେ ଲୋକ ଏବେ ଆସି କାମ ଗୋଟାଏ ବରାଦ ଦେଲା ଯେ—ଲୁହା କିଛି କିଣିବାକୁ ହବ । ଟଙ୍କା ବ କିଛି ଦେଇଛି ।

ଗୋପାଳ—କଏ ? ସାଉକାର, ନା ଦଫାଦାର ମ ?

ଶିବ—ନାଇଁ, ନାଇଁ, ତାଙ୍କର ମାଇପରେ କାମଟା ମିଳିଲା !

Digitized by srujanika@gmail.com

ଗୋପାଳ —ହୁଁ, ମତେ ବୁଝୁଛ ଶିବଭାଇ ! ମୁଁ ଦୁଧଖିଆ ଛୁଆ ନୁହେଁମ !

ଶିବ—ତୁମେ ଆଜି କିଛି ଶୁଣିଲ କି ? ସାହୁକାରଠୁଁ କିଛି ଟଙ୍କା କରଜ ଆଣିଲା । ମହାଜନ ଦୁଆରେ ମୁଣ୍ଡରେ ଧାରଣା ଦେଇ ବସିଛି ନା !

ଗୋପାଳ—ତା' ହେଲେ ଅନ୍ୟ କେଉଁଠୁ ଦେଖିଲନି ?

ଶିବ—ନାହିଁ, ନିଜ ଜାତିପୁଅ ଥାଉଁ ଥାଉଁ କାହିଁକି କୁଆଡ଼େ ଯିବ ? ଆଜି କାହା ପାଖକୁ ଗଲେ ବନ୍ଧାଛନ୍ଦା କିଛି ନ ରଖିଲେ କି ସେ କ'ଣ ଟଙ୍କା ଦେବ ?

ଗୋପାଳ—ଦେଖ ଶିବଭାଇ ! ଏଇଟା ଠିକ୍ ହେଲନି ! ରୂପା ସାହୁକାରକୁ ତମେ ଭଲ କରି ଚିହ୍ନିଚ । ମୋର ସେ ସାଙ୍ଗ । ହେଲେ କି, ମୁଁ ମରିଯିବି ସିନ'—ତା'ଠୁ କିଛି ଆଣିବନି । କାହିଁକି ଜାଣିଚ ? ଏ ଟଙ୍କାଟା ଦେଇ ସେ ଶହେ ଟଙ୍କା ଆଦାୟ କରିବା ଲୋକ ? ଦେଲାବେଳକୁ ହସି ହସି ଦେବ । ନେଲାବେଳକୁ ତଣ୍ଟି ଚିପି ନବ !

ଶିବ—କ'ଣ ହେଲା, ମୋ ତଣ୍ଟି ଚିପିବ ! ମୁଁ କଣ ଗୁଣା ଜାଣୁ ନା କ'ଣ ?

ଗୋପାଳ—ହଉ ଛାଡ଼ ! ମନ୍ଦାର ପାଇଁ କ'ଣ କରୁଛ, କହିଲ ।

ଶିବ—ଆମର ଏ ମନ୍ଦାର କଥା ପଚାରୁଚ ? ତା' କଥା ତ ପ୍ରଥମରୁ ଠିକ ହୋଇଚି । ପିଲାଟା ସୁଖରେ ରହିବ । ଆଜି ରୂପା ସାହୁକାରକୁ ତ ଦେଖୁଛ—କୌଣସିଥିରେ ଊଣା ନୁହେଁ । କୁଟାଖଣ୍ଡିକ ବି ତାକୁ ଦି'ଖଣ୍ଡ କରିବାକୁ ହେବନି ।

ଗୋପାଳ—ହେଲେ ତା ବୟସ କେତେ ହେଉଛି ? ଆମ ତମ ବୟସରୁ କଣ କମ୍ ? ମନ୍ଦାରର ବାପ ସମାନ ସିଏ । ଦି'ଦି'ଟା

Digitized by srujanika@gmail.com

ଘରିଯାଙ୍କୁ ଖୁଟେଖଇ ଖୁଖେଇ ମାରିଲା । ତା' ଚାଲିଚଳନକୁ ଦେଖୁଛ ? ହାଟବାଟକୁ ଯିବାଆସିବା କରୁଥିବା ମାଇକିନିଆ ମାନେ ବି ତାକୁ ଡରୁଛନ୍ତି । ତା ସାଙ୍ଗରେ ତମେ ମଦାରର ବାହାଘର କରିବ ?

ଶିବ—ଦେଖ ଗୋପାଳ ଆମ କମାର ଘର କଥା ନେଇ ତୁମେ ଚିନ୍ତା ଚଢ଼ିବା ଠିକ୍ ନୁହେଁ । ମୁଁ ସବୁ ଜାଣେ । ତୁମ ଆଖିଠା ବି କୋଉଠି ମୁଁ ଜାଣେ । ମୋ ମନ ମୁଁ ଯାହା କରିବ ।

ଗୋପାଳ—ତା' ବୋଲି ଝିଅଟାକୁ ବଳି ଦବ ?

ଶିବ—ମୋର ଯାହା ମନ ହେଲା ମୁଁ କରିବ ହୋ ! ତମର ସେଥିରେ କ'ଣ ଅଛି ? ଆଜି ଏକଥା ବି କହିଦେଉଛି—ଆମ ଘରକଥା ନେଇ ତୁମେ ଏଣିକି ମୁଣ୍ଡ ଖେଳେଇବ ନାହିଁ ।

ଗୋପାଳ—ତା' ହେଲେ ଏଠି ଲୁଚିଲୁଚିକରି କ'ଣ ଏତେବେଳେ-ଯାଏ କଥାବାର୍ତ୍ତା ହେଉଥିଲ କହିଲ ? ଗାଁର କୋଉ କଥା ଏଠି ଆଲୋଚନା ହେଉଥିଲା ? ତମ ଘର କଥା, ନା ବାହାର କଥା ?

ଶିବ—ମୁଁ ବି ତ ଜଣେ ପଞ୍ଚାୟତର ମେମ୍ବର । ଗାଁର ଭଲମନ୍ଦ ଖବର ମୁଁ ବୁଝିବନି ! ଯାହା ହବ ଦେଖାଯିବ । ହେଲେ, ଆମ ଘର କଥାନେଇ ତୁମେ ଏଣିକି ପାଟି ଫିଟେଇବ ନାହିଁ । (ତମ ତମ ହେଇ ଚାଲିଗଲା—ଗୋପାଳ ତା' ଯିବା ବାଟକୁ ଚାହିଁ ଠିକେ ରହିଲା—ତା ପରେ ସେ ବି ଚାଲିଗଲା)

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ

(ଜବାଭ ଘର । ମନ୍ଦାର ପିଣ୍ଡା ଉପରେ ବସି ଗୁଣୁ ଗୁଣୁ ହୋଇ ଗୀତ ଗାଉଥିଲା । ପ୍ରବେଶ କଲା ମଣି)

ମଣି—ଏଇଟା ଠିକ୍ ହଉନାଇଁ, ମନ୍ଦାର !

ମନ୍ଦାର—କ'ଣ ହଉ ନାହିଁ, ଏ ଗୀତ ? ତୁ କ'ଣ ଭାବୁଛୁ ତୁ ଏକା ଗାଇପାରୁ ବୋଲି ?

ମଣି—ମତେ ଆସୁଚ କାଇଁ ? ଓଲଟା ପିଧା କର ଖାଲି ଚିମିଚ ଗୁଣୁ ଗୁଣୁ ହୁଏନା ! ତୋ ଗଳାଟି ମିଠା—ଗାଉଚୁ ବି ଭଲ । ମୁଁ ସେ ଠିକ୍ ହେଲା ନାହିଁ ବୋଲି କହୁଥିଲି—ଗୀତ କଥା ନୁହେଁ; ତୁ କାହିଁକି ଏଠିକି ଆସିଲୁ ?

ମନ୍ଦାର—ଆସିବାକୁ ମନା କ'ଣ ସେ ?

ମଣି—ମନା ତ ନାହିଁ । ହେଲେ ଏ ଘର କ'ଣ ଘର ହୋଇ ଅଛି ? ମାଶାଣି ଭୂଇଁ—ବୁଝିଲୁ ମନ୍ଦାର, ମଶାଣି ଭୂଇଁ । ଜନଗଣ ଖାଲି ଯୋଡ଼ାଏ ପିଶାଚ ଏଠି ରହୁଛନ୍ତି । ମଣିଷ ରହିବାର ଯାଗା ଇଏ ନୁହେଁ । ତୁ କାହିଁକି ଏଠିକି ଆସିଲୁ? ତୁ ଘରେ ନାହୁଁ ବୋଲି ଯଦି କିଏ ଦେଖେ ?

ମନ୍ଦାର—(ଖଟି ପାଖରେ ପଡ଼ିଥିବା ଟୁଲ ଉପରେ ବସିପଡ଼ିଲା) ଦେଖିଲେ ସେଇଠୁ ? ମାରିବେ ତ ? ମାରନ୍ତୁ ! ଇଏ କୋଉ ନୂଆ କଥା ଯେ ? ସବୁଦିନେ ତ ମାଡ଼ ଖାଉଚ ; ଗୋଟାଏ ଅଭ୍ୟାସରେ ପଡ଼ିଗଲିଣି । ଦିନେ ମାଡ଼ ନ ଖାଇଲେ ଚିମିଚ ଭଲ ଲାଗୁନାହିଁ ।

ମଣି—ତୁମ ହ ।

Digitized by srujanika@gmail.com

ମନ୍ଦାର—ତାଙ୍କ ଭୁଲ ହେବ ? ହକ୍ କଥା ତ କହୁଚ । ସବୁଦିନେ
ତ ଇମିତି କହୁଚ । ହେଲେ ବୋଉର ଧନ କମିକି ଯାଉଚ
ମୁଁ କ'ଣ ଦେଖୁନି ! ଶଲ୍ୟାରେ ଶଲ୍ୟାରେ ତ ଆସ୍ଥି ସରିଲଣି ।
ମୁଁ ପିନା ସବୁ କଥାରେ ହସିଦେଉଚ—ଯାହାମରେ ତା
କହୁଦେଉଚ ମନ ହାଲୁକା କରିବା ପାଇଁ; ହେଲେ ତା'
ମୁଁ ହରୁ କେବେ କହୁ ଶୁଣିନୁ କାହାକୁ କହିବା ? (ଇତ୍ୟ-
ବସରରେ ରେଣୁକା ଆସିଚି—ମଣି, ମନ୍ଦାର କେହି ତାକୁ
ଦେଖିନାହାନ୍ତି—ରେଣୁକା ପଛେ ପଛେ କବା ହ ଆସିଛି—
କେହି କାହାକୁ ଦେଖିନାହାନ୍ତି । ରେଣୁକା ଧୀରେ ଧୀରେ
ମନ୍ଦାର ପାଖକୁ ଆସିଲା ।) କଏ ? ବୋଉ ! ମୁଁ ଜାଣିଥିଲି
ତୁ ଆସିବୁ । କାହିଁକି ମୋ ପିଛୁ ଧରୁଚୁ, କହିଲୁ ?

ରେଣୁକା—କି କଥା ତୁ କହୁଚୁ, କହିଲୁ ? କ'ଣ ମୁଁ ତୋ
ପିଛୁ ଧରିଲି ? ଆସି ଅଧା ର ହେଲା—ଏତେବେଳଯାଏ ତ
ଘରକୁ ଗଲୁନାହିଁ । ନଈକୂଳକୁ ଗଲି ଯେ ସେଠି ଥାଉଲ
ନାହିଁ ବୋଲି ଏଠିକି ଆସିଲି । ଆଜି କ'ଣ ତୋ' ପିଛୁ
ଧରାକି, କହିଲୁ ? ଘରେ ନାହିଁ ବୋଲି ତୋ' ବାପା ଶୁଣିଲେ
ଆଜି କ'ଣ ବାକି ରଖିବ ? ମନରେ କାହିଁକି ଗୁଡ଼ାଏ ମାଡ଼
ଖାଉଛୁ, କହିଲୁ । ନିଜେ ତ ଯାହା ହଉଚୁ ହଉଚୁ—ମତେ
ବି ତା' ସଙ୍ଗରେ ଜଳେଇ ପୋଡ଼େଇ ମାରୁଚୁ !

ମନ୍ଦାର—ତା' ହେଲେ କ'ଣ କରିବ ଯେ ?

ରେଣୁକା—ତା' କଥାରେ ଯେତେ ବୁଝାବୁ କାହିଁକି ସେ ପଢେ
କହିବ ? ତୋ'ର ପିଲା କୁଆଡ଼କୁ ନଜର ନାହିଁ, ହେଲେ
ମୋ ଛାତି ଫାଟିଯାଉଚି ।

Digitized by srujanika@gmail.com

ମଣି—ତୁ ଘରକୁ ଯା ମନ୍ଦାର ! ମୁଁ ତାକୁ ପଗ ସେତେବେଳୁ କହୁଛି ; ହେଲେ ସିଏ କ'ଣ କାହା କଥା ଶୁଣୁଛି ?

ରେଣୁକା—(ମୁହରେ ହସ) ଏବେ ସିନା ଇମିତି ହଉଛ ! ବାହାଘର ସରିଗଲେ ?

ମନ୍ଦାର—ବାହାଘର ସରିଗଲେ ? କାହା ସଙ୍ଗରେ ବାହାଘର ସରିଗଲେ ? ସେ ବଦମାସ୍ଟା ସାଙ୍ଗରେ ହବ ମୋର ବାହାଘର !

ମଣି—ବଦମାସ୍ ! ମୁଁ ବଦମାସ୍ ! ଦେଖୁଛ, ମତେ ବଦମାସ କହୁଛି, ମତେ ବଦମାସ କହୁଛି ତ ଲୋକ ଶୁଣିଲେ କ'ଣ କହିବେ ? ହଉ, ସେ ବୁଢ଼ା ସାଙ୍ଗରେ ତୋ'ର ବାହାଘର ହେଲେ ଠିକ୍ ହେବ ।

ମନ୍ଦାର—ତା'ଠୁ ହବ ! ମତେ ବନ୍ଧା ପକେଇ ଦାନ୍ଦ ତା'ଠୁ ଟଙ୍କା ଆଣିଛନ୍ତି । (ଏତିକିବେଳେ ପଛପଟୁ କକା ଡାକିଲା)

କକା—ରେଣୁ ! ଝିଅକୁ ନେଇ ତୁ ଚାଲିଯା—ଆଉ କେବେହେଲେ ମୋ ଘରକୁ ଆସିବୁନି । ଏବେ ତୋ' ଝିଅର ସାଙ୍ଗରେ ଦେଖା ହେଇଥିଲି । କଉଜ କଲେ ଲୋକ ମଣିଷମଣିଆ ଭୁଲିଯାଏ ବୋଲି ମୁଁ ଜାଣି ନ ଥିଲି । ପାଞ୍ଚରେ ତ ଦେଖୁଛୁ ମୋର ଗୋଟିଏ ହେଲେ ପଇସା ନାହିଁ । ତାହାଲି ସମସ୍ତେ ମୋର ବଇରୀ—ସମସ୍ତେ ଯିମିତି ମୋ ମରିବାକୁ ଠାକି ବସିଛନ୍ତି । ମୁଁ ତତେ କି ବଳ ଦେଇ କହିଲି ?

ରେଣୁକା—କେବେ ତୁମକୁ ବଳ ଦବା ପାଇଁ କହିଛି ଯେ ? କେହି ମତେ ବଳ ଦବା ଦରକାର ନାହିଁ । ମୋ ଭାଗ୍ୟରେ ଯାହା ଲେଖା ଅଛି ସେୟା ମୁଁ ଭୋଗ କରୁଛି । ଖାଲି ଏଇ ଝିଅଟା ପାଇଁ ମୋର ଯାହା ଭାବନା ।

Digitized by srujanika@gmail.com

ମଦାର—(ଅଟ୍ଟହାସ କରି) ଝିଅ ପାଇଁ ଖାଲି ଯାହା ଭାବନା ! କୁଆଡ଼କୁ ଯିବନି—କଣ୍ଟୁ କରିବନି—କାହିଁକି ? କି ଦୋଷ ମୁଁ କରିଚି କାହାର ? ଚୋରି କରିଚି, ନା କାହାକୁ ଖୁନ୍ କରିଚି ? ମୁଁ ଚୋର ନା ଡାକୁ ?

ଜବା—ଦେଖ୍ ମଦାର ! ତୁ ଚୋରଣୀ ନୁହଁ । ଚୋରି ଡକେଇତି କରିବାକୁ ତୋ'ର ବଳ ନାହିଁ—ଖୁନ୍ କରିବାକୁ ତୋ'ର ସାହସ ନାହିଁ । ତୁ ଯଦି ଖ୍ରୁମା ହୋଇଥାନ୍ତୁ ତା'ହେଲେ ଏ ଗାଁରେ ଶିବା ଆଉ ରୂପା ସାଉକାର କେବଠୁ ଖୁନ୍ ହୋଇ-ସାରନ୍ତେଣି । ମୋ ଘରକୁ ଆସିବାକୁ ଏଇଥିପାଇଁ ମନା କରୁଚି ଯେ ତୋ ମନ ଉପରେ ତୁ ମାଲିକ ନୋହୁଁ । ତୋ, ମା'ର ବି ତୋ' ଉପରେ ଅଧିକାର ନାହିଁ । ତୋ'ର ଭଲମନ୍ଦ ବୁଝିବାକୁ ଅନ୍ୟ ଲୋକ ଅଛି । ଏଇଥିପାଇଁ ମୁଁ ତତେ ଏଠିକି ଆସିବାକୁ ମନା କରୁଚି, ବୁଝିଲୁ ? (ଝିକଏ ରହି) କ'ଣ ଗଲୁନାଇଁ ଯେ ?

ମଦାର—କପିଲା ଯିବ ଯେ ?

ଜବା—ତୋ' ମା ଯିବ ।

ରେଣୁକା—ତମ ସାଙ୍ଗରେ ମୋର ଟିକେ କଥାବାର୍ତ୍ତା ଅଛି ।

ମଣି—ମୁଁ ଛାଡ଼ିଦେଇ ଆସିବି ?

ଜବା—ହଁ ତୁ ତ ସେୟା ଖୁଜୁଁଥିଲୁ ! ହଉ ଯା, ଦୁରରୁ ଘର ଦେଖେଇ ଦେଇ ଚଞ୍ଚଳ ଆସିବୁ । (ମଦାର ଚାଲିଯାଉଥିଲା) ବାହାରେ ଶୁଖିଲା କାଠ ଖଣ୍ଡାଏ ପଡ଼ିଛି, ନେଇଯିବୁ । (ମଦାର କ'ଣ କହିବାକୁ ଯାଉଥିଲା, ଜବା ତାକୁ ଲକ୍ଷ୍ୟ କରି) ମୁଁ ତୁମର ଉପକାର କରିବାକୁ କହୁନି—ହେଲେ ଘୋଡାଏ କାଳି କାରଣ ତ ଥିବା ଦରକାର । ଯା, ନେଇ ଯା ସେ କାଠ

Digitized by srujanika@gmail.com

ଚଡ଼ାକ । (ଦୁହେଁ ଘୁଞ୍ଚିଗଲେ—କିଛି ସମସ୍ତ ନୀରବରେ କଟିଗଲା—ତା' ପରେ ଜବା ଆରମ୍ଭ କଲା) ହୁଁ, କ'ଣ କହିବୁ ବୋଲି କହୁଥିଲୁ ?

ରେଣୁ—କ'ଣ କହିବି ? ହଜାର ଥର ତ ତୁମକୁ କହିଲିଣି ।

ଜବା—କହିଲୁଣି ତ, ତା' ହେଲେ ଯା—

ରେଣୁକା—ମହାଜନ ଧାରଣା ଦେଇ ବସିଥିଲା; ଘର କୋରଖ ହବାର କଥା । ହେଲେ କୋଉଠୁ ସେ ପଚ୍ଚଶ ଟଙ୍କା ଆଣିଲା—ମତେ କାହିଁ କିଛି ଭଲ ଲାଗୁନି । ପଚାରିଲେ ବି କିଛି କହୁନାହିଁ । କୋଉଠୁ କରଜ କରି ଆଣିଛି କି କ'ଣ ?

ଜବା—କ'ଣ ହେଲା ? ରୂପ ସାଉକାରଠୁ ଆଣିଥିବ !

ରେଣୁକା—ସେଇଥିପାଇଁ ମତେ ଭଲ ଲାଗୁନି । କେତେ ଟଙ୍କା ଯେ ଆଣିଛି ତା' ଭଗବାନ ଜାଣନ୍ତି । ତା'ର କଣ ଆଗ ଅଛି ନା ପଛ ଅଛି ? ଆଜି କାହାର କିଛି ହବନି—ମୋର ପିଲାଟିର ଜୀବନ ମାଟି ହେଇଯିବ । ତା' ଘରଦ୍ୱାର ସେ ବଞ୍ଚେଇ ରଖିବାପାଇଁ, ଦେଖୁଛି, ଶେଷରେ ମୋର ପିଲାଟାକୁ ନେଇ ବୁଡ଼େଇ ମାରିବ ।

ଜବା—ତାଙ୍କର ତ ସବୁ ଠିକଣା ହେଇଯାଇଛି—ସେଥିରେ ତୋ'ର କିଛି କରିବାର ନାହିଁ କି ମୋର ବି କରିବାର ନାହିଁ । ମୋ ପାଖରେ ଯଦି କିଛି ପଇସାପତ୍ର ଥାଆନ୍ତା ତା ହେଲେ କ'ଣ ଆଜଯାଏ ତୋର କରଜ ଥାନ୍ତା ? କିଛି ଉପାୟ ନାହିଁ ରେଣୁ, କିଛି ଉପାୟ ନାହିଁ । ସବୁଠୁ ଅଡ଼ୁଆ କଥା ହେଉଛି, ମହାର ଏଇନେ ନାବାଳକ ! ଯେତେଦିନ ଯାକେ ନାବାଳକ ନ କଟିଛି ସେତେଦିନ ଯାକେ ତାକୁ

Digitized by srujanika@gmail.com

ଅଟକେଇ ରଖିବା ଛଡ଼ା କିଛି ନାହିଁ । (ମଣି ପ୍ରବେଶ କଲା)
କଉ ଚଞ୍ଚଳ ଆସିଲୁ ?

ମଣି—ବାଟରେ ତା ଦାଦା ଆସୁଥିଲା—ଦେଖା ହେଲା । ସେ ଇଆଡ଼କୁ ଆସୁଥିଲା ।

ରେଣୁ—ତା ହେଲେ ମୁଁ ଯାଉଚି—ଟୋରୁଗାଙ୍କ ଭଲଆ ମୋ ପିଲାଟାକୁ ପିନ୍ଧି ପକାଇଥିବ ! (ତରବରରେ ଝୁଲାଗଣ୍ଠି-ଜବା ଯାଇ ଭାଟି ପାଖରେ ବସିଲା—ଭାଟି ଫୁଙ୍କି ନିଆଁ ତାଉ କରିବାକୁ ଚେଷ୍ଟା କଲା)

ମଣି—ଗୋଟାଏ କଥା କହିବି ବାପା ? (ଜବା ନୀରବ ରହିଲା) ବାପା !

ଜବା—ଉଁ ।

ମଣି—ମୁଁ କ'ଣ କରିବି କହିଲ ?

ଜବା—କୋଉ କଥା ?

ମଣି—ଏଇ ମଜାର କଥା ।

ଜବା—(ରୁକ୍ଷ କଣ୍ଠ) ଆଗ ନିଜ ଗୋଡ଼ରେ ଠିଆ ହେବାକୁ ଚେଷ୍ଟା କର ମଣି ! ଗଲା ଜ୍ୟେଷ୍ଠରୁ ତତେ କୋଡ଼ିଏ ପୂରିଲା । ତୁ କିଛି ପିଲା ନୋହୁଁ । ତୋର ତ କିଛି କାମ କରିବା ଦରକାର । ମୁଁ ତ ଥକା ବଳଦ—ପାଚିଲା ଆମ୍ବ ମୁଁ । କେତେଦିନ ଆଉ ମୁଁ ଖଟିପାରିବି ? ଗାଁରେ ତ ସମସ୍ତଙ୍କ ହାଳ ଆସି ବନ୍ଦ ହେବାକୁ ବସିଲାଣି । ଦୁନିଆର ତ ଧାର କିଛି ଧାରିଲୁନି—ସବୁବେଳେ ତ ବୁଲାଲୁ । ଖାଲି ବୁଲିବାରେ ତ ପେଟ ପୂରେ ନାହିଁ । ନିଜ ରାସ୍ତା ତ ତତେ ନିଜେ ଦେଖିବାକୁ ହେବ ! (ମଣି ମୁହଁ ଶୁଖେଇ ବସିଲା । ଜବା ତା ଆଡ଼କୁ ଅନେଇ ହସି) କ'ଣ ମୁହଁ ଶୁଖେଇ ବସିଗଲୁ ?

Digitized by srujanika@gmail.com

ମଣି—ତ'ଣ କରନ୍ତୁ ଯେ ? ଏବେ ତ ତାଙ୍କୁ ଗୁଣ୍ଡାଏ ମାରନ୍ତି — ଆମେ ଦେଖୁ ଦେଖୁ ସେ ଇମିତି ମାଡ ଖାଉଥିବ ?

ଜବା—କିନ୍ତୁ ଉପାୟ କ'ଣ ? ସହିନେବାକୁ ପଡ଼ିବ । ତା' ମା ତ ପୁଣି ସହ୍ୟ କରୁଚି ! ଆଜି ତୁ କାହିଁ ଇମିତି ହଉଚୁ ? ତତେ କାହିଁ ବାଧିଯାଉଚି ?

ମଣି—ତା' ମାକୁ କିଏ ମାରୁଚି ଯେ ?

ଜବା—ଆଜ ତତେ କିଏ ମାରିବାପାଇଁ ଆସୁଚି ଯେ ?

ମଣି—ଖାଲି ମାଡ଼ ଖାଇଲେ କ'ଣ ବାଧେ ?

ଜବା—ଆଉ ରେଣୁକୁ ବାଧୁନାହିଁ ପରା ? ତା'ର ମନ ନାହିଁ, ନା ?

ମଣି—ମାଇପି ଲୋକ । ମନ ଥିଲେ ବି କ'ଣ କରିବ ? ଗୋବ୍ରା-ଗାଣ୍ଡି ଭଲଆ ପିଏ ତାକୁ ମାରିଯାଉଚି । ସେ ଚଣ୍ଡାଳ କ'ଣ ତାକୁ ଜୀବନରେ ନ ମାରି ଛାଡ଼ିବ ? (ଜବା ହସିଲା) ତମକୁ ହସ ମାଡୁଚି, ନା ?

ଜବା—ହଉ, ହଉ, ତୁ ଗଲୁ ପିଢ଼ାଟା ଟିକେ ଲଗେଇ ଆଣିବୁ । (ମଣି ପିଢ଼ା ନେଇ ଘଟିରେ ଲଗେଇଲା । ଜବା କହିଚାଲିଥାଏ) ଦେଖ୍ ମଣି ! ତାକୁ ଏଠିକି ଆଣି କ'ଣ ଖୋଇବୁ ? ଆମଣା ପେଟ ପୋଷିବାକୁ କ୍ଷମତା ନାହିଁ । ଫେର୍ ତିନୋଟି ପେଟ ପାଳିବ କିମିତି ? ପେଟପୂରା ନ ହେଲେ ବି ତାକୁ ତ ସେଠି ଗଣ୍ଡାଏ ଖାଇବାକୁ ମିଳୁଛି । କେବେ କେବେ ଗୋପାଳ ମିଠା ପିଠା ଦେଇଯାଉଛି । ଆଉ ମାଡ ଖାଇବା କଥା କହୁଲୁ ଯେ, ଗାଁରେ କିଏ କାହା ପିଲାକୁ ନ ମାରୁଛି ? କିଏ ଗେଲରେ ମାରୁଛି—କିଏ ରାଗରେ ମାରୁଛି—କିଏ ବା କିଛି କାମ ନ ଥିଲାବେଳେ ତୁଚ୍ଛାଟାରେ ହାତ ହଲେଇ ଦେଉଚି ।

Digitized by srujanika@gmail.com

ଖାଲି ମୁଁ ସେତକ କରେନାହିଁ ବୋଲି ମତେ ଗଧ ଛଳେ ଗଣୁଛନ୍ତି ।

ମଣି—ମଧାରକୁ ଶିବା କାହିଁକି ମାରିବ ? ସେ ତା'ର କିଏ ? ଘରଦ୍ୱାର ସମ୍ପତ୍ତିବାଡ଼ି ସବୁ ମଧାର ବାପର । ମେହେନତ କରି ରୋଜଗାର କରିଥିଲା ସିଏ । ଇଏ ବସି ବସି ଖାଇ ଆଜିର ତା'ଉପରେ ହୁକୁମତ କରୁଛି ! ଏଣେ ସମ୍ପତ୍ତିବାଡ଼ି ସବୁ ସିବାଉପରେ ।

ଜବା—ଯାଉ । ଆମର କ'ଣ ଅଛି ?

ମଣି—(ରୁଷିବା ଭଙ୍ଗୀରେ) ଆମେ ଦୁହେଁ ଚାଲିଯିବୁଁ ବୋଲି ଠିକ୍ କରିଛୁଁ ।

ଜବା—ହୁଁ (ହ'ଦମ୍ ପିକା ଟାଣି) କେବେ ଯିବ ? କୋଉଁଠିକି ଯିବ ? କ'ଣ ଖାଇବ ?

ମଣି—ଭିକମାଗି ଖାଇବୁଁ । ହେଲେ, ଏଠି ଆଉ ରହିବୁଁ ନାହିଁ ।

ଜବା—ହଁ ଦୁହେଁ ତ ଗୀତ ବୋଲି ଜାଣ ! ଯିବ ଯେବେ ମୋର ହତିଆର ମୁଣିଟା ସାଙ୍ଗରେ ନେଇଯିବ । ସେଇ ମୁଣି ଧରି ଗୀତ ବୋଲି ମୁଣିଏ ଲେଖାଏଁ ଚାଉଳ ମାଗିଆଣିଲେ ଦି'ଟା ପେଟ ଚଳିଯିବ । (ମଣି ରୁଷିଯାଇ ଗୋଟିଏ କୋଣରେ ବସିଲା) ମଣି, ଏଣେ ଆ । ଏତେ ଉତ୍ତଳା ହେବା ଠିକ୍ ନୁହେଁ । ଧୀର ପାଣି ପଥର କାଟେ । ଧୈର୍ଯ୍ୟ ଧରି କାମ କର । ତାକୁ ଆଗ ଷୋଳବର୍ଷ ପୂରିଯାଉ । ଯେତେ ମାଡ଼ ଖାଇଲେ ବି ସେ ମରିବନି । ତା' ପଞ୍ଜରା ବଡ଼ ଟାଣ ।
(ମଣି ରଗିକରି ଆସି ଚଉତରା ଉପରେ ବସିପଡ଼ିଲା)

[ଅଧିତ ଗୋପାଳ]

Digitized by srujanika@gmail.com

ମଣି—ତମକୁ ତ କିଛି ଜଣାପଡ଼ୁନି । ସବୁ କଥାକୁ ହାଲୁକା ଭାବେ ଉଡ଼େଇ ଦବାକୁ ବସିଚ !

ଜବା—ଶୁଣିଲ ଗୋପାଳ ! ଏ ଟୋକା କହୁଛି, ମୁଁ କୁଆଡ଼େ ସବୁ କଥାକୁ ଉଡ଼େଇଦବାକୁ ବସିଛି ।

ଗୋପାଳ—ହଁ, ଲୋକଙ୍କ କୁହାକୁହିରୁ ଯାହା ଶୁଣୁଚି ସେଇଆ କହୁଚି । ନା କ'ଣ, ମଣି ?

ଜବା—ଏତେ ରାତିରେ କୁଆଡ଼େ ଆସିଲ ଗୋପାଳ ? ବସ ।

ଗୋପାଳ—କ'ଣ ଖିଆପିଆ ସରିଲଣି ?

ଜବା—ଆଜି ଏକାଦଶୀ ।

ଗୋପାଳ—ଏକାଦଶୀ ! ଆଜି କି ଏକାଦଶୀ ? ଆଛା, ତମେ କେବେଠୁଁ ଏକାଦଶୀ କଲଣି ?

ଜବା—ଯେବେଠୁଁ ରୋଜଗାର ବନ୍ଦ ହୋଇଗଲାଣି । ଖାଲି ଏକାଦଶୀ ନୁହେଁ—ଏକାଦଶୀ, ଶିବରାତି, ଇମିତିକି ମୁସଲମାନ ରୋଜା ବି କେଦିନେ ପାଳିବାକୁ ପଡ଼ିବ ।

ଗୋପାଳ—କୋଉ ଭଗବାନ ତୁମକୁ ଗଢ଼ିଛି କେଜାଣି !

ଜବା—ଭଗବାନ ନୁହେଁ ଗୋପାଳ ! ମଣିଷ ! ମଣିଷ ମତେ ଇମିତି କରିଛି ! ମଣିଷର ଖେଳ ଇଏ ଗୋପାଳ, ସାନ ବଡ଼ର ଖେଳ । ଉଚ୍ଚ ନୀଚର ଖେଳ । ସ୍ୱାର୍ଥ ଭିତରକୁ ଭଗବାନଙ୍କୁ ଟାଣିବା କି ଦରକାର ?

ଗୋପାଳ—ତମର ତ ସବୁବେଳେ ଏଇ କଥା । ତମ ସାଙ୍ଗରେ କଥା କହିବା ମୁସ୍କିଲ ।

ଜବା—ଅଚ୍ଛା, ଶୁଣ । ତୁ ଜାଣୁ, ମୋ ପୁଅ ଚଲେଇ ଯିବ ବୋଲି ଠିକ କରିଚି ? ଏକୁଟିଆ ନୁହେଁ—ତା' ସାଙ୍ଗରେ........

ମଣି—ମୁଁ ଯାଉଚି । (ଚାଲିଗଲା)

Digitized by srujanika@gmail.com

ଜବା—ଦେଖ୍, ପୁଅ ଚୁଙ୍ଗିଗଲେ । ଆରେ ଯାଉଚୁ ତ ଢୋଡ଼େଇ-ଦେଲଟା ନେଇ ଯା ! ବାହାରେ ଘଡ ଅଣ୍ଡା ।

ମଣି—(ଭିତରୁ) ହଉ, ଥାଉ, ଥାଉ, ତମର ସେ ଶୁଖିଲା କଥା-ଗୁଡ଼ାକ ।

ଜବା— ଦେଖୁଚ ! ଶୁଣିଲୁନି ? ସେ ଭାବୁଚ, ତା' କଥା ମୁଁ କଣ୍ଟୁ ଭାବୁନାହିଁ ବୋଲି । ଆମ ଅବସ୍ଥା କଥା ତ ଆମକୁ ଅଟାଟିକ୍ । ଗୋଟିଏ ବୋହୂ ଆଣି ତାକୁ ବ ଆମ ମାଙ୍କରେ ଏକାଦଶୀ କରେଇବ ବୋଲି ବସିଚ । ଅଚ୍ଛା ହଉ, ତୁ ଏତେ ସକାଳରେ କୁଆଡ଼େ ଆସିଲୁ ଗୋପାଳ ?

ଗୋପାଳ—ଆସିଥିଲି ତମର ଅଡ଼େ ଟିକଏ । ରୂପା ସାଉକାର ଉପରେ ବନବେଳେ ତ ଆସିବାର ଉପାୟ ନାହିଁ । (ଧୀରୁ ଗଳାରେ) ତମ ପଛରେ ତେଣେ ଟୋଟାଏ ମସୁଧା ଗ୍ଲଲଣ ।

ଜବା—ସେ କଳାବଜାରିଆ କଥାଗୁଡ଼ାକ ମତେ କହ ନାହିଁ ।

ଗୋପାଳ—କଳା ବଜାର ନୁହେଁ । ଏକାବେଳକେ ଖୋଲାଖୋଲି ବନ ଦ'ପହରେ ହେଉଚି । ତମକୁ ଜାତିରୁ ବାହାର କରିଦେବେ । (ଜବା ଜୋରରେ ହସି ଉଠିଲା) ଆରେ, ହସୁଚ କ'ଣ ? ନାହିଁରୁ ବାହାର କରିଦେବାର କାରଣଟା କ'ଣ ବୁଝିଚ ନା ନାହିଁ ?

ଜବା—ବୁଝିବା କ'ଣ ଦରକାର ଯେ ? ଏବେ ବା ମୁଁ କୋଉ ତମ ଜାତିରେ ଅଛି ନା ଧର୍ମରେ ଅଛି, ନା କୋଉ ବାହା ନିମନ୍ତ୍ରଣରେ ମତେ କଏ ଖୋଜୁଚ, ନା କାହା ସାଙ୍ଗରେ କାନ୍ଧ ମିଳେଇବାକୁ

Digitized by srujanika@gmail.com

ମତେ କିଏ ଡାକୁଚି, ନା ଜାଣିଛୁଇ କିଏ ଆସୁଚି ମୋର ଏ ମଶାଣିପଦା ଘରକୁ ? ମତେ ଗୋଟାଏ ଜାତିରୁ ବାହାର କରିଦେବ କି'ଣ ? ମୁଁ କଣ ଜାଣୁନି ତୁ କାଇଁକି ଆସିଲୁ ? କାହାର ଢ'ଟା ଆଖି ହେଇଥିଲେ ମୋର ହଜାରଟା ଆଖି । ଶୁଣ୍, କାହା'ର ବିରୋଧୀ ହେବା ଉଚିତ ନୁହେଁ । ମୋ ପାଇଁ ତୁ ଯଦି ସେମାନଙ୍କର ବିରୋଧୀ ହବୁ ତା' ହେଲେ ତୋ ଉପରେ ବି ସେମାନଙ୍କର ରାଗ ହେବ । ସେମାନେ ଯାହା କହୁଚନ୍ତି ତୁ ଖାଲି ହିଁ ଭରିଯା—ସେମାନଙ୍କ ସାଙ୍ଗରେ ମିଳି-ମିଶି ଚଳ । ମୁଁ କିଛି ଅନ୍ଧ ନୁହେଁ । ସବୁ କଥା ମୁଁ ଦେଖି-ପାରୁଚି । ଶୁଣ୍ ଗୋପାଳ ! ଦୁନିଆର ଢଙ୍ଗ ବଡ଼ ବିଚିତ୍ର । ସେଇଥିପାଇଁ ସମସ୍ତଙ୍କ ସାଙ୍ଗରେ ମୋର ସବୁ ସମ୍ପର୍କ ଛୁଟେଇଦେଇଚି ।

ଗୋପାଳ—ଏଇଥିପାଇଁ ତ ସେମାନେ ସମସ୍ତେ ତୁମକୁ ଡରୁଛନ୍ତି । ହଉ, ମୁଁ ତା'ହେଲେ ଆସୁଚି । (ଧୀରେ ଧୀରେ ଗୋପାଳ ଚାଲିଗଲା । ଜବା ମନକୁ ମନ ହସୁହସୁ ଖଟିପାଖରେ ବସିଲା । ଜଳନ୍ତା କୋଇଲା ଖଣ୍ଡେ ଚମୁଟାରେ ଆଣି ଦେଖୁ ଦେଖୁ ଖୁବ୍ ଜୋରରେ ହସି ଉଠିଲା)

-- ଡ୍ରପ—

Digitized by srujanika@gmail.com

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

(ମନ୍ଦିର ପ୍ରାଙ୍ଗଣ । ମନ୍ଦିରର ପୂଜା ସୂଚିତ । ବହୁ ଲୋକ ଜମା ହୋଇଛନ୍ତି । ପୂଜା ଶେଷରେ ଧୀରେ ଧୀରେ ସମସ୍ତେ ଚାଲିଗଲେ । ରହିଲେ ଦଫାଦାର ଓ ଶିବା)

ଦଫାଦାର—(ଶିବାର ପିଠି ଥାପୁଡ଼େଇ) ସାବାସ୍ ଶିବ ! ଏଇଟା ଯେ ପୁଅ ଭଲଆ କାମଟାଏ କଲୁ ! ମୁଁ ତ ଡରୁଥିଲି, ପଞ୍ଚ ପୁଚ ସାମନାରେ କ'ଣ ନାଇଁ କ'ଣ କହିଦେବୁ ବୋଲି ! ଯାହା ହଉ, ସବୁ ଠିକ୍‌ଠାକ୍ ହୋଇଗଲା ।

ଶିବା—ମୁଁ କ'ଣ ବୋକା ହୋଇଛି ନା କଣ ? କେଲେ ?

ଦଫାଦାର—କେଲେ ଆଜ କ'ଣ ? ଏଇ ଗାଁବାଲାଙ୍କ କଥାଟି ? କରେ ! ପଞ୍ଚାୟତରେ ଯୋଉ କଥା ଛୁଡ଼ିବ ସେ କଥା କଚଷ୍ଟରେ ଫସ ଛୁଡ଼ିବନି । ଦେଖିଲୁ ତ ! କେବାଙ୍କୁ କମିତି ଜାତିରୁ ବାହାର କରିଦଆଗଲା । ଯାହାହେଉ, ଟୋ' କାଠରୁ ଏବେ କଣ୍ଟା ସାଫ୍ ।

ଶିବା—ତା'ହେଲା ଯେ—କାକା

ଦଫାଦାର—ଆରେ କାକା ନଗଦ କ'ଣ ମ ? ଯାହା ହେଇଚି ଠିକ୍ ହେଇଚି ! ପୁଅର ଏଥର ନାଆଁ ପାଣି ଅଟକ । ତାକୁ ଓ ତା ପୁଅକୁ ଜାତିରୁ ବାହାର କରି ଦିଆଯାଇଚି ।

ଶିବା—(ଆଶ୍ଚର୍ଯ୍ୟରେ) ଏଁ !

Digitized by srujanika@gmail.com

ତପୋଡାଉ—ଆଜ୍ଞ ଏଁ କ'ଣ ? ମୁଁ ଜମ ଜାତସ୍ୱପ୍ନ ନ ହେଲେ କ'ଣ ହେଲା ? କାଲିକ ରମେଶବୁ କୋଉଠି ଭଣ୍ଡୁ ଉ କରିଦେବ ସେଇଥିପାଇଁ ମତେ ସବୁକୁ ଆସିଲି । ମୁଁ ନ ଆସି-ଥିଲେ ସରକାର କ'ଣ କରିଥାନ୍ତେ ! ହେଲେ ସବୁ ଠିକ୍ ଠାକ୍ ହୋଇଗଲା । ଆଉ ମନରେ ଏଣିକି କିଛି ରଖିବା ଠିକ୍ ନୁହେଁ । ବୁଝିଲୁ, ହଜ ଯା, ମୁଁ ଯାଉଛି । (ଚାଲିଗଲା)

ଶିବା—(ମନ୍ଦିର ପାଖକୁ ଯାଇ ନମସ୍କାର କରି) ଭଗବାନ, ତୁମେ ସବୁ ଜାଣ । ମୁଁ କିଛି ଜାଣିନାହିଁ । ତୁମ ବଶ କେଲ ମିଛ କହିଲି । ହେଲେ ମୋ ପାପ ମୋର ନୁହେଁ, ଦୁଷ୍ଟ ସାଉକାରର । ତୁମେ ସବୁ ଜାଣ ଭଗବାନ ! ମୋର କିଛି ଉପାୟ ନାହିଁ । କଥା ଗାର । ମୁଁ ଖାଲି ପାଦା କହିଛି । ପାପ ମୁଁ କରିଛି ସତ ! ହେଲେ ମୋ ପାପ ପାଇଁ କିଏ ଦାୟୀ ତୁମେ ଜାଣ ପ୍ରଭୁ ! ମତେ କ୍ଷମା କର । (ଜିବା ପ୍ରବେଶ କଲା)

ଜିବା—କ'ଣ ପଞ୍ଚାୟତ କାମ ସରିଲା କି ବ ? ମନବୋଧ ହେଇ-ଗଲା ନା ?

ଶିବା—ଜିବା ଭାଇ !

ଜିବା—ଏ ତୁ କ'ଣ କଲୁ ଶିବ ? ତୁ ମିଛ କହିଲୁ । ତୋ'ର ତ ଈଶ୍ୱରଙ୍କ ଉପରେ ବିଶ୍ୱାସ ଅଛି । ଆଜି ତୁ ତ କହୁ "ସକଳ ଘଟେ ନାରାୟଣ" । କ'ଣ ତୋ ନାରାୟଣ ଜାଣିପାରିଲେ ନାହିଁ, ତୁ ଯାହା କଲୁ ? ମଣିଷ ଯିନା କିଛି ଜାଣିପାରୁନ—ହେଲେ ତୁମ ସକଳ ଘଟ ନାରାୟଣଙ୍କୁ ତୁ ଠକିପାରିଲୁ ?

ଶିବା—ତୁମର ତ ଭଗବାନଙ୍କ ଉପରେ ବିଶ୍ୱାସ ନାହିଁ । ପୁଣି ଭଗବାନ ଦୋହାଇ ଦେଉଛ କାହିଁକି ?

Digitized by srujanika@gmail.com

ଜବା—ଭଗବାନଙ୍କ ଦୃଷ୍ଟି ମୁଁ ଦେଖିନ ଶିବ ! ତୋ'ର କଥା ମୁଁ କହୁଛ । ମୋର ଭଗବାନ ବିଶ୍ୱାସ ନାହିଁ; ହେଲେ ମିଛ କହିବା ମୋର ଜାତକରେ ନାହିଁ । ସେଇଥିପାଇଁ କାହାର ପାଖରେ ମୁଁ କେବେହେଲେ ଦୋଷ ମାନେ ନାହିଁ । ହେଲେ ତୁ କ'ଣ କଲୁ ? ମିଛ କହି ମତେ ଦୋଷୀ କରି କ'ଣ ହେଲା ତୋ'ର ଲାଭ ? ତମ ଭଗବାନଙ୍କ ନିକଟରେ ତୁ କ'ଣ ସଫେଇ ଦବୁ ?

ଶିବା—ଭଗବାନ ଯାହା ବୁଦ୍ଧି ଦେଲେ ମୁଁ ସେଆ କରିଚି । କରି କରେଇନବାଲା ସିଏ । ହେଲେ ସେ ମତେ ସେଇ ବୁଦ୍ଧି ଦେଇଛନ୍ତି ।

ଜବା—ଭଗବାନ ତତେ ବୁଦ୍ଧି ଦେଇନାହାନ୍ତି ଶିବ ! ସାମାନ୍ୟ ଗୋଟିଏ ମଣିଷ ତତେ ବୁଦ୍ଧି ଦେଇଛି । ଯେତେବେଳେ ସେ ସକଳ ଘଟଣ ନ ଶୁଣି ତତେ କ'ଣ କହିଲେ ? ଭିତରୁ ସିଏ କହିବାକୁ ନିର୍ଦ୍ଦେଶ ଦଉଥିନ୍ତି ସେଇ ହେଉଛନ୍ତି ଭଗବାନ,ଶିବ ! ମନ୍ଦିରରେ ଭଗବାନ ନ ଥା'ନ୍ତି । ଯଦି ଥାନ୍ତି ତା' ହେଲେ ସେ ଥାନ୍ତି ମଣିଷର ମନ ଭିତରେ । ଯଦି ମିଛ ଭଗବାନ ତତେ ନିର୍ଦ୍ଦେଶ ଦେଲେ ତା' ହେଲେ ମିଛ ନ କହିବାକୁ ତତେ କିଏ କହିଚି ? କୋଉଥିପାଇଁ ତୁ ଅନୁତାପ କରି କ୍ଷମା ମାଗୁଚୁ ? ତୁମେମାନେ ମତେ କ'ଣ ଜାତିରୁ ବାହାର କରିବ ? କେବେ ମୁଁ ତମମାନଙ୍କ ସଙ୍ଗରେ ଥିଲି ? ତୁମେ ନିଜ ଭିତରେ ତ ନିଜେ ଠିକ୍ ନାହଁ, ଆଜି ମତେ କ'ଣ ଜାତିରୁ ବାହାର କରିବ ।

ଶିବା—(ଛଳନା କରି) ଛାଡ଼ ସେ କଥା ଜବା ଭାଇ ! ମୋ ଝିଅଟା ତମ ଘର ବୋହୂ ହେବା କଥା........

Digitized by srujanika@gmail.com

ଶିବା—ତା’ ଯାଉ ତୋର ଇଚ୍ଛା ନୁହେଁ ତା’ ହେଲେ ମତେ ଝଫା ସଫା କହିଦେଉଛନ୍ତୁ । ସେ ଈଷପୁରରେ କେବେ-ହେଲେ ତୋ ପିଲ୍ଲୁ ମୁଁ ନେଇଥିଲି ? କେବେ କହୁଚ ଯେ ତୋ ଝିଅଙ୍କୁ ମୋ ପୁଅ ସାଙ୍ଗରେ ବାହା କର ? ମଲା-ବେଳେ ତୋ ଭାଇ ତଳେ କହିଯାଇଥିଲା । ତୋ ହାତରେ ତା ଝିଅକୁ ଦେଇଯାଇଥିଲା । ଏ ଦୁନିଆ ଛାଡ଼ି ଯିବା-ବେଳେ ତୁ ତୋ ଭାଇକୁ କଥା ଦେଇଥିଲୁ ମଣିଆ ସଙ୍ଗରେ ମନ୍ଦାରକୁ ବାହାଦବୁ ବୋଲି—ସେ କଥା ତୁ ଭୁଲିଯାଇଚୁ । ମୁଁ ଭୁଲିନି । ଅଜ ତୁ ! ସେ କଥା ଭୁଲିଗଲେ ବି ମନ ଭିତରୁ କେବେ ହେଲେ ଭୁଲିବୁନି—ସାରା ଜୀବନ ସେଥିପାଇଁ ତତେ ଅନୁତାପ କରିବାକୁ ପଡ଼ିବ । ରୂପା ସାଂକାର କଥାରେ ଭଗବାନଙ୍କ ଦୋହାଇ ଦେଇ ତୁ ଆଜ ମିଛ କହିଲୁ । ଆଜ୍ଞା ଯାଉ ଭଗବାନ ବୋଲି କେହି ଥା’ନ୍ତି ସେ ତୋତେ କ୍ଷମା କରନ୍ତୁ—ଏତିକି ମୋର ଇଚ୍ଛା । (ପ୍ରସ୍ଥାନ)

ଶିବା—ମତେ କ୍ଷମା କର ଭଗବାନ ! ମତେ ସଦ୍‌ବୁଦ୍ଧି ଦିଅ ।

(ପ୍ରସ୍ଥାନ)

Digitized by srujanika@gmail.com

ଦ୍ୱିତୀୟ ଦୃଶ୍ୟ

(ଗାଁ ବାହାରେ ଏକ ଜଙ୍ଗଲ ଜାଗା । ରେଣୁକା ଓ ମନ୍ଦାର ପ୍ରବେଶ କଲେ । ଦୁହିଁଙ୍କ ମୁଣ୍ଡରେ ଦୁଇବଡ଼ା ଶୁଖିଲା କାଠ । ମନ୍ଦାର ଅଣ୍ଟାରେ କେତେଗୁଡ଼ାଏ ଫୁଲ । ଗୁଣୁଗୁଣୁ ହୋଇ ସେ ଗୀତ ଗାଉଥିଲା—କାଠବଡ଼ା ତଳେ ରଖି ଅଣ୍ଟାରୁ ଫୁଲ କାଢ଼ି ମୁଣ୍ଡରେ ଖୋସୁଥିଲା)

ରେଣୁକା—କଣ୍ଡେ ମନ୍ଦାର ! ଚଞ୍ଚଳ ଚାଲ । ବାଟରେ ଡେରେ ଏଇ ବେପାର କରିବାକୁ ଥିଲା ! ଉଛୁର ହେଲାଣି । ସାଙ୍ଗେ ପୁଣି ଗୀତ ବୋଲିବ । ନାଚ ଖେଳ ଉଛୁର କରିବୁ ତୁ, ଆଜି ଗାଳି ଶୁଣିବି ମୁଁ । (ମନ୍ଦାର ନ ଶୁଣିଲା ଭଳିଆ ଜୁଡ଼ାରେ ଫୁଲ ଖୋସିଲା) ଫୋପାଡ଼, ଫୋପାଡ଼ ସେସବୁ ଫୁଲ । କ'ଣ ହେବ ଏସବୁ ? ଫୋପାଡ଼ୁଚୁ ନା, (ମନ୍ଦାର ନ ଶୁଣିବା ଦେଖି ରେଣୁକା କାଠ ବଡ଼ା ତଳେ ରଖି ଯାଇ ମନ୍ଦାର ଜୁଡ଼ା ଫୁଲ ଫିଙ୍ଗି ଦେଲା) ଜୀବନଖାଇ ଟୁଆ !

ରୂପ—(ଆସିଚି) ଆହା ହା, ଇଏ କ'ଣ କରୁଚ ? ଥାଉ ଥାଉ, ଆରେ, ଗୋଟାଏ ଫଞ୍ଜକ ହେଉଚି । ଏ ବୟସରେ ଫୁଲ ଲଗେଇବନି ତ ଆଉ କେବେ ଲଗେଇବ ? ଆହା ହା, ତା ଜୁଡ଼ାକୁ କେଡ଼େ ଫୁଲ ଭାରି ସୁନ୍ଦର ଦିଶୁଚି । (ମନ୍ଦାର ଫୁଲ କାଢ଼ି ଫିଙ୍ଗିଦେଲା— ତଳେ ପଡ଼ିଥିବା ଫୁଲରୁ ଗୋଟାଏ ଦି'ଟା ଉଠେଇ ରୂପ ମନ୍ଦାର ମୁଣ୍ଡରେ ଖୋସିବାକୁ ଗଲାବେଳେ ମନ୍ଦାର । ହାତକୁ ଚଟକଣା ମାରିଲା)

Digitized by srujanika@gmail.com

ରେଣୁକା—ମନ୍ଦାର ! (ମନ୍ଦାର ତଳେ ପଡ଼ିଥିବା ଫୁଲଗୁଡ଼ାକ ଗୋଡ଼ରେ ଦଳନ୍ତି)

ରୂପ—ଆରେ ଆରେ, ଇଏ କ'ଣ କରୁଛ ? ହଉ, ଥାଉ, ଥାଉ, ମୁଁ ବଜାରକୁ ଯାଇ ଭଲ ଫୁଲହାର ଦେଖି ମଗେଇଦେବି । (ରୂପର କଥା ନ ଶୁଣି ମନ୍ଦାର ଓ ରେଣୁକା କାଠଗୋଛା ମୁଣ୍ଡକୁ ଉଠାଇଲେ । ରୂପ ମନ୍ଦାରକୁ ସାହାଯ୍ୟ କରିବାପାଇଁ ଯାଉଥିଲା, ମନ୍ଦାର ତାକୁ ଠେଲିଦେଲା ।)ହଉ, ହେଲା,ହେଲା; ତୋ ଭଳିଆ ଝିଅ ଇମିତିଆ କାମ କରିବ ! ଶିବାର ତ ଟିକଏ ହେଲେ ଅକଲ ନାହିଁ । ନିଜେ ଖାଇପିଇ ଧୋବା ହାମୁଡ଼ ଭଳିଆ ବୁଲୁଛି—ଆଉ ତୁମ ସବୁ ଏଣେ (ରେଣୁକା ମନ୍ଦାର ମୁଣ୍ଡକୁ କାଠ ଗୋଛା ଉଠାଇଲେ) ଆହା ହା, ଇଏ କ'ଣ କରୁଛ ? ଏତେ ବଡ଼ ବୋଝଟାଏ—ସିଏ ନେଇ ପାରିବ ? ଥାଉ, ଥାଉ, ସେ ବୋଝ ଥାଉ । ମୁଁ ପଠେଇ-ଦେବି । (ନ ଶୁଣିଲା ଭଳି ମନ୍ଦାର କାଠ ବୋଝ ମୁଣ୍ଡରେ ନେଇ ଗୁଣୁଗୁଣୁ ହୋଇ ଗୀତ ବୋଲି ଚାଲିଗଲା) ଦେଖ, ଝିଅଟି ତମର କାମିକା ! କାମ କରିବା ଖରାପ ନୁହେଁ ଯେ, ହେଲେ ଇମିତି ହାଣ୍ଡିରେ ଘାଟରେ ଗୀତ ବୋଲିବାଟା······ ଘର ଭୂଆସୁଣୀ ପରି ଇମିତି ଗୀତ ବୋଲନ୍ତି············

ରେଣୁକା—ପିଲାଟାଏ ! ଭୂଆସୁଣୀ ହେଲେ କ'ଣ ସିଏ ଗଣା ହେଲାଣି ?

ରୂପ—କିନ୍ତୁ ମୋ ଘରେ ଇଏ ସବୁ ଚଳିବନି, କହିଦଉଛି !

ରେଣୁକା—ହଁ, ବାପଘରେ ଝିଅ ଚଳିଯାଉଛି । କୋଉ ମୋର ନଅଟା ନା ଛଅଟା । ପର ଘରକୁ ଗଲାଠୁଁ ଦେଖିବ ତା' ଭାଗ୍ୟ ।

Digitized by srujanika@gmail.com

ରୁପ—ହେଲେ ଏ ବୟସରେ ତାଙ୍କୁ ଇମିତ କାମ କରେଇବାଟା କ'ଣ ଠିକ୍ ? କମିତ କଳା ପଡ଼ିଗଲାଣି ଦେଖୁନ ? ମୁଁ ଏସବୁ ସହିପାରିବନି । ମୁଁ କହୁଦେଉଚ, ତାଙ୍କୁ ଇମିତ ଝଡ଼-ତଡ଼ରେ ବୁଲିବାକୁ ଦେଅନି । ଆଜ ଦିନ କେଇଟା ରହିଲା ବାହାଘର ! (ରେଣୁକା ହସିଲା) ଆରେ, ହସୁଚ କ'ଣ ? ଏଥିରେ ହସିବାର କ'ଣ ଅଛି ?

ରେଣୁକା—ନାଇଁ, ମୁଁ କହୁଥିଲି—ତା'ର କଣ ବାହାଘର ବୟସ ହେଲେଇ ପଡ଼ୁଛି ?

ରୁପ—ହଁ, ତା' ସତ । ମା' ତୁମେ ; ତୁମ ଆଖିରେ କ'ଣ ସେ ବଡ଼ ଦିଶନ୍ତା କି ? ହେଲେ ଦୁନିଆର ଚଳନି ନେଇ ତ ତାଙ୍କୁ ଚଳିବାକୁ ହବ । ତା' ବୟସ ବେଳକୁ ତ ମୋ ଆଗ ଛୁଆଯା ପିଲାର ମା' ହେଲିଣି ! (ରେଣୁକା ହସିଲା) ହସୁଚ କ'ଣ ? ମୁଁ ଠିକ୍ କହୁଚ । ବାହାଘର ସରିଗଲେ ତମେ ବି ଆସି ଆମ ଘରେ ରହିବ ଯେ ! ତୁମେ ନ ରହିଲେ ତା' ଦେଖା ଶୁଣା କରିବ କିଏ ?

ରେଣୁକା—ମୋ ଘର ଯାହା ହେଲେ ବି ସେ ପରରକୁଡ଼ିଆ ମୋର ରାଜଉଆସ ।

ରୁପ—ହଉ, ସିଏ ଯାହା ହବାର ହେଉଚ । ତମେ ତାଙ୍କୁ ଏଣିକି ଗୀତ ଗାଇବାକୁ ଦେଅନି । ଗାଁବାଲା ସବୁ ହସୁଚନ୍ତି ।

ରେଣୁକା—କିଏ ହସିଲା ନ ହସିଲା ସେଥିରେ କ'ଣ ଅଛି ? ପିଲାଲୋକ, ତାଙ୍କୁ ଗୀତ ଭଲ ଲାଗେ—ସିଏ ଗାଏ ।

Digitized by srujanika@gmail.com

ରୂପ—ତାକୁ କଣ ଭଲ ଲାଗେ, ତା ଗୀତ ମତେ ତ ଭଲ ଲାଗେ ଯେ, ହେଲେ ଇମିତି ଗୀତ ଗାଇ ଦାଣ୍ଡଘାଟରେ ବୁଲିବାଟା ମତେ କାହିଁ ଭଲ ଲାଗେ ନାହିଁ ।

ରେଣୁକା—ଭଲ ଲାଗେ ନାହିଁ ତ ନ ଶୁଣ ।

ରୂପ—ସେ କଥା କହିଲେ ଚଳିବ ? କାଲି କାଲି ପିଏ ମୋ ଘରକୁ ଯିବ !

ରେଣୁକା—ସେ କଥା ତ ବହୁତ ଡେରି ।

ରୂପ—ଡେରି ! ଆଉ ଡେରି କ'ଣ ? କଥା ତ ପକ୍କା ହୋଇ-ଯାଇଛି ।

ରେଣୁକା— ଶୁଣ, ସାଙ୍ଗକାରେ ! ମନ୍ଦାର ମୋର ଝିଅ । ଦେବଦାସୀ କରି ତାକୁ ମନ୍ଦିରରେ ରଖାଇବ ପଛେ ତୁମ ହାତରେ ଦେବନାହିଁ । ମୋ ଝିଅକୁ ଯଦି କୋଉଠି ବର ନ ମିଳନ୍ତି ତା' ହେଲେ ମା' ଝିଅ ଦୁହେଁ ବେକରେ ପଥର ବାନ୍ଧି ନଈରେ ବୁଡି ମରିବୁ । ତମ ଭଳି କଂସେଇ ହାତରେ ଦବାଠୁ ଝିଅର ତଣ୍ଟି ଚିପି ମାରିଦବା ଭଲ । (କାଠବାଡ଼ା ନେଇ ଘରରେ ବୁଲିଗଲା)

ରୂପ—ଏଁ, ଆଚ୍ଛା ! (ବୁଲିଗଲା)

(ବାପଘର ଘରରୁ ମନ୍ଦାର ପ୍ରବେଶ କଲା । କାଠଗୋଛା ସଜାଡ଼ି ଯିବାବେଳକୁ ପଛଆଡୁ ମଣି ଉପରେ ଦୃଷ୍ଟି ପଡ଼ିଲା । କାଠଗୋଛା ଖସିପଡ଼ିଲା—ମଣି ତାକୁ ଝୁଣ୍ଟି ପଡ଼ିଗଲା)

ମନ୍ଦାର—ବୋକା, ଗଧ ।

ମଣି—(ହସି) ତା'ତ ସତ । ତୁ ଭଲ ଟିକେ ବୁଦ୍ଧି ଶିଖେଇ-ଦଅନ୍ତୁ । (ମଣି ଉଠିଲା—ମନ୍ଦାର କାଠବାଡ଼ା ଭିତରୁ ଖଣ୍ଡେ କାଠ ଆଣି ବୁଲେଇ ବୁଲେଇଲା)

Digitized by srujanika@gmail.com

ମନ୍ଦାର—ହୁଁ, ବୁଝି ଶିଖେଇଛ ! (କାଠ ଚୁଲେଇ ଉପରକୁ ଚାହିଁ) କେତେ ସୁନ୍ଦର କୋଟ, କେତେ ସୁନ୍ଦର ଟୋପି, ରୂମାଗୋଟ ମସ୍ତ ବାଡ଼ି, କେତେ ସୁନ୍ଦର ନାଶ, କେତେ ସୁନ୍ଦର ମିଠା ହସ

ମଣି—ମିଠା ହସ ! କାହାର ?

ମନ୍ଦାର—(ଲଜେଇ ଯିବାର ଅଭିନୟ କରି) ମୋ ବରର ।

ମଣି—ତୋ'ବର ! ତୋର କୋଉଁ ବର ?

ମନ୍ଦାର—(ବଡ଼ବଡ଼ ଆଖିରେ ବଢ଼େଇ ଦେଖୁଥିଲା) ମୋର ସ୍ୱାମୀ !

ମଣି—ତୋ ସ୍ୱାମୀ ?

ମନ୍ଦାର—ହିଁ । ହେଲେ ତୋ'ଭଳିଆ ବୋକା ନୁହେଁ । ମତେ କେତେ ଭଲ ପାଏ । ମୋ ଜୁଡ଼ାରେ ଫୁଲ ଖୋସିଦିଏ । କାଠବୋଝ ମତେ ଉଠେଇବାକୁ ଦିଏନା । ଯେବେ ମୁଁ ବୋଝ ଉଠାଏଁ ତେବେ ମୋ ବୋଝକୁ କେତେ ଗାଳି ଦିଏ । କହେ ମା'ଘ ଗୋଟାଏ ସ୍ନେହ କ'ଣ ? ସେ ମୋ ସ୍ୱାମୀ ନା ! ସେଇଥିପାଇଁ ମତେ ଏତେ ସ୍ନେହ କରେ । ଝରକୁ ଯିବାପାଇଁ ମତେ ଦିଏନି—ମୁଁ କାଳ ପଡ଼ିଗଲଣି ବୋଲି କେତେ ପାଇଁ କେତେ ଦୁଃଖ କରେ । ମୋ ସ୍ୱାମୀ ନା—ଆଃ···ସ୍ୱାମୀ···ଦେବତା··· (ଆଖିବୁଜି ବଢ଼େଇ ହୋଇ ରହିଲା)

ମଣି—ମନ୍ଦାର ! କ'ଣ ଗୁଡ଼େ କହୁଚୁ ? ଏ ବଙ୍କା କଥାଗୁଡ଼ାକ ମତେ ଭଲ ଲାଗେନାହିଁ ।

ମନ୍ଦାର—(ଆତୁର ବେଶୀ ଅଭିନୟ କରି) ହେଲେ ମତେ ଭଲ ଲାଗେ । ମୋ ସ୍ୱାମୀଙ୍କୁ ଭଲ ଲାଗେ । ମୁଁ କାହିଁକି କାହାକୁ ଡରିବି ?

ମଣି—କୋଉଁ ସ୍ୱାମୀ କଥା ତୁ କହୁଚୁ ? (ରାଗିଛି)

Digitized by srujanika@gmail.com

ମନ୍ଦାର—କି ମାସ ଶୁକ୍ଳ ସେଟେ ? ଅଶ୍ୱିନ, କାର୍ତ୍ତିକ, ମାର୍ଗଶିର, (ରେଖା ଗଣି) କେଉଁ ମାସରେ ବା' ଧରିଛି ?

ମଣି—ଦେଖ୍ ମନ୍ଦାର, ମୁଁ ଗଣିକରି ଶୁଣିପାରେ ।

ମନ୍ଦାର—ଯା, ମୋର ସେଥିରେ କ'ଣ ଅଛି; କିଏ ମୋ' ପଛରେ ଗୋଡ଼େଇ ଯାଉଛି ? ମୋର ତ ଦୋ ମହଲା କୋଠା ଘର— ମୁଁ ବସି ରହିବ ଝରକା ପାଖରେ—ଆଉ ତୁ ତଳେ ରହି ମୁଣ୍ଡ ଟେକି ଚାହିଁବୁ । କିମିତି ? କିମିତି ଚାହିଁବୁ କହିଲୁ । (ଅଭିନୟ କରି) ଇମିତି—ଆଉ ମୁଁ ମୁହଁ ମୋଡ଼ି ଭିତରକୁ ଚାଲିଯିବି । ମୋ ସ୍ୱାମୀ ଆସିବ—ତତେ ଗଳା ଧକ୍କା ଦେଇ ବାହାର କରିଦେବ । ମୁଁ ସେତେବେଳେ କ'ଣ କରିବ କହିଲୁ ?

ମଣି—କାନ୍ଦିବି ।

ମନ୍ଦାର—ମୋର ଗରଜ ପଡ଼ିଥିଲା !

ମଣି—ଦେଖ୍ ମନ୍ଦାର, ଇମିତି ବଙ୍କା ବଙ୍କା କଥା କହିବୁ ତ ଇମିତି ମାଡ଼ ଦେବି— ।

ମନ୍ଦାର—(ଚାଞ୍ଚୁଲି ହସ ହସି) ମାଡ଼ ଧମକ ଦେଉଛ, ମତେ ! ସବୁଦିନେ ତ ମାଡ଼ ଖାଉଛି— ଇଏ ଅଉ ନୂଆ କଥା କ'ଣ ? ମୁଁ ଡରେଁ— କିନ୍ତୁ କାହାକୁ ଡରେଁ ଜାଣିଚ ?

ମଣି—କାହାକୁ ?

ମନ୍ଦାର—ଯିଏ ମିଠା କଥା କହେ, ଭଲ ପାଏ, ଦରେଇବାକୁ ଚେଷ୍ଟା କରେ । କିନ୍ତୁ ଏସବୁ କଲବାଲା ଅଛି କିଏ ଯେ ! ବୋଉ— ସିଏ ତ ନିଜେ ସବୁଦିନେ କାନ୍ଦୁଛି । କେବେ ଟିକେ ମତେ

Digitized by srujanika@gmail.com

ଗେଲ କରବ ତ କାହାର ଆଖିରେ ପିବନା—ଯିମିତ ସମସ୍ତଙ୍କ ଆଖି ଫୁଟିଯାଇଚ [କହୁ କହୁ ହସିପକେଇ] ସେଥିରେ ପୁଣି ମୋର ବାହାଘର ହେଉଚ ।

(କହୁ କହୁ ଆବେଗଶୂନ୍ୟ ହଅ ହସି ଉଠିଲ—ମଣି ଲୁହ ପୋଛିବାକୁ ଯିବାବେଳେ ତା' ହାତ ଆଡ଼େଇ ଦେଲ)

ମଣି—ମନ୍ଦାର ! (ଆଖି ଛଳଛଳ ହୋଇଗଲ)

ମନ୍ଦାର—କ'ଣ ଗାଗିଲୁ, ମଣି ? ତୁ ଯଦି ରାଗିବୁ, ମୁଁ ତା' ହେଲେ କାହାକୁ ଭରଷା କରିବ କହ ତ । ମୋର କ'ଣ ହେବ ? କହ ମଣି, ମୋର କ'ଣ ହେବ ? କ'ଣ ଅଛି ମୋର କପାଳରେ ? (ମଣି ନୀରବ) କହୁନୁ କାହିଁକି ? ଦାଢ କଥା କ'ଣ ତୁ ଦେଖନୁ ? ତୁ ଇମିତ ହେଲୁ । କାମ ନାହିଁ, ଧନ୍ଦା ନାହିଁ, ସବୁବେଳେ ଜଚତାଲେଖାରେ ବୁଡ଼ି ରହିଲୁ । ଆଜ ମଉସାଙ୍କ ଢଙ୍ଗ ତ ଇମିତ । ଯଉଁ ଦେବତାଙ୍କୁ ଗାଳି-ଦେବା ଛଡ଼ା ଆଉ ତାଙ୍କର କିଛି ନାହିଁ । ଖାଲି ଗାଳିଦେଲେ କ'ଣ ଭଗବାନ ଆମ ମୁହଁକୁ ଚାହିଁବେ ? ତମେମାନେ ଯଦି ଇମିତ ହବ ତା'ହେଲେ ମୋର ଅବସ୍ଥା କ'ଣ ହବ କହିଲୁ ?

(ନେପଥ୍ୟେ ରୂପ ସାଉକାରର ପାଟି ଶୁଭିଲ । ତା'ପାଟି ଶୁଣି ଦୁଇଜଣଯାକ ଅନ୍ଧାର ପାଖକୁ ଲାଗି ଠିଆ ହେଲେ । ମଣି, ମଣି ଡାକ ସାଉକାର ପଛରୁ ଆସି ତା' ବେକକୁ ଧରିଲ)

ରୂପ—କରେ ମଣିଆ, କାହା ସାଙ୍ଗରେ ଏଠି କ'ଣ ହଉଚ ?

(ମଣି କିଛି ନ କହି ସାଉକାରକୁ ଗୋଟେ ଧକ୍କା ମାରିଲ— ପଡ଼ୁ ପଡ଼ୁ ଯାଇ ରୂପ ନିଜକୁ ସମ୍ଭାଳିନେଲ—ପୁଣି ମଣିକୁ ଆକ୍ରମଣ କରିବାକୁ ଯାଉଥିଲ—ମଣି ତାକୁ ଧରି ପକେଇଲ । ଉଭୟଙ୍କର ମାଡ଼ଗୋଳ ଲାଗିବାବେଳେ ମନ୍ଦାର ଦେଖୁଥାଏ ।

Digitized by srujanika@gmail.com

ମଦାର—ଲତା, ଆଜ୍ଞ ହଁ'ନା ବନ୍ଧା । (ଚାଲି ମର ଯାଉଛି) (ରୂପ ଉଠେ ପଡ଼ପାଲ ଉଠିବାକୁ ଚେଷ୍ଟା କଲାବେଳେ ମଦାର ତାକୁ ଠେଲିଦେଇ) ହଁ, ଆସ୍ତେ ଉଠ ସାଉଜାଣେ, ଆସ୍ତେ ଉଠ । ମଣିମା ତଣ୍ଡ ଟେକିଚ ନେଲ । ତାକୁ କଣ ମର୍ଣଷ ଦେଖାଯାଉଚନ୍ତି ! ଗୁରୁଜନମାନଙ୍କୁ ଏମିତ ହାତ ଉଠାନ୍ତି ! ଦେବହାତ ମରାମ ହେଉଥିବ, ନାଇଁ ? ମାଲିସ ଟିକେ କରିଦେଲେ ହୁଅନ୍ତା । ହେଲେ ଘରେ କଏ ଜଣେ ଅଛି ଯେ ମାଲିସ କରିଦବ । ହୁଁ, ମୋ ବାବଜ ଥିଲେ ସେ ଟିକେ ମାଲିସ କରିଦଅନ୍ତା । ତାକୁ ଭଲ ମାଲିସ ଆସେ । ମୋ ପିଠିରୁ ପଡ଼ୁ ସେ ସବୁବେଳେ ଦରଜ ନିଭାଏ । ହସି ଗୁଣୁ ଗୁଣୁ ହେଇ ଗୀତ ଗାଇ ଫୁର୍ତ୍ତିକ ମାର ନାଚୁଥାଏ । ସାଉକାର ଅତି କଷ୍ଟରେ ଉଠେ)

ରୂପ—ଦେଖେରଖ ମଣିଆ ! ଉଠିଚ ପଦ ମୁଁ ଛଅଲ ନ ଦେଇଛି ତା'ହେଲେ ମୋ ନାଁ ରୂପ ସାଉଜାର ନୁହେଁ । ଗ୍ଲେଟେଇ ଗ୍ଲେଟେଇ ଗୁଲିଗଲା)

ମଦାର—(ହସୁଚ) କଅଣ ଟା ଭଲ ହେଲନି ମଣି ! ହାକମ ହୁକୁମାଙ୍କ ପାଖରେ ଭଲ ପଡ଼େ । ପଦ ଆମାକୁ ଯାଏ ଛ··· ?

ମଣି—(ଲୁଗା ଝାଡ଼ୁ ଝାଡ଼ୁ) ଯାଉନା, ମାମଲ୍ କରିବ- ମତେ ଛଅଲ ହବ ? ହଉ ଛଅଲ । କଣ୍ଟ ନ ହେଲେ ଜଅଲରେ ପେଟପୁରା ଗଣ୍ଡେ ଭାତ ମିଳବ ।

ମଦାର—ଏଣେ ମଉସାଙ୍କୁ କିଏ ଦବ କଏ ? ଟିକଏ ହେଲେ ଆଗ-ପଛ ଭାବିଲୁନି ?

Digitized by srujanika@gmail.com

ମଣି—ଆଗପଛ ଭାବ ଥା'ନ୍ତି ? ଯଦି ତୋ'ର ଏତେ ଆଗପଛ ଭାବନା, ତା'ହେଲେ ମତେ ସେତେବେଳେ ଅଟକେଇଲୁ ନାହିଁ ।

ମଦାର—ସେତେବେଳେ କୋଉଠି ତୁ ଶୁଣିଥାନ୍ତୁ ଯେ ! ତୋ ମୁଣ୍ଡକୁ ତ ସେତେବେଳେ ଭୂତ ଚଢ଼ିଥିଲା ।

ମଣି—ଆଉ ତୁ ନାଚୁଥିଲୁ, ନାହିଁ ? ଖାଲି ନାଚୁ ନ ଥିଲୁ ତ, ଘୁଙ୍ଗୁର ବଜେଇ ଗୀତ ଗାଇ ନାଚୁଥିଲୁ । ସେତେବେଳେ ତୋ'ର ଏ ଅକଲ କୋଉଠି ଥିଲା ? ମୋ ମାଡ଼ରେ ଯେତେ ନୁହେଁ ତା'ଠୁ ବେଶୀ ସେ ଗଡ଼ିତ ତୋ ନାଚ ଦେଖି । ଆଉ ତୁ କହୁଚୁ କଣ ନା ମୋର ଅକଲ ନାହିଁ ।

ମଦାର—ମୁଁ ମିନା ପିଲାଲୋକ । ତୁ ଗୋଟାଏ ଭେଣ୍ଡିଆ ମର୍ଦ୍ଦ । ତୋର ବୁଝିବା ଦରକାର ଥିଲା ।

ମଣି—ହଉ, ଯାହା ହବ ହବ । ସବୁଦିନେ ଏଠି ରାନ୍ଧିବାକୁ ପଡ଼ୁଥିଲା । ଜେଲ ଗଲେ କିଛି ଦିନ ତ ହେଲେ ଛୁଟି ମିଳିଯିବ । ମୁଁ କ'ଣ ମାଇକିନିଆ ହେଇଚି କି ସବୁଦିନେ ରାନ୍ଧି ବାପାଙ୍କୁ ଦେଉଥିବି । ମାଇକିନିଆଙ୍କର ତ ହେଲେ ଛୁଟି ଅଛି । ମୋର ସେତକ ବି ନାହିଁ । ସତରେ ଜମ ମାଇପିଜାତି ପାଇଁ ଭାରି ହିଂସା ହୁଏ ।

ମଦାର—ହିଂସା ହୁଏ ? ତା'ହେଲେ ନଉଥା ଚାଲେ ଯୋଉ ମାଇକିନିଆ ବୋଲି କହୁଚନ୍ତି ତାଙ୍କ କଥା ମିଛ ନୁହେଁ !

ମଣି—ସେଇଥିପାଇଁ ତ ମୁଁ ଆଜି ମୋର ମର୍ଦ୍ଦପଣିଆ ଦେଖେଇ-ଦେଲି । ମୁଁ ଯଦି ଜନ୍ତୁଳ ଯାଏ ତା'ହେଲେ ବାପା ବୁଝିବେ ମତେ ମାଇକିନିଆ ବୋଲି କହିବାର ଫଳଟା କ'ଣ । ମୁଁ

Digitized by srujanika@gmail.com

ଜଅଳ ପିବା ଦରକାର । ତା' ନ ହେଲେ ବାପାଙ୍କ ଆଖି ଖୋଲିବନି ।

ମଦାର—ହଉ, ତୁ ଘରକୁ ଗଲୁ । ପଛ କଏ ଦେଖିବ !

ମଣି—ଦେଖ୍ । ସମସ୍ତେ ରୂପ ସାଉକାରକୁ ଡରୁଛନ୍ତି । ହେଲେ ଏବେ ତ ସଭିଏଁ ଦେଖିବେ, ରୂପାକୁ ଜବତ କରିବାପାଇଁ ଏ ଗାଁରେ ମଣିଷ ଅଛନ୍ତି । ହଉ କଣ ହବ । ମୁଁ କାହାରିକୁ ଡରିନି । (ଏଇ ଅବସରରେ ମଦାର କାଠଗୋଛ ମୁଣ୍ଡକୁ ଉଠାଇଲା) ଆଜି ତ ପୂଅକୁ ଶେଷ କରିଦେଇଥାନ୍ତି ।

ମଦାର—ହଉ, ତୁ ଗଲୁ । ମଉସା ସେଆଡ଼େ ଖୁବ୍ବ ବସିଥିବେ ।

(ଉଭୟଙ୍କର ପ୍ରସ୍ଥାନ)

ତୃତୀୟ ଦୃଶ୍ୟ

(ଉଭୟ ବାଘଘାଟ ଦିଗରୁ ପ୍ରବେଶ କଲେ—ଗୋପାଳ ଓ ରୂପ ସାଉକାର— ରୂପ ଗ୍ଲେଟେଇ ଗ୍ଲେଟେଇ ଚାଲିଥାନ୍ତି)

ଗୋପାଳ—କ'ଣ ହେଲା ସାଉକାରେ ?

ରୂପ—କ'ଣ ହେଲା ? ଆଜି ତ ଜୀବନରେ ମାରିଦେଇଥା'ନ୍ତି । ଖାଲି ମୁଁ ଅନ୍ଧଂସାବ୍ରତ ନେଇଛି ବୋଲି—

ଗୋପାଳ—କ'ଣ ହେଲା ?

ରୂପ—ମତେ ମାରିଲା—ପିଟିଲା—ଶେଷରେ କୁମ୍ଭାର ମାଟି ଚକଟିଲା ପରି ମତେ ଗୋଡ଼ରେ ଚକଟି ଦେଇଗଲା ।

Digitized by srujanika@gmail.com

ଗୋପାଳ—କଏ ମାଇଲା ? ଚାର୍ଣ୍ଣିକ ମାଇଲା ? କ'ଣ, କଥା କ'ଣ ?

ରୂପ—କଏ ମାଇଲା ? ଜବାପୁଅ ମାଇଲା । ସେ ଛତର ମଣିଆ ମାଇଲା ।

ଗୋପାଳ—ମଣିଆ ମାଇଲା—ଫେର ଚମକୁ ! କାଇଁକ ?

ରୂପ—ହଁ, ହଁ, ମଣିଆ ମାଇଲା ମତେ । କାଇଁକ ମାଇଲା, ତାକୁ ଯା ପଚାରବ । ମୋ ମୁହଁକୁ ଖାଲି ଦେଖୁଚ କ'ଣ ? ମୁଁ ତାକୁ ହାତ ଉଠେଇନାହିଁ । ତା' ମନଇଚ୍ଛା ମତେ ସେ ପିଟିଚଲା—ମୁଁ ତାକୁ ଟିକେ ବାଧା ଦେଇନି । ପୁଣି ସିଏ କହୁଚନ୍ତି କ'ଣ ନା, ମାର, ଆଉର ମାର, ଭଲକରି ଦ'ଟା ବଜା । ହେଲେ ମୁଁ ତାକୁ ଓଲଟି କରି ହାତ ବି ଟିକେ ହଲେଇନାହିଁ । କାଇଁକ, ମୋ ହାତରେ କ'ଣ ଜୋର ନ ଥିଲା—ଦେହରେ କ'ଣ ବଳ ନ ଥିଲା ? ମୁଁ ଯଦି ଖାଲିଥାନ୍ତି ତାକୁ ଘୁରପୋକ ଭଳିଆ ଦଳଦେଇଥାନ୍ତି । ଜବାକୁ ପାଣି ଟୋପାଏ ଦବାକୁ କେହି ନ ଥାନ୍ତେ । ହେଲେ ମୁଁ ତାକୁ ହାତ ଉଠେଇନାହିଁ ।

ଗୋପାଳ—ହେଲେ ଚମକୁ ସିଏ କାହିଁକ ମାଇଲା ?

ରୂପ—ସେ କଥା ଯା ସେ ଛତର ଟୋକାକୁ ପଚାରବ । ତା'ର ସାମନାରେ ସିଏ ମତେ ମାରଲା—ସେ ଚଣ୍ଡାଳୁଣୀ ପୁଣି ନାଚୁଚି ! ବୁଝିଲ, ମତେ ମାଇଲା ବୋଲି ସେ ତାଳି ମାରି ନାଚୁଚି ! ଆଚ୍ଛା, ମୁଁ ବି ଦେଖିନଉଚି ।

ଗୋପାଳ—ଶୁଣିଲି, ଜବାକୁ କୁଆଡ଼େ ଜାତିରୁ ବାହାର କରିଦିଆ-ଯାଇଚି ।

ରୂପ—ଜବାକୁ କ'ଣ ? ଏବେ ମଣିଆର ଅବସ୍ଥା କ'ଣ ହେଉଚି ଦେଖ । (ସ୍ଲେଟେଇ ୨ ଖୁଲିଗଲା)

Digitized by srujanika@gmail.com

(ରେଣୁ ପ୍ରବେଶ କଲା—ଗୋପାଳକୁ ଦେଖି ଆଡ଼େଇ ହୋଇ ପଚାରିଲା)

ରେଣୁ—ଶିବକୁ ଦେଖିଛ କି ?

ଗୋପାଳ—ନାହିଁ ତ । କାହିଁକି ?

ରେଣୁ—ଆଜିର ଗୋଟାଏ ଅଣ୍ଡୁଆ ଆସି ପହଞ୍ଚିଲାଣି । ହେଲେ ତାଙ୍କୁ କହି ଲାଭ କ'ଣ ?

ଗୋପାଳ—ତା'ହେଲେ ମୁଁ ପଢ଼ କଷ୍ଟ କରିପାରିବ, କୁହ ।

ରେଣୁ—ଜବ କହିବ ? ମୋ ମୁଣ୍ଡ ଖରାପ ହୋଇଗଲାଣି । ଜବା-ଭଲ ପାଖକୁ ଯାଇଥିଲି—ସେ ଘରେ ନାହାନ୍ତି । ମୁଁ ଏବେ କ'ଣ କରିବ କହିଲ ?

ଗୋପାଳ—କ'ଣ ହୋଇଛି ମତେ କହୁନା ?

ରେଣୁକା—ତୁମ ସାଙ୍ଗକାରକୁ ଦେଖିଥିଲ କି ?

ଗୋପାଳ—ହଁ, ଏବେ ତ ଏଠୁ ଗଲା—ଗୁଡ଼ାଏ ମାଡ଼ ଖାଇଛି ଛଟର ।

ରେଣୁକା—(ଚମକି ଉଠି) ହୋଇ ଦେଖୁଚ ! ଦଫାଦାର ପାଖକୁ ଗଲାଣି ନା କ'ଣ ? କ'ଣ ହବ ଏବେ କହିଲ ? ମଣିକୁ ଜାଣିଲ ହବନାହିଁ ତ ?

ଗୋପାଳ—ଠୋକାଠା କରୁ ଭଲ କାମ କଲା ନାହିଁ । ହେଲେ କାହିଁକି ତାକୁ ମାରିଲା ?

ରେଣୁକା—ମୁଁ ହେଲେ କ'ଣ ଜାଣିଚି ? ହେଉ ଦେଖୁଚ, ସେଠି ଯାଇ ଦଫାଦାର ସାଙ୍ଗରେ କ'ଣ କଥାବାର୍ତ୍ତା ହେଲାଣି । ଯାଇ ଟିକେ ଦେଖନ୍ତ ନାହିଁ ?

ଗୋପାଳ—ଆଚ୍ଛା, ତୁମେ ଏଇଠି ରୁହ । ମୁଁ ଦେଖିଆସୁଚି ।

(ପ୍ରସ୍ଥାନ)

Digitized by srujanika@gmail.com

(ରେଣୁକା ଚା' ପିଇବାଆଡ଼କୁ ଚାହିଁଥାଏ—ପ୍ରବେଶ କଲେ ଜବା)

ଜବା—କଏ, ରେଣୁ ? କଏ ଗଲେ ? ଗୋପାଳ ନା ?

ରେଣୁକା—ମୋ ମୁଣ୍ଡ ଖରାପ ହେଇଗଲେଣି, ଜବାଭାଇ । ପୁଣି ଆସି ଏବେ ବିପଦ ପଡ଼ିଗଲାଣି ।

ଜବା—ଜାଣେ, ମତେ ଜାତିରୁ ବାହାର କରିଦିଆଯାଇଛି । ସେଥିପାଇଁ ମୋର ଖାତିର ନାହିଁ । ଇଏ ଗୋଟାଏ କି ବିପଦ ?

ରେଣୁ—ସେ କଥା ନୁହେଁ—ମଣି କାହିଁ ?

ଜବା—କୁଆଡ଼େ ବୁଲୁଥିବ । କାହିଁକି ?

ରେଣୁ—ବିପଦ ମୋର ନୁହେଁ—ତୁମର ଆସିଛି । କହୁଚି ଏଇନେ ତୁମେ କ'ଣ ନାହିଁ କ'ଣ କରିବ ! ମଣି ଉପରେ ବିପଦ ଆସିଛି ।

ଜବା—ବିପଦ ମଣି ଉପରେ ? ସେ କ'ଣ କୁଆଡ଼େ ଯାଏ ନା କାହା ସାଙ୍ଗରେ ଝଗଡ଼ା ଝାଟି କରେ ?

ରେଣୁ—ମଣି ତାକୁ ମାରିଛି ।

ଜବା—ମାରିଛି, ମଣି ! କାହାକୁ ? କୋଉ ମଶାମାଛିକୁ, ନା କୋଉ ଝିଟିପିଟିକୁ ?

ରେଣୁ—ମଶାମାଛିକୁ ନୁହେଁ କି କୋଉ ଝିଟିପିଟିକୁ ନୁହେଁ । ଗୋଖର ସାପକୁ ମାରିଛି । ମଣି ରୂପ ସାଉକାରକୁ ମାରିଛି ।

ଜବା—ରୂପ ସାଉକାରକୁ ମାରିଛି ? ମଣି ମାରିଛି ରୂପ ସାଉକାରକୁ ?

ରେଣୁକା—ଏବେ ଅବସ୍ଥା କ'ଣ ହେବ, ଜାଣିଚ ?

ଜବା—ଆଚ୍ଛା, ମଣି କାହିଁକି ମାରିଲା ?

Digitized by srujanika@gmail.com

ରେଣୁକା—ରୂପା ମଣ୍ଡାର ସାଙ୍ଗରେ ଲାଗିଥିଲା ନା କ'ଣ, ଝିଅଟା ହେଲେ କ'ଣ କଣ୍ଟୁ ଠିକ୍ କରି କହୁଚି ? ଖାଲି ତ ହସୁଚି । ଯାଅ ଟିକେ । ମୁଁ ଖାଲି ଭାବୁଚି, ମଣିର କ'ଣ ହବ । ମଣ୍ଡାର କହୁଥିଲା—ସାଉକାର କୁଆଡେ ତାକୁ ଧମକ ଦେଇ ଯାଇଚି ।

ଜବା—ଗାଳି ଧମକ ଦେଇଚି ? ମଣିକୁ ଢ଼'ଚଟକଣା ପକେଇଲା ନାହିଁ କାହିଁକି ? ମଣି ମାଇଲା ରୂପ ସାଉକାରକୁ ?

ରେଣୁ—ଆଜ ତୁମେ ତ ବାପ ବୋଲଉଚ ! ତୁମେ ତାକୁ ଶାସନ କରିପାରୁନା ? ସାଉକାର ଯଦି ମକଦ୍ଦମା କରିବ ?

ଜବା—କରୁ ! ମଣି ଜେଲ ଯିବ—ଜରିମାନା ଦବାକୁ ପଡ଼ିବ । ସାଉକାରକୁ ତ ସାକ୍ଷୀ ଅଭାବ ହବନି—

ରେଣୁ—ତୁମେ ବାପ ନା ! ଏଡ଼ିକି ପଥର ତୁମେ ! ତୁମେ ଏ କଥା କହିପାରୁଚ ?

ଜବା—ତା'ହେଲେ କଣ, କାନ୍ଦିବି ? କ'ହ କ'ଣ କରିବି ମୁଁ ? ମଣି ସାଉକାରକୁ ମାରିଲା—ସାଉକାର ମଣିକୁ ମାରିଚି କି ନାହିଁ ତା'ତ ତୁ କି ମୁଁ କେହି ଜାଣି ନ ଥାଉଁ । ସାନ ହେଇ ବଡ଼ ଉପରକୁ ହାତ ଉଠାଇଲା—ତା ଫଳ ତାକୁ ଭୋଗ କରିବାକୁ ହବ ।

ରେଣୁ—କ'ଣ କହୁଚ ତୁମେ ?

ଜବା—ଏ ସବୁ ଆଇନ କାନୁନ କଥା—ଯିଏ ଯିମିତି କରିବ ସିଏ ସିମିତି ଫଳ ଭୋଗ କରିବ । ଏଥିରେ ତୋର ବା ମୋର କାହାର ହାତ ନାହିଁ । (ମଣି ଆସିଚି)

ମଣି—ବାପା !

ଜବା—କ'ଣ ଆସିଗଲୁ ? କି କାଣ୍ଡ ସବୁ ଘଟେଇଦେଇ ଆସିଲୁ ?

Digitized by srujanika@gmail.com

ମଣି—(ଉତ୍ସାହରେ) ରୂପବାଜକ'ତକୁ ମାରିଛି !

ଜବା—କେତେ ମାରିଛୁ ?

ମଣି—(ଆନନ୍ଦରେ) ଖୁବ୍ ମାରିଛି । ଏକାବେଳକେ ତା' ହାଡ଼ ନରମ କରିଦେଇଛି । ପନ୍ଦର ଦିନ ଯାଏ ଖଟିଆରୁ ଉଠି-ପାରିବ ନାହିଁ ।

ଜବା—ଖୁବ୍ ମାରିଚୁ ନା, ବେଶ୍ କରିଚୁ । ମିଛ ଅପରାଧରେ ଜେଲ ଯିବାଠୁଁ ଏ ଢେର ଭଲ । ସିଏ କେତେ ମାରିଥିଲା ?

ମଣି—ଆଗେ ସିଏ ଯିମିତି ମୋ ଉପରକୁ ହାତ ଉଠାଇଛି ମୁଁ ତାକୁ ମାରିଲି ।

ରେଣୁ—ସ୍ୱେ ତୁ କ'ଣ କଲୁ ମଣି ! ତା' ଗୁଣ ତ ତୁ ଜାଣିଚୁ—ସେ ଯଦି ମକଦ୍ଦମା କରେ ?

ଜବା—ତା'ହେଲେ ଜେଲ ଯିବ (ଚୌକିଆ ପ୍ରବେଶ କଲା) କିଏ ଚୌକିଆ ନା ?

ଚୌକିଆ—ଚାଲ୍ ମଣିଆ, ଦଫାଦାରଙ୍କ ଘରକୁ ଚାଲ୍ ।

ମଣି—ଦଫାଦାର ଘରକୁ ? ହଉ ଚାଲ । ଯାଉଛି ବାପା, ହାତରେ ରନ୍ଧାବାଡ଼ି ଖାଇବ । (ଚୌକିଆ ଓ ମଣି ଚାଲିଗଲେ)

ଜବା—ଏବେ ତୁ ଘରକୁ ଯା, ରେଣୁ !

ରେଣୁ—ଆଜ ତୁମେ କ'ଣ କରିବ ?

ଜବା—କ'ଣ ଆଉ କରିବ ? ଘରକୁ ଯିବ; ହାତରେ ରନ୍ଧି ଓ ବାଡ଼ି ଖାଇବ । (ଚାଲିଗଲା)

ରେଣୁ—ଜବାଭାଇ ! ଜବାଭାଇ ! ମଣିଆକୁ ମୁକୁଳେଇ ଆଣିବ ନାହିଁ ତୁମେ ? ତୁମେ କ'ଣ ମଣିଷ ନା ପଥର ?

(କହୁ କହୁ ପଛେ ପଛେ ଚାଲିଗଲା)

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ

(ଗାଁର ଏକ ରାସ୍ତା—ଗୋପାଳ ବୁଲୁଥାଉଥିଲା—ପଛରୁ ଡାକ ଡାକ ଦୌଡ଼ି ପ୍ରବେଶ କଲା ମଦାର ।)

ମଦାର—ଗୋପାଳ ଦାଦା, ଗୋପାଳ ଦାଦା !

ଗୋପାଳ—କିଏ ? ମଦାର ! କ'ଣ ?

ମଦାର— ତୁମେ ଜାଣିନ ? ଦାଦାଙ୍କ ପଚାରିଲେ କିଛି କହୁନାହାନ୍ତି—ବୋଉ କିଛି କହୁନାହିଁ—ତୁମ ଘରକୁ ଯାଉଥିଲି ଯେ ତୁମେ ଚାଲି ପକେଇ ବୁଲି ଆସିଲଣି । ଗାଁରେ ସମସ୍ତେ ସେଇ କଥା କହୁଛନ୍ତି । ତୁମେ କ'ଣ କିଛି ଜାଣିନ ଦାଦା ! ପଚାରୁଛ କ'ଣ ?

ଗୋପାଳ—ଗାଁରେ ତ କେତେ କଥା ହେଉଚି, ତୁ କୋଉ କଥା ପଚାରୁଚୁ ଯେ ?

ମଦାର—ସବୁ ଜାଣି ଅଜଣା ଭଳି ପଚାରିଲେ ତୁମକୁ କ'ଣ କହିବି ଦାଦା ? ମଣି କାହିଁ ?

ଗୋପାଳ—ମୁଁ କେମିତି ଜାଣିବି ? ସେ କ'ଣ ମୋ ପାଖରେ ଥାଏ ?

ମଦାର—ତୁମ ପାଖରେ ନ ଥାଏ ମୁଁ ଜାଣେ । ଘରେ ନାହିଁ, ତା' ମୁଁ ଜାଣେ । ଆଜି ସିଏ ଏବେ କେଉଁଠି ଅଛି ତା' ତୁମେ ବି ଜାଣ । ଏବେ କ'ଣ କରିବି କୁହ ତ ଦାଦା ।

ଗୋପାଳ—କୋଉ କଥା ?

ମଦାର—ସେ ଜଙ୍ଗଲରେ ନା ?

ଗୋପାଳ—ହଁ, କିନ୍ତୁ······

Digitized by srujanika@gmail.com

ମଦାର—ତା’ ହେଲେ ଟିକେ ଦଫାଦାର ପାଖକୁ ଯାଆନ୍ତୁ ନାହିଁ ?

ଗୋପାଳ—କାହିଁକି ?

ମଦାର—ସ୍ବକ, ତାକୁ ଟିକେ ବୁଝେଇ କହିବା ।

ଗୋପାଳ—କ’ଣ ବୁଝେଇ କହିବା ? ଦଫାଦାର କ’ଣ କହିବ ? ରିପୋର୍ଟ ତ ତମ ସାଉକାର ଲେଖେଇଥିବ ।

ମଦାର—ରିପୋର୍ଟ କପିଣ୍ଡ ଲେଖାହେବ ? ସାକ୍ଷୀ କିଏ ଦେବ ? ମୋ ନନ୍ଦା ତ ସେଠି କେହି ନଥିଲେ । ଆମେ କହିବୁଁ, ଆମେ ତମ ପାଖରେ ବସିଥିଲୁଁ ବୋଲି । ତମେ ସାକ୍ଷୀ ଦବ ନା ? (ଗୋପାଳ ନୀରବ) କୁହ ବାବୁ, ଚୁପ୍ ହୋଇ ରହିଲ କାହିଁକି ? ସାହସ ନାହିଁ ? ତା’ ହେଲେ କାହିଁକି ଏତେ ଆପଣାର ବୋଲି କହୁଥିଲ ? ମଣିକୁ ଜଅଲ ହୋଇଗଲେ ତୁମେ ଭାରି ଖୁସି ହବ—ମିଛ ସାକ୍ଷୀ ଦବାକୁ ଡରୁଛ ?

ଗୋପାଳ—ତା’ ନୁହେଁରେ ବାପୁଣି ! ମିଛ କହିବାକୁ ମୁଁ ଘୃଣା କଲେହେଁ ଆଜି ମିଛ ସାକ୍ଷୀ ଦେବାକୁ ମୁଁ କୁଣ୍ଠିତ ନୁହେଁ । କିନ୍ତୁ ଲାଭ ହେବ କ’ଣ ? (ଦୁହେଁ କ୍ଷଣକାଳ ନୀରବ) ଯାହା କିଛି କରିବା କଥା ବୁଝି ସମଝି କରିବା କଥା, ମଦାର ! କିନ୍ତୁ ମିଛ କହି କିଛି ଲାଭ ହେଲେ ତ ! ମତେ ଆଜି କିଛି ବୁଦ୍ଧି ଦେଖାଯାଉନାହିଁ । ଜବାକୁ ବା ଯାଇ ମର୍ଭରନ୍ତି—ମିଛ ସାକ୍ଷୀ କଥା ଶୁଣିଲେ ସେ ମାରି ଗୋଡ଼ାଇବ ।

ମଦାର—ନା ଥାଉ, ମଜପା ଶୁଣିବେ ନାହିଁ । ତାଙ୍କୁ କହି କିଛି ଲାଭ ନାହିଁ । କିନ୍ତୁ ଆମେ ଯଦି ସାକ୍ଷୀ ଯୋଗାଡ଼ କରିବା ?

ଗୋପାଳ—ସାକ୍ଷୀ ଯୋଗାଡ଼ କରିବାକୁ ତ ପୁଣି ପଇସା ଦରକାର । ମୁଁ କ’ଣ ଚେଷ୍ଟା କରିନି ବୋଲି ଭାବୁଛୁ ? ହେଲେ ଯେଉଁମାନେ ସାକ୍ଷୀ ଦେବେ, ସେମାନେ କହିଲେ, ଭଗବାନଙ୍କ ନାଁ ।

Digitized by srujanika@gmail.com

ନେଇ ସାକ୍ଷୀ ଦବାକୁ ପଡ଼ିବ । ସେଥିପାଇଁ ଭଗବାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଭୋଗ ଦରକାର, ବଳି ଦରକାର । ପୁଣ୍ଡି କମରେ ଦ'ଜଣ ସାକ୍ଷୀ ତ ଦରକାର । ଜଣକା ଦଶ ଦଶ ଟଙ୍କା କରି ମାଗୁଛନ୍ତି । ଅନ୍ତ କମରେ କୋଡ଼ିଏ ଟଙ୍କା ପଡ଼ି କୋଉଠୁ ମିଳିଯାଆନ୍ତା—

ଜବା—(ନେପଥ୍ୟରୁ) ଗୋପାଳ ! ଗୋପାଳ

(ଜବାର ଡ଼ାକ ଶୁଣି ଗୋପାଳ ଫେରି ଚାହିଁଲା)

ଜବା—(ପ୍ରବେଶ କରି) ଗୋପାଳ ! କ'ଣ କରୁଚୁ ଏଠି ? କ'ଣ ସାକ୍ଷୀ ଯୋଗାଡ଼ କରୁଚୁ ? ତତେ ଲଜ ମାଡୁନାହିଁ ? ମୋ ପୁଅ ପାଇଁ ତୁ ଏଇ ଗ୍ଲେଟ କାମ କରିବୁ ? ତୁ କ'ଣ ଭାବୁଚୁ, ମୁଁ ମଟରଗଲିଣି ? ମୋ ଭଲଆ ବାପ ବସି ଥାଉଁ ଥାଉଁ ଏସବୁ ବିଷୟ ନେଇ ତୋ ମୁଣ୍ଡ ଖେଳେଇବା ଦରକାର ନାହିଁ ।

ଗୋପାଳ—ସେ କଥା ନୁହେଁ, ଜବାଭଉ !

ଜବା—ତୁନି ହ । ଆଉ ମିଛ କହିବା ଦରକାର ନାହିଁ । ଶୁଣ୍, ସେ ଜେଲ ଯାଉ, କିଛି ଦୁଃଖ ନାହିଁ । ସେ ମାରପିଟ କରିଚି—ତା ଫଳ ସେ ଭୋଗ କରିବ । ସେଥିରେ ତା'ର ଦୁଃଖ ନାହିଁ କି ମୋର ଦୁଃଖ ନାହିଁ । ହେଲେ ମିଛ ସାକ୍ଷୀ ଦେଇ ତାକୁ ମୁକୁଳେଇବାର ଚେଷ୍ଟା କରିବା କିଛି ଦରକାର ନାହିଁ ।

ମଦାର—ତା' ହେଲେ କ'ଣ ହେବ ?

ଜବା—ତମେ ସବୁ କ'ଣ ଭାବୁଚ, ତମରି ସବୁ ପ୍ରାଣ ଅଛି—ମୁଁ ବାପ ହେଇ ମୋର ନାହିଁ ? ଆଜକୁ ତିନାଦିନ ହେଲା ତାକୁ

Digitized by srujanika@gmail.com

ବନ୍ଦ କରି ରଖାଯାଇଛି । କାହିଁକି ତାକୁ ବନ୍ଦ କରି ରଖା-ଯାଇଛି ? କେଉଁ ନ୍ୟାୟରେ ତାକୁ ବନ୍ଦ କରି ରଖାଯାଇଛି ? ଆମେ ଗାଁବାଲାସବୁ ନିୟମକାନୁନ ଜାଣିନୁ ବୋଲି କ'ଣ ଏମାନେ ଯା'ଇଚ୍ଛା ତା କରିଯିବେ ! ପଞ୍ଚାୟତ ଗଢ଼ିଛ ପରା ! ନୈଶ ବିଦ୍ୟାଳୟ ବସେଇଛ ! ସେଠି କ'ଣ ଏଇଆ ସବୁ ଶିଖିଛ ?

ଗୋପାଳ—ସ୍କୁଲରେ ନିୟମକାନୁନ ଶିଖାହଉଛି କାହିଁ ?

ଜବା—ଓ, ଇତିହାସ ଭୂଗୋଳ ସେଠି ପଢ଼ାଯାଏ, ନା ? ପ୍ରଥମେ ଲୋକଙ୍କୁ ନିୟମକାନୁନ ପଢ଼େଇବା ପାଇଁ କୁହ । ଗାଁର ମୂର୍ଖ ଲୋକ ଆମେ । ନିୟମକାନୁନ ନେଇ ଚଳିବୁଁ, ନା ଖାଲି ଇତିହାସ ଭୂଗୋଳ, ବିଲାତ ଆମେରିକା କଥା ନେଇ ଚଳିବୁଁ ? ନିୟମକାନୁନ ସବୁ ଆମକୁ ଜଣା ଥାନ୍ତା, ତା' ହେଲେ ତୁମେ କାହିଁକି ଦଶ ଦଶ ଟଙ୍କା ଦେଇ ସାକ୍ଷୀ ଯୋଗାଡ଼ କରୁଥାନ୍ତ ? ଚାଲ ମୋ ସାଙ୍ଗରେ, ଦେଖ ମୁଁ କ'ଣ କରୁଛି । (ବାହାରିଲା—ପଛରେ ଗୋପାଳ ଓ ମନ୍ଦାର ଯାଉଥିଲେ) ତୋ'ର କ'ଣ କାମ ଅଛି ମନ୍ଦାର ! ତୁ ଯା, ଘରକୁ ଯା । ଚାଲ ଗୋପାଳ । (ଚାଲିଗଲେ—ମନ୍ଦାର ଠିଆ ହୋଇଥାଏ) ।

Digitized by srujanika@gmail.com

ପଞ୍ଚମ ଦୃଶ୍ୟ

(ଦଫାଦାର ଘର ଚୌପାଢ଼ୀ, ଦଫାଦାର ବସି ଚିନ୍ତନ ମଗ୍ନଥିଲେ । ପାଖରେ ଛିଡ଼ା ହୋଇଛି ଚାକର ରାମ)

ଦଫାଦାର—ବଡ଼ ଅଡ଼ୁଆ ହେଲା ! ଆଜ୍ଞେ ସରକାରଙ୍କ ଟଣା-ଓଟରା । ସେଆଡ଼େ ଗାଁ ବାଲାଙ୍କ ଗୋଳମାଳ । ସେଥିରେ ପୁଣି ଗାଁରେ ଠାକୁରାଣୀ ରଜେ କରଛନ୍ତି । ଡାକ୍ତର ଆସି ବସିଛି । ତାଙ୍କ କଥା ତ କେହି ଶୁଣୁନାହାନ୍ତି । ଏଥିରେ ମୁଁ କ'ଣ କରିବି କହିଲୁ ? ଛୋଟ ଛୋଟ ଛୁଆଗୁଡ଼ାଙ୍କୁ ନେଇ ଯୋଉ ଠନୁଆର ବାହାର କରୁଛନ୍ତି, କାଲି ଯଦି ସେ-ଗୁଡ଼ାଙ୍କ ଭିତରୁ କେହି ଠାକୁରାଣୀ ମୁହଁରେ ଯାଆନ୍ତି, ତା ହେଲେ ଦୋଷୀ ହବ କିଏ ?

ରାମ—(ଖୋସାମଦିଆ ଭଙ୍ଗୀରେ) ସେ କଥା ଆଉ ପଚାରିବାକୁ ଅଛି ? ଟୀକା ଇଞ୍ଜେକସନ ନେଲେ ଠାକୁରାଣୀ ଯାଉଛନ୍ତି କୋଉଠି ? ଆରେ ବାବୁ, ଶୀତଳାଦେବୀ ଯୋଉଠି କୋପ କରିଛନ୍ତି, ସେଠି ଟୀକା ଇଞ୍ଜେକସନ କରିବ କ'ଣ ?

ଦଫାଦାର—ଆରେ ତା'ତ ମୁଁ ଜାଣୁଛି । ଇଏ ତ ତମ ଆମ କଥା ନୁହଁ, ଗୌରମେଣ୍ଟ କଥା । ଦଫାଦାର ହୋଇ ଏଇଟା ମୁଁ ମନା କରିପାରିବି ? ଡାକ୍ତର ଯଦି ଉପର ହାକମଙ୍କୁ ଲେଖିଦେବ ତ ମୋ ଚାକିରି ଯିବ । ବଡ଼ ଅଡୁଆରେ ପଡ଼ିଛି ମଣିଷ । ତା' ଭିତରେ ପୁଣି ମଣିଆର ଝଗଡ଼ା । ଆସି ଛନଛନ ହେଲା, ରୁପାଡ଼ଜାରର ଏ ଯାଏ ଦେଖା ନାହିଁ । ଦେଖୁଛି ଶେଷକୁ ମୋର ଚାକିରି ଖଣ୍ଡିକ ଯିବ ।

Digitized by srujanika@gmail.com

ରାମ—ଏଥିରେ ଲୁକଣ୍ଠ·ଯିବାର କ'ଣ ଅଛି ?

ଦଫାଦାର—ଯିବ ନାହିଁ ? ଡାକ୍ତର ସାର୍ଟିଫିକେଟ୍ ତ ଦରକାର । ଏ ଯାଏ ରିପୋର୍ଟ ଲେଖା ହେଲନାହିଁ ଯେ !

ଜବା—(ନେପଥ୍ୟେ)ଦଫାଦାରେ ! ଦଫାଦାରେ !! ଆମେ ଆସିଚୁ ଦାଫାଦାରେ ! (ଦଫାଦାର ନ ଶୁଣିଲା ପରି ଚନ୍ଦନପଟ୍ଟ ମଳିବାକୁ ଲାଗିଲା) ଦଫାଦାରେ ! ଆଇନ କାନୁନ ବୋଲି ଗୋଟିଏ ଜିନିଷ କିଛି ଅଛି ନା ନାହିଁ ?

ଦଫାଦାର—ମାନଥାନ ଦଣ୍ଡବତ ବୋଲି ଗୋଟାଏ ପୁଣି ତ ଅଛି । ଠାର ଦଫାଦାର ମୁଁ, ଜବା ! ଦଫାଦାରଙ୍କୁ ଦଣ୍ଡବତଟିଏ ହୁଅ !

ଜବା—(ହସି) ଓ,ଏଇ କଥା ! ହଜ,ଦଣ୍ଡବତ ଦଫାଦାରେ ! ଏବେ କୁହ, ଆଇନ କାନୁନ କିଛି ଜଣା ଅଛି ନା ନାହିଁ ?

ଦଫାଦାର—(ଚନ୍ଦନପଟ୍ଟ ପାଟିରେ ପକାଇ) କ'ଣ କହିବାର ଅଛି, କହ ।

ଜବା—ଆଜିକୁ ତିନି ଦିନ ହେଲା ମଣିକୁ ତୁମେ କଏଦ କରି ରଖିଛ ।

ଦଫାଦାର—କାହିଁକି ? ତତେ କ'ଣ ମୁଁ ଡରୁଚି ନା କଣ ?

ଜବା—ତମେ ଡରିବ କାହିଁକି ? କିନ୍ତୁ କୋଉ ନ୍ୟାୟରେ ତୁମେ ତାକୁ କଏଦ କରି ରଖିଛ କୁହ । (ଦଫାଦାର ମୁରୁକି ହସୁଥିଲେ) ହସିଲେ ଚଳିବନି ଦଫାଦାରେ ! କୁହ ! କୋଉ ଆଇନ ବଳରେ ତୁମେ ତାକୁ ଅଟକ କରି ରଖିଛ ? ତିନିଦିନ ହେଇଗଲା—ଗୋଟିଏ ଘଣ୍ଟା ବି ଘର ଭିତରେ ଅଟକେଇ ରଖିବାର ଅଧିକାର ତୁମର ନାହିଁ । ତୁମେ

Digitized by srujanika@gmail.com

ଦଫାଦାର । ତୁମର କାମ ହେଲା ଥାନାରେ ଏତଲା ଦବା । ରିପୋର୍ଟ ଲେଖିଛ ? ତା' ହେଲେ କୋଉ ଅଧିକାରରେ ତାକୁ ବିନାଦୋଷରେ ଘର ଭିତରେ ଅଟକ କରି ରଖିଛ ?

ଦଫାଦାର—ତୁ କିଏ ମତେ ଏ କଥା ପଚାରିବାକୁ ? ତୋ'ର କି ଅଧିକାର ଅଛି ପଚାରିବାକୁ ?

ଜବା—ମୁଁ ପୁଣି ପଚାରୁଚି ରିପୋର୍ଟ ଲେଖା ହୋଇଚି ନା ନାହିଁ ?

ଦଫାଦାର—ଚୁପ୍ କର । ତୁ କିଏ ସେ ମତେ ପଚାରିବାକୁ ?

ଜବା—କୋଉଥିପାଇଁ ତୁମକୁ ଦଫାଦାର କରାଯାଇଚି ? ଗାଁର ଏଇ ପ୍ରଜାମାନଙ୍କ ପାଇଁ ନା ?; ଏଇ ଗାଁର ପ୍ରଜାମାନଙ୍କ ଭିତରୁ ମୁଁ ଜଣେ । ତମକୁ ଏଠି କାହିଁକି ରଖାଯାଇଛି ? ଆମ୍ଭମାନଙ୍କର ଦୁଃଖସୁଖ ବୁଝିବା ପାଇଁ, ନା, ଆମ୍ଭମାନଙ୍କ ଉପରେ ଅତ୍ୟାଚାର କରିବା ପାଇଁ ? ଥାନାରେ ଏତଲା ନ ଦେଇ ଲୋକଙ୍କୁ ବନ୍ଦ କରି ରଖିବାକୁ ତୁମର କି ଅଧିକାର ଅଛି ?

ଦଫାଦାର—ଜବା !

ଜବା—ମୁଁ କହୁଚି, ମଣିକୁ ଏଇନେ ଛାଡ଼ିବ ନା ନାହିଁ ?

ଦଫାଦାର—କ'ଣ ? ମତେ ହୁକୁମ ଦବାକୁ ତୁ କିଏ ?

ଜବା—ମୁଁ କିଏ ? ମୁଁ ତୁମର ମାଲିକ ; ତୁମ ତହସିଲଦାର ସାହେବଙ୍କର ମାଲିକ । ତୁମ କଲେକ୍ଟର ସାହେବଙ୍କର ବି ମାଲିକ । ମୁଁ ହୁକୁମ ଦଉଚି, ମଣିକୁ ଏବେ ଛାଡ଼ିଦିଅ ।

ଦଫାଦାର—ମକଦ୍ଦମା ଦାଏର ହଉ, ତା ପରେ ଛାଡ଼ିଦେବ ।

ଜବା—ତା' ହେଲେ ଜାମିନ ନିଅ ।

ଦଫାଦାର—ଜାମିନ ମୁଁ ନେବିନି । ଆଇନକାନୁନ ମତେ ଭଲ ଭାବରେ ଜଣା ଅଛି । ମତେ ଶିଖେଇବା ଦରକାର ନାହିଁ ।

Digitized by srujanika@gmail.com

ଜବା—ତୁମ ଅପେକ୍ଷା ଅଇନକାନୁନ ମତେ ଭଲଭାବରେ ଜଣା ଅଛି । ଏବେ ମଣିକୁ ଛାଡ଼ିଦିଅ, କହୁଚି ।

ଗୋପାଳ—କ'ଣ ମିଛ ମକଦ୍ଦମା କରି ତାକୁ ଅଟକେଇ ରଖିବ ?

ଜବା—ତୁ ତୁନି ହ ଗୋପାଳ ! କ'ଣ ଦଫାଦାରେ ! କ'ଣ ସିଧା ସିଧା ମୋ କଥା ମାନିବ ନା ମୁଁ ତହସିଲଦାର ପାଖକୁ ଯିବ ?

ଦଫାଦାର—ତହସିଲଦାର ପାଖକୁ ଯାଇ କ'ଣ କରିବ ?

ଜବା—କ'ଣ କରିବ ନ କରିବ ସେ କଥା ମୁଁ ଜାଣେ । ତୁମେ-ମାନେ କ'ଣ ଭାବିଚ ଆଇନ୍ ଏ ରାଜ୍ୟରୁ ଉଠିଗଲା ? ମୁଁ ଯଦି ଯାଇ ତହସିଲଦାର ପାଖରେ କହେଁ, ତିନିଦିନ ହେଲାଣି ମୋ ପୁଅକୁ ତୁମେ ଅଟକେଇ ରଖିଛ, ଜାଣିଛ ତୁମର ଅବସ୍ଥା କ'ଣ ହେବ ?

ଦଫାଦାର—(ଚିନ୍ତାଯୁକ୍ତ ହୋଇ) ବେଶ୍, ତା' ହେଲେ କାହାକୁ ଜାମିନ ଦେବ ଦିଅ ।

ଜବା—ଜାମିନ କଥା ଛାଡ଼ ଦଫାଦାରେ ! ପ୍ରଥମେ କୁହ, ରିପୋର୍ଟ କାହିଁ ? କ'ଣ ରିପୋର୍ଟ ଦେଇଚ ? ମତେ ସେ ରିପୋର୍ଟର ନକଲ ଦରକାର ।

ଦଫାଦାର—ମକଦ୍ଦମା ଯେତେବେଳେ ହେବ ସେତେବେଳେ ରିପୋର୍ଟ ଦେଖିନେବ ।

ଜବା—ତା' ହେଲେ ଶୁଣିଥା ଗୋପାଳ ! ତତେ ସାକ୍ଷୀ ଦେବାକୁ ହେବ । ମୁଁ ଯାଉଚି ତହସିଲଦାର ପାଖକୁ ।

ଦଫାଦାର—(ବିବ୍ରତ ହୋଇ) ଆରେ ଶୁଣ୍, ଶୁଣ୍ ଜବାଭାଇ, ସାଙ୍ଗ-ସାଥୀ ସାଇପଡ଼ିଶା ବୋଲି ଗୋଟାଏ ଜିନିଷ ତ ଅଛି !

Digitized by srujanika@gmail.com

ଜବା – ମତେ ରିପୋର୍ଟ ନ ଦେଖେଇଲେ ମୁଁ କିଛି କଥା ଶୁଣିବି ନାହିଁ ।

ଦଫାଦାର—ଜବା ଭାଇ, କଥା ହେଉଛି ·· ···

ଜବା—କିଛି କଥା ମୁଁ ଶୁଣିବି ନାହିଁ । ଯାହା ଶୁଣେଇବା କଥା ଯା ତମ ତହସିଲଦାର ନିକଟରେ ଶୁଣେଇବ । ସାଙ୍ଗ-ସାଥୀ, ସାଇ-ପଡ଼ିଶା ! ବେଆଇନ ଭାବରେ ଯେତେବେଳେ ମଣିକୁ ଅଟକେଇ ରଖିଥିଲ, ସେତେବେଳେ କ'ଣ ଏ ଖିଆଲ ନ ଥିଲା ?

ଦଫାଦାର—ମୋ କଥା ଟିକିଏ ଶୁଣ, ମୁଁ ମଣିକୁ ଛାଡ଼ିଦେଉଛି— ଯେଉଁଟା ମୋ ହାତର କଥା । ମୁଁ ମହନ୍ତଙ୍କ ରୂପସାଙ୍ଗକାରକୁ ବୁଝେଇଦେବି । ଆପଣାର ଲୋକ ତମେ । ତମ ପାଇଁ ଯଦି ଏତିକି କରି ନ ପାରିବି ତା' ହେଲେ ଆଉ ହେଲା କ'ଣ ? ଯାହା ହବାର ଥିଲା, ହେଇଗଲା । ମଣିଷ ତ ଭୁଲ କରେ ।

ଜବା— ଏ ସବୁ ଯାଇ ତହସିଲଦାର ପାଖରେ କହିବ । ମତେ ଶୁଣେଇ କିଛି ଲାଭ ନାହିଁ । ତୁମେ ଜାଣ, ତହସିଲଦାର ଜାଣନ୍ତୁ । ମୁଁ ଯାଉଛି—ଚାଲ ଗୋପାଳ ।

ଦଫାଦାର—ଆରେ ଶୁଣ, ଶୁଣ, ଜବାଭାଇ ! ଏମିତି ହେଲେ ହେବ ? ଅଚ୍ଛା ! କ'ଣ କଲେ ତୁମେ ଖୁସି ହବ କୁହ ତ ?

ଜବା—ମୋର ଖୁସି ହବା ଦରକାର ନାହିଁ ଦଫାଦାରେ ! ତୁମେ ବେଆଇନ୍ କାମ କରିଛ । ମୁଁ ଯାଉଛି ତହସିଲଦାରଙ୍କୁ ସେକଥା କହିବି । ଆଉ ଯଦି ନ ଯିବାକୁ କହୁଛ, ତା'ହେଲେ ମଣିକୁ ଛାଡ଼ିଦିଅ ।

ଦଫାଦାର—ତା' କେମିତି ହବ ?

Digitized by srujanika@gmail.com

ଜବା—ତାକୁ ଛାଡ଼ିଦେଲେ ବି ଆଇନ୍ ହାତରୁ ତମର ନିସ୍ତାର କାହିଁ ? ମୁଁ ତହସିଲଦାର ପାଖରେ ଆପତ୍ତି କଲେ ମଣିକୁ ଛାଡ଼ିଦେଇ ତମେ କ'ଣ ବଞ୍ଚିଯିବ ବୋଲି ଭାବୁଛ ? ତଥାପି ଏବେ ଯଦି ମଣିକୁ ଛାଡ଼ିଦିଅ···

ଦଫାଦାର—ତା'ହେଲେ ତୁମେ ତହସିଲଦାର ପାଖକୁ ଯିବନାହିଁ ?

ଜବା—ତୁମେମାନେ କ'ଣ ଭାବୁଛ, କୋର୍ଟ କଚେରୀ ସବୁ ଉଠିଗଲାଣି ? ଲୁଟପାଟକାରୀ କହିବ, ଆଉ ତା'ରି କଥାରେ ଆଇନକାନୁନ ନେଇ ଯା ଇଚ୍ଛା ତା' କରିଯିବ ? ଗାଁଟା ସାରା ତୁମେ ହଇରାଣ କରିସାରିଲଣି । ତୁମମାନଙ୍କୁ ଉଚିତ ଶିକ୍ଷା ଦବା ଦରକାର ।

ଦଫାଦାର—ଦେଖ ଜବାଭାଇ ! ମଣିଷ ମାତ୍ରେ ଭୁଲ ହୁଏ । ତୁମର କଥା ମତେ ବି ଅସହ୍ୟ ହେଲାଣି । ତାକୁ ଏଥର ସାଫ୍ ସାଫ୍ ଶୁଣେଇଦବାକୁ ହବ । ହଉ, ମୁଁ ମଣିକୁ ଛାଡ଼ିଦଉଛି, ତମେ ଆଜି ତହସିଲଦାର ପାଖକୁ ଯାଅନି । ରାମ ! ଆରେ ହେ ରାମ !! (ରାମ ଆସିଲା । ତାକୁ ଚାବିଦେଇ) ନେ, ଏ ଚାବି ନେ । ବୈଠକ ଘର ଖୋଲି ମଣିକୁ ଛାଡ଼ି ଦେ ତ । (ଜବାପ୍ରତି) କ'ଣ, ଏଥର ଖୁସି ତ ?

ଜବା—ଏକଥା ତୁମର ଆଗରୁ ଭାବିବା ଉଚିତ ଥିଲା । ଆଇନ୍ କାନୁନ ଜାଣିନା ତ ଦଫାଦାର ହେଇଛ କାହିଁକି ?

ଦଫାଦାର—ଛାଡ଼ ଭାଇ, ଛାଡ଼, ସେ ଯାହା ହବାର ହେଲା । ହଉ ନିଅ, ଏ ନିଅ, ଏ ଚୂନପତ୍ର ଟିକେ ପାଟିରେ ପକା ।

ଜବା—ମତେ ତ ଜାତିରୁ ବାହାର କରିଦେଇଛ ! ପୁଣି···

ଦଫାଦାର—ସେ କଥା ପୁଣି ଆଉ କାହିଁକି ? ମୁଁ ସିନା ସରକାରଙ୍କ କଥା କହିବ, ଗାଁବାଲାଙ୍କ କଥା ସିଏ । ଯଦିବା ଗାଁବାଲା ଗୋଟାଏ

Digitized by srujanika@gmail.com

ଅକଣ୍ଠେଇଚନ୍ତି, ତୁମେ କ'ଣ ଟିକେ ନରମ ହୋଇଗଲେ ଯାଆନ୍ତାନି ?

ଜବା—ହଉ, ଥାଉ, ତୁମର ଉପଦେଶ ନେବା ଦରକାର ନାହିଁ । ମଣିଆକୁ ଚଞ୍ଚଳ ଖୋଇକରି ବଡ଼ା କର । ଜନ୍ମ ଦନ ହେଲା ତାକୁ ଉପାସ ରଖିନା ତ ?

ଦଫାଦାର—ଆହାହା ! ପୁା ଗୋଟାଏ ହେଲଣି ?

ଜବା—ବେଶ୍, ତାକୁ ପଠେଇଦିଅ । (ଗୋପାଳ ଓ ଜବା ଚାଲିଗଲେ)

ଦଫାଦାର—ରାମ, ମଣିଆକୁ ନେଇଯା—ତାକୁ କ'ଣ ଖାଇବାକୁ ଦେଇ ବଡ଼ାକର । ହଁ, ଏ ଟଙ୍କାଟା ନେ, ତାକୁ ଦବୁ । ଗରିବ ଲୋକ । ଦେଖିଲୁଟି ଜବାକୁ କମିତି ଭୁଲେଇଦେଲି ? ଇମିତ ସବୁ କରିବାକୁ ହୁଏ । ହେଲେ ରୁପାଟା ସବୁ କଥା ବଗାଡ଼ି-ଦେଲା । ବୁଅ'ଣ୍ଡେ ଗଲା ତା'ର କ'ଣ ଠିକ୍ ଅଛି ?

ରାମ—ଯାଉ ଦଫାଦାରେ, ପୁଣି କ'ଣ ହେଲ ଷଡ଼ଯନ୍ତ୍ର ? ଗାଁ ଭିତରେ ରହିବ ତ ? ଯିବ କୁଆଡ଼େ ?

ଦଫାଦାର—ହଉ, ତୁ ଗଲୁ । (ଗୋଟାଏ ବାଟରେ ରାମ ଗଲା—ଅନ୍ୟ ବାଟରୁ ଡାକ ଡାକ ରୁପସାଉକାର ଆସିଲେ)

ରୁପ—ସବୁ ଠିକ୍‌ଠାକ୍, ବୁଝିଲ ଦଫାଦାରେ, ସବୁ ଠିକ୍‌ଠାକ୍ । ଡାକ୍ତର ଠୁଁ ସାର୍ଟିଫିକେଟ ନେଇଆସିଲି ।

ଦଫାଦାର—ହଉ ଯା, ଏଥର ସେ ସାର୍ଟିଫିକେଟକୁ ଚୁଲିରେ ଭକେଇ ଜାଳିଦିଅ ।

ରୁପ—କାହିଁକି ? ହେଲା କ'ଣ ?

ଦଫାଦାର—ମଣିଆକୁ ଛାଡ଼ିଦେଲି ।

ରୁପ—ଛାଡ଼ିଦେଲ ? କାହିଁକି ?

Digitized by srujanika@gmail.com

ଦଫାଦାର—ତା'ହେଲେ କ'ଣ କରିଥାନ୍ତି ? ତିନିଦିନ ହେଲାଣି
ତମେ କୁଆଡେ ଚାଲି ଯେ ତା'ର ପତ୍ତା ନାହିଁ । ରିପୋର୍ଟ
ନ ଲେଖେଇ ଡାକ୍ତରପାଖକୁ ଇମିତି ଚାର ଚାର ହୋଇ ଯିବା
କ'ଣ ଦରକାର ଥିଲା ?

ରୂପ—ବଡ଼ରେ ଦରଜ ଥିଲାବେଳେ ଡାକ୍ତର ପାଖକୁ ଯିବ
ନାହିଁ ତ ଡାକ୍ତର ଲେଖିବ କିମିତି ?

ଦଫାଦାର—ହଁ, ତମେ ତମର ଡାକ୍ତର ପାଖରେ ବସିଥ । ଏଣେ
ମୋ ଚାକିରି ଖଣ୍ଡିକ ଯିବା ଉପରେ । ଜବା ଯିମିତି ଭାବରେ
ଆସି ଏଠି ହଙ୍ଗାମା କଲା ମୁଁ ମଣିଷଙ୍କୁ ଘୁଞ୍ଚେଇ ନ ଥିଲେ
ଚାକିରି ରହିଥାନ୍ତା ? ତୁମକୁ କହିଦେଉଛି ସାଉକାରେ ! ଆଉ
ଏଣିକି ତୁମ କଥା କେବେହେଲେ ଶୁଣିବି ନାହିଁ ।

ରୂପ—ବୁଝିଲି, ତମଭଳିଆ ଗୋଟାଏ ଡରୁଆ ଲୋକଙ୍କୁ ସ୍ୱାମୀ
କିମିତି ଦଫାଦାର କରୁଥିଲେ କେଜାଣି ?

ଦଫାଦାର—ଯା ହୋ, ନା ମୋର, ହାକିମି କରିବ ତୁମେ ! ଇମିତି
ଦଫାଦାରି ନ ରହିଲେ କ'ଣ ହେଉଥାଉଛି ?

ରୂପ—ହଉ, ତୁମ ବୁଦ୍ଧିଟା କେତେ ପରଖ ହବ । କାଲି ଯାଉଛି
ମୁଁ କଲେକ୍ଟର ପାଖକୁ । ଉପରୁ ହୁକୁମ ଆସିଲେ କାଲି ଯଦି
ତମେ ମୋ ପାଦ ନ ଚାଟିଚ !

ଦଫାଦାର—ହଉ ଯା, ଯା, ଦେଖ, କିଏ କାହା ପାଦ ଚାଟୁଚି ଦେଖ ।
ଚାକିରି ଯେତେବେଳେ ଯିବ ଯିବ । ହେଲେ ଆଜି
ତୁମକୁ ମୁଁ ଦେଖେଇ ଦଉଚି । ଜବାକୁ ସାଙ୍ଗରେ ନେଇ
ଏବେ ମୁଁ ଯାଉଚି ଫେରାଦ ହେବ । ଗାଁରେ ତୁମ କିମିତି
ଗୋଟାଏ ରସିକ ସାଜିଛ ଦେଖାଯିବ । ମଣିଷକୁ କ'ଣ,
ତମକୁ ନେଇ ଯଦି ମୁଁ ଗାରଦ ଭିତରେ ନ ପୂରେଇଛି…!

Digitized by srujanika@gmail.com

ରୂପ—(ହବ୍ରତ ଦେଇ) ଇଙ୍ଗିତ ଦେଲେ ହବ ଦଫାଦାରେ ! ଗୁଡ଼୍, ଯାହା ହବାର ହେଲା । ସବୁ ଭୁଲ୍ ମୋର । ବୁଝିଲ ? (ପକେଟରୁ ଖଣ୍ଡେ ଦଶଟଙ୍କିଆ ନୋଟ କାଢ଼ି ଦଫାଦାର ହାତରେ ଦେଲା । ଦଫାଦାର ନାଇଁ ନାଇଁ ହଉଥାଏ । ରୂପ ଜୋର କରି ତା’ ହାତରେ ଟଙ୍କା ଦେଲା)

ଦଫାଦାର—ନାଇଁ, ଆଜ ଟଙ୍କା କ’ଣ ହବ ?

ରୂପ—ହଉ ନିଅ, ରଖ । (ଟିକିଏ ରହି) ହଉ, ମଣିଆକୁ ଗୁଡ଼ଦେଲଣି ତ ? ଆରେ ଯାଉ, କେତେ ବାଟ ଯିବ ? ଏଇ ଗାଁରେ ରହିବ ନା କୁଆଡ଼େ ପଳେଇଯିବ ?

ଦଫାଦାର—କ’ଣ ପୁଣି ମତେ ବିପଦରେ ପକେଇବ ନା କ’ଣ ?

ରୂପ—ତୁମେ ବ୍ୟସ୍ତ ହୁଅନା । ମଣିଷ ସିନା ପାରିଲେ ନାହିଁ । ହେଲେ ଠାକୁରାଣୀ ଏଥର କ’ଣ କରୁଛନ୍ତି ଦେଖ । ଗାଁରେ ଠାକୁରାଣୀ ବିଜେ କରିଛନ୍ତି ପରା !

ଦଫାଦାର—ସିଏ ପୁଣି ଆଉ ଗୋଟାଏ ମୁସ୍କିଲ । ସେଆଡ଼େ ପୁଣି ସରକାରୀ ଡାକ୍ତର ଆସି ବସିଛନ୍ତି । ଏଆଡ଼େ ଗାଁ-ବାଲାଙ୍କର ଅଡ଼ୁଆ । ଆଚ୍ଛା ହଇରାଣରେ ପଡ଼ିଛୁ ମଣିଷ ।

ରୂପ—ଇଏ ଗୋଟାଏ ହଇରାଣ କ’ଣ ? ହଉ, ତୁମେ ଚାଲ ମୋ ସାଙ୍ଗରେ । ଦେଖ ମୁଁ କଣ କରୁଚି । କାଳସୀ ପାଖକୁ ଟିକେ ଯିବାକୁ ହବ ।

ଦଫାଦାର—କାଳସୀ କ’ଣ କରିବ ?

ରୂପ--କ’ଣ କରିବ ? ଚାଲ, କହୁଛି ଚାଲ ।

Digitized by srujanika@gmail.com

ଷଷ୍ଠ ଦୃଶ୍ୟ

ମଠର ପ୍ରାଙ୍ଗଣ— ପ୍ରବେଶ କଲେ ମନ୍ଦାର ଓ ରେଣୁକା)

ରେଣୁକା—ମନ୍ଦାର ! ତତେ ମୁଁ କେତେଥର କହିଲଣି ଯେ ତାଲୁ ଆଜ ଇମିତ ତନ୍ତାନା । ଇ ଅକ୍ତିଆର ଆମର ଅଛୁ, କହ ତ ? କ'ଣ ଅଛୁ ଆମର ଭରସା ? ମନା କରୁଚ, ତୁ ସେଠିକି ଗଲୁ । କ'ଣ ହେଲା—କିଏ ଜାଣେ ? କିବା ଗଇ ଦଫାଦାର ପାଖକୁ ଯାଇଥିଲେ—ହେଲେ କ'ଣ ହେଲା ବୋଲି ପଚାରିଲେ ଡଛୁ କହୁନାହାନ୍ତି ।

ମନ୍ଦାର—ତାଙ୍କ କଥା ତୁ କ'ଣ ଜାଣିବୁ ? ହେଲେ ମୁଁ ତତେ କହୁଥାଉଚ ବୋଉ, ମୁଁ ଆଉ ଏଣିକ ସହିପାରିବିନି— ଜୀବନ ହରେଇଦେବି ତତକେ······

ରେଣୁକା—ମନ୍ଦାର ! କ'ଣ କହୁଚ୍ ତୁ !

ମନ୍ଦାର—କହିବନି ତ କ'ଣ କରିବି ଯେ ? ଯାଇ ନଈକି ଡେଇଁ-ପଡ଼ିବି, ନହେଲେ କ'ଣ ଖାଇଦେବି । କେତେ ଆଉ ସହିବି କହ ତ ? ଯେତେ ଖଟିଲେ ବି ଭଲ ଶୁଣିବା ତ ଜାତକରେ ନାହିଁ । ମାଡ଼ ଖାଇ ଖାଇ ତ ପିଠି ସିଝିଗଲାଣି । ବୋଉ, ମଣିକୁ କ'ଣ ସେମାନେ ଛାଡ଼ିବେ ନାହିଁ ?

ରେଣୁକା—କମିତ କହିବ ? ମୋ ହାତରେ କ'ଣ ଅଛୁ ? କାହା ପାଖକୁ ଯିବ ? କାହାକୁ ପଚାରିବ ? ଗୋଟିଏ ବାଟ ଅଛୁ ।

ମନ୍ଦାର—କହ, କି ବାଟ ?

ରେଣୁକା—ତୁ କ'ଣ ଜାଣିବୁ ?

Digitized by srujanika@gmail.com

ମନ୍ଦାର—କ'ଣ, ସେ ମାଙ୍କଡ଼କୁ ବାଧା ଦେବ, ନା ? ସ୍ୱାଠୁ ମରନ୍ତାଲେ କ'ଣ ହେଇଯାଉଚି ? ଏମିତି ବଡ଼ାବଡ଼ାଠୁ ମରିଯିବା ଢେର ଭଲ । ତୁ ଏକଥା କହିପାରୁଚୁ ବୋଉ ! ତୁ କ'ଣ ଭାବୁଚୁ, ମୋ ଜୀବନଟା ଏମିତି ଭାବରେ ନଷ୍ଟ ହୋଇ ଯାଉ ? (ଉଭୟ କିଛି ସମୟ ନୀରବ ରହିଲେ) ବୋଉ, କହୁନୁ କାହିଁକି ?

ରେଣୁକା—କ'ଣ କହିବ ? ଏଇଆ କ'ଣ ତୋ ଭାଗ୍ୟରେ ଲେଖିବାକୁ ଥିଲା ! ମୁଁ ଦେଖିବାଠୁ ମୋ ପୋଡ଼ା ଜୀବନ କ'ଣ ସବୁଜରେ ଯାଉଚି ?

ମନ୍ଦାର—ତୁ ଏ କଥା କହୁଚୁଟି ବୋଉ ? ହେଲେ ମତେ କାହିଁକି ମନା କରୁଚୁ ? ଚାଲ ବୋଉ, ମଉସାଙ୍କ ଘରକୁ ଯିବା । ସେବେ ଜାଣିରୁ ବାହାର କରିଦେବେ, ଦେଖନ୍ତୁ ।

ରେଣୁକା—ତୁ କଣ ବାଘୁଣୀ ହେଲୁଣି ମନ୍ଦାର ? ତା କଥା ତ ଚାଲୁ କରୁଛନ୍ତି—ଆମେ ପୁଣି କାହିଁକି ଯାଇ ତା ଦେଢ଼ରେ ଛଡ଼ ହବା ! ଏଠି ହେଲେ ତ ଘରର ଖଟେଇ ମୁଠେ ଖାଇବାକୁ ମିଳୁଚି । କିନ୍ତୁ ସେଠିକି ଗଲେ ତ ଗାଁବାଲା ଲୋକଙ୍କ ପାଖରେ ଫୁଟେଇବେ ନାହିଁ । ଆଉ ଖାଇବାକୁ ମିଳିବ କେଉଁଠୁ ?

ମନ୍ଦାର—ତା ବୋଲି କଣ ତୋ ଝିଅଟାକୁ ଗୋଟାଏ ମାଙ୍କଡ଼ ହାତରେ ଛାଡ଼ିଦେବୁ, ଏଇଆ ତୁ କହୁଚୁ ? ନାହିଁ ବୋଉ, ଅନ୍ତ ମୁଁ ସହିପାରିବ ନାହିଁ—ନିଶ୍ଚୟ ଜୀବନ ହରାଇଦେବ । (ନେପଥ୍ୟ ମଣିର ଗୀତ ଶୁଭିଲା) କିଏ ମଣି ! ବୋଉ, ମଣି ଆସିଲଣି (ମଣି ପ୍ରବେଶ କଲା) ମଣି, ତୁ ଆସିଲୁଣି ମଣି ! କଣ ସେମାନେ ଛାଡ଼ିଦେଲେ ? ଦେଖୁଚୁ

Digitized by srujanika@gmail.com

ବୋଉ, ଭଲ ଶ୍ୱଶୁରଠାରେ ମଣି କିପରି କଳାକାଠ ପଡ଼ି-
ଗଲାଣି !

ରେଣୁ—କଣ ହେଲା ମଣି ?

ମଣି—କ'ଣ ହେଲା ? ଦେଖୁଚ ମାଉସୀ, ମୁଁ କୁଠି କଳାକାଠ ପଡ଼ିଯାଇଚି ! ଶ୍ୱଶୁରଘର ତ ମଜାରେ କଟିଗଲା । କାମ ନାହିଁ, ଧନ୍ଦା ନାହିଁ, ତଉକଣ୍ଠ ଭୋଜନ ମିଳୁଥିଲା । ଘରେ ରହିବାଠୁ ଦେଖୁଚି ଜଙ୍ଗଲରେ ରହିବା ଢେର ଭଲ । କଣ କାନ୍ଦୁଚୁ ମନ୍ଦାର ? ମାଉସୀ, ତୁମେ ବି !

ରେଣୁ—ନାଇଁରେ ପୁଅ କାନ୍ଦିବ କାହିଁକି ? ତତେ କେମିତି ସେ ଛୁଡ଼ିଦେଲେ କହ ତ ।

ମଣି—କେଜାଣି କଣ ହେଲା । ନେଇଯାଇ ଶ୍ୱଶୁରଘର କାଳ ଖୁବ୍ ଖାଇବାକୁ ଦେଲେ । ଉପରେ ଉପରେ ଟଙ୍କାଟେ ମିଳିଲା । ଆଜି ଶ୍ୱଶୁରଘର ଛୁଟି ବି ମିଳିଗଲା ।

ରେଣୁ—କ'ଣ ବାପା ସାଙ୍ଗରେ ଦେଖା ହେଲଣି ? ସେ ତତେ କିଛି କହିନାହାନ୍ତି ?

ମଣି—(ମନ୍ଦାର ଆଡ଼କୁ ଚାହିଁ ହସିବାରୁ ମନ୍ଦାର ଲାଜେଇଗଲା) କଣ କହିଲ ମାଉସୀ ? ବାପାଙ୍କ କଥା ? ମୋ କଥାରେ ତାଙ୍କର କଣ ଅଛି ଯେ ? ମୁଁ ତ ସିଧା ଏଠିକି ଆସିଚି । ତମ ସାଙ୍ଗରେ ବି ଦେଖା ହୋଇଗଲା ।

ମନ୍ଦାର—ତୁ ଘରକୁ ଯା ବୋଉ ! ମଣି ଆସିଲାଣି—ସେ ମୋ ମୁଣ୍ଡକୁ କାଠ ଉଠେଇଦବ ।

ରେଣୁ—(ହସି) ହଉ ! କଣ କରୁଚ କର । ଉଛୁର ହେଉଚି । ମଣି, ଚାଲ ଘରକୁ ଯିବୁ । ବାପା ସେଆଡ଼େ ଅନେଇ ବସିଥିବେ । (ଚାଲିଗଲେ)

Digitized by srujanika@gmail.com

ମଣି—ଉହୁଁ ! ବାପା ଅନେଇ ବସିଥିବେ ! ବାପା ପଛେ ଦୁନିଆ
ସାରା ଲୋକଙ୍କୁ ଅନେଇବେ--ହେଲେ ନିଜ ପୁଅକୁ ଅନେଇବେ
ନାହିଁ । କଣ ତୁ ଆଜିର କନ୍ଦୁଛୁ ମନ୍ଦାର ?

ମନ୍ଦାର—(ଲୁହ ପୋଛୁ ପୋଛୁ) ନାଇଁ, କାନ୍ଦବ କାଇଁକି ?
ଚାରିଦିନ ହେଲାଣି ତୋର ଦେଖା ନ ଥିଲା—ସନ୍ତରେ କ'ଣ
ଆଖିକି ନିଦ ଅଛି ?

ମଣି—ଆଉ ବନରେ ?

ମନ୍ଦାର—ଘୁଡ଼ି ଫାଟିଗଲେ ବ ବନରେ କ'ଣ କାନ୍ଦବାକୁ ଯୁ ଅଛି ?
ଦାଦଙ୍କ କଥା କ'ଣ ତୁ ଜାଣିନୁ ?

ମଣି—ଯାତ୍ରାକୁ ଆସିବା ପାଇଁ ତୋ'ଦାଦ କମିତ ଘୁଡ଼ିଲ ଯେ ?

ମନ୍ଦାର—ଖାଲି ଘୁଡ଼ିଲେ ନାଇଁ ଚ—ଆଖି ଦେଖେଇ ଜୋର କରି
ପଠେଇଲେ ।

ମଣି—କ'ଣ ମୋ ସାଙ୍ଗରେ ଦେଖା କରିବାକୁ ?

ମନ୍ଦାର—ନାଇଁ, କାଠ ନବାକୁ । ଘଟି ନଚେଇବାକୁ କୋଇଲ
ନାହିଁ ଯେ !

ମଣି—କାଠ କାଇଁ ?

ମନ୍ଦାର—ସେ କ'ଣ ସେଠି ପଡ଼ିଛି । (ଭିତରକୁ ଦେଖାଇଲା)

ମଣି—ଏ ସବୁପାକ କାଠ ତୁ ଏକା ନବୁ ?

ମନ୍ଦାର—ତୁ ଆଗ କହିଲୁ, କାହିଁକି ସେମାନେ ତୋତେ ଘୁଡ଼-
ଦେଲେ ।

ମଣି—କ'ଣ କରିବ ? ତୁ ହଇରାଣ ହଉଚୁ । ସବୁ ତୋ'ର ଏ
କାଠବୋଝଟକ ବୋହିଦେଇ···

ମନ୍ଦାର—କିଛି ମଜୁରି ମିଳିଯିବ, ନା ? ଊଃ, ବାମିନା ମରଦ ନା,
କାମକୁ ଡରିଯାଇ କଏଦୀ ହୋଇ ବସିଥିଲୁ ସେଇଥିପାଇଁ ।

Digitized by srujanika@gmail.com

ମଣି—ତା' ହେଲେ ମତେ ସେମାନେ ଛାଡ଼ିଦେଲେ କାହିଁକି ?

ମନ୍ଦାର—ତତେ ପିଏ ଗୁଣ୍ଡନାହାନ୍ତି ରେ ଓଲୁ ! ମଞ୍ଜୁଷା ପାଇ ତତେ ମୁକାଳି ଆଣିଚନ୍ତି । ହେଲେ କିମିତି ଆଣିଚନ୍ତି ସେକଥା ଜାଣିନି ।

ମଣି—କିଏ ତତେ କହିଲା ? ଗୋପାଳ ଦାଦା ନା ?

ମନ୍ଦାର—ଗୋପାଳ ଦାଦା ସାଙ୍ଗରେ ମୋର ଦେଖା ହେଲା କୋଉଠୁ ? ମୁଁ ମୋ ମନକୁ ମନ ଜାଣିନେଲି । (ଖତେଇ ହେଇ) ଭୂତ ଆସି ମତେ କହିଲା ।

ମଣି—ହୁଁ, ମତେ ଭୁଣ୍ଡେଇବୁ ? ହଉ, ଗୋପାଳ ଦାଦାଠୁଁ ମୁଁ ବୁଝିନେବି ଯେ ।

ମନ୍ଦାର—ହଉ ଚାଲ, ମୁଁ ବି ତୋ' ସାଙ୍ଗରେ ଯିବି । ହେଲେ ଏ କାଠବୋଝ ଘରକୁ ଯିବ କିମିତି ?

ମଣି—ମୁଁ ନେଇଯିବି, ହେଲେ କ'ଣ ମଞ୍ଜୁଷା ମିଳିବ କହିଲୁ ?

ମନ୍ଦାର—ମଞ୍ଜୁଷା ? ମଞ୍ଜୁଷା···ମୁଁ ତତେ ଗୋଟାଏ ଗୀତ ଶୁଣେଇ-ଦେବି ।

ମଣି—କି ଗୀତ ? ସେଇ ବାରମାସୀ ନା ? ସେଇ ଗୀତଟା ତ ସବୁ-ବେଳେ ବୋଲୁଚୁ । ମୁଁ ସେ ଗୀତ ଶୁଣିବି ନାହିଁ ।

ମନ୍ଦାର—ଏ, ଏ, ଗୀତ ଥାଉ । ସେ କାଠଗୋଛା ବି ଥାଉ—ଆରେ ଚାଲ ଲୁଚିଯିବା—ଦେଖୁଚୁ କିଏ ସବୁ ଏଆଡ଼େ ଆସୁଚନ୍ତି ? ଚାଲ, ଚାଲ ଚଞ୍ଚଳ ଚାଲ ।

(ମନ୍ଦାର ଓ ମଣି ଚାଲିଗଲେ । ବିପରୀତ ଦିଗରୁ ପ୍ରବେଶ କଲେ ରୂପସାଉକାର ଓ ଶିବ ।)

Digitized by srujanika@gmail.com

ରୂପ—ଦେଖ ଶିବ, ଭଗବାନ କ'ଣ କରୁଚନ୍ତି କେଜାଣି ; ହେଲେ ଏଇଟା ସତ, ଜବା ଏ ଗାଁରେ ରହିପାରିବ ନାହିଁ । ଆଉ ମାସକରେ ତିଥି ଅଛି । ବାହାଘରଟା ହେଇଯିବା ଦରକାର ।

ଶିବ—ତା'ତ ହବ । ହେଲେ ଏ ବିପଦରୁ ମୁଁ କମିତି ମୁକୁଳିବି ତା'ର ଟିକେ ବିଚାର କର ।

ରୂପ—ଦେଖ ଶିବ ! ଟଙ୍କା ମୁଁ ଦବାକୁ ରାଜି ଅଛି । ହେଲେ ବନ୍ଧା କ'ଣ ରଖିବ ? ଘରବାଡ଼ି ତ ପ୍ରଥମରୁ ଲେଖିଦେଇଛ । ଆଉ ଜମିଷ ବୋଇଲେ ତ କାଣୀ କଉଡ଼ିକର ନାହିଁ । ଶେଷରେ ମୋ ଟଙ୍କା କମିତି ଅସୁଲ ହବ ?

ଶିବ—ସେ କଥା ମୁଁ ଭାବୁଚି । କିନ୍ତୁ ଗୋଟାଏ କନାସ୍ତ ହେଲେ···

ରୂପ—ଖାଲି ଉପାୟ ଦେଖିଲେ ଚଳିବନି ଶିବ ! କେତେ ବର୍ଷ ଇମିତି କଟିଗଲଣି, ଭାବିଲ ! ତୁମରି ଘର ଲୋକ ତ ଗାଁସାରା ମୋର ବଦନାମ କରିସାରିଲେଣି । କାଲି ସକାଳେ ଯଦି ତୁମ ଭାଉଜ ତୁମ ଝିଅଟାକୁ ନେଇ ପଳାଏ, ତେବେ ତୁମେ କ'ଣ କରିବ ? ଟଙ୍କା ଶୁଝିବା ନ ଶୁଝିବା କଥା ମୁଁ କହୁନାହିଁ ଯେ ସେଇ କନାସ୍ତ କଥା ମୁଁ ତୁମକୁ କହୁଚି ।

ଶିବ—ସେ କଥା ତୁମେ ଚିନ୍ତା କରନାହିଁ ସାଉକାରେ । ତାଙ୍କ ଉପରେ ଭଲ ଭାବରେ ଆଖି ରଖିଚି । ପଳେଇ ଯିବାକୁ ତାଙ୍କର ସୁ କାହିଁ ?

ରୂପ—ଖାଲି କହିଦେଲେ ତ ହବନାହିଁ । ଜବାଟା ପରା ତିଆରି ହେଇ ବସିଚି । ଯଦି ଏ ଢ଼'ଟାଙ୍କୁ ଧରି ସେ କୁଆଡ଼େ ଗୁଞ୍ଜିଯାଏ ତ ତେବେ ତୁମେ କ'ଣ କରିବ ?

Digitized by srujanika@gmail.com

ଶିବ—ସେ କୁଆଡ଼େ ଯିବ ? ଏତେଗୁଡ଼ାଏ ଲୋକଙ୍କୁ ନେଇ ଯିବାକୁ ତା' ପାଖରେ ପଇସା କାହିଁ ? ସେ କଥାକୁ ତୁମେ ମୋଟେ ଚିନ୍ତା କରନାହିଁ । ଆଗେ ବେକରେ ନପାଉ ଫାସୀ ପଡ଼ୁଛି......

ରୂପ—ତୁମ ବେକରେ ଫାର୍ସୀ ପଡ଼ୁନି ଶିବ, ଫାସୀ ପଡ଼ୁଛି ମୋ ବେକରେ । ହଉ, ସେ କଥା ଛାଡ଼ । ମୁଁ ଆଜି ଟଙ୍କା ଦଉଛି । ହେଲେ ଆପଣା ପୂନେଇଁ ଦିନ ନିର୍ବନ୍ଧଟା କରିଦବାକୁ ହବ । ସେ ପାଏଁ ମୁଁ ବୁଝିଲି । ଅନ୍ତ ତା' ପଦ ନ ହଉ ମୋ ଦେଖିଲା କାମ ମୁଁ କରିବ । ହଉ ଚାଲ । ଘରକୁ ଚାଲ, ଟଙ୍କା ଆଣିବ । ପରେ ପୁଣି ଟିକେ ଚଞ୍ଚଳ ଆସିବାକୁ ହବ । ଠାକୁରାଣୀ ମାଜଣା ହବାକୁ ଅଛି । କେଜାଣି ଠାକୁରାଣୀ କ'ଣ ହୁକୁମ ଦଉଛନ୍ତି ? ହେଲେ ତମକୁ ଟିକେ ଏଣିକି ଜବର ହବାକୁ ପଡ଼ିବ । ହଉ ଆସ ।

(ରୂପ ଓ ଶିବ ଚାଲିଗଲା ପରେ ଆସିଚନ୍ତି ମଣି ଓ ମନ୍ଦାର । ସେ ଯିମିତି ଏ ଦୁହିଁଙ୍କ କଥାବାର୍ତ୍ତା ଶୁଣିଚନ୍ତି)

ମଣି—ଶୁଣିଲୁ ତ ? ମାଉସୀକୁ କହ । ଯାହା ହଉ ପଛକେ, ପୁନେଇଁ ଆଗରୁ କିଛି ଗୋଟିଏ ବାଟ କରିବାକୁ ହବ ।

ମନ୍ଦାର—ଘର ବି ବନ୍ଧା ଦେଇ ଦେଇଛି । କାଲି ସିଏ ଯଦି କୋରକ ଆଣେ ତ ତେବେ କ'ଣ କରାଯିବ କହିଲୁ ? ବୋଉ ତ ଦଣ୍ଡେ ହେଲେ ଘର ଛାଡ଼ିବାକୁ ନାରାଜ । ଘର ମୁକୁଳେଇବାକୁ ଯାଇ ଯଦି ସେ......

ମଣି—ନା, ନା, ତା କେବେହେଲେ ହେଇପାରିବନି । ବାପାଙ୍କୁ ଏ କଥା କହିବାକୁ ହବ ।

Digitized by srujanika@gmail.com

ମନ୍ଦାର—ସିଏ କ'ଣ କରିବେ ? ଇଏ କ'ଣ ସହଜ କଥା ! ଘର ବନ୍ଧା ରଖି ସିଏ ତ ଅଳପ ଟଙ୍କା ଆଣି ନ ଥିବେ ।

ଗୋପାଳ—(ପ୍ରବେଶ କରି) କିଏ ? ମନ୍ଦାର, ମଣି !! ତମେ ଦୁହେଁ ଏଠି ? ମଣି ! ଏ ଯାଏଁ ତୁ ଘରକୁ ଯାଇନୁ ? ତେଣେ ଫେରି ତୋ ବାପା ଅନିସା କରି ବସିଚ ?

ମଣି—ତମ କଥା ମତେ କହନା । ବାପା କେବେ କାହାକୁ ଅନିସା କରନ୍ତି ନାହିଁ । କାହିଁକି ? ସଫା କହୁଦଉନା ଯେ ମଣିଆ, ତୁ ଏଠୁ ଚାଲିଯା । ଆମେ ଦୁ ଜଣ ଏକାଠି ହେଲେ ତ ଏ ଗାଁରେ କେହି ସହି ପାରୁ ନାହାନ୍ତି—ଆଜ ତୁମ ବ.........

ଗୋପାଳ— ବାଯୁଟା ନା କ'ଣ ? ମୁଁ କେବେ କିଛି ଏ ବିଷୟରେ କହୁଚି ? ଏ ଗାଁବାଲା ସମସ୍ତେ ଏଠିକି ଆସିବେ । ଆଜ ଠାକୁରାଣୀ ମାଜଣା । ଠାକୁରାଣୀ ହୁକୁମ ହେବେ । ସମସ୍ତେ ଆସି ତମ ଦୁଇଜଣଙ୍କୁ ଯଦି ଏକାଠି ଦେଖିବେ, କ'ଣ କହିବେ କହିଲୁ ? ଯା, ଚଞ୍ଚଳ ଯା ।

ମନ୍ଦାର—ଆଜ ଗୋଟିଏ କଥା ମୁଁ ଶୁଣିଲି, ଗୋପାଳଦାଦା !

ଗୋପାଳ—ମୁଁ ବି ଶୁଣିଚି । ଇଏ ତ ଲୁଚିଛପା କିଛି ହଉନି । ରୂପସାଉକାରର ଏଥିରେ ପୂରାପୂରି ହାତ ଅଛି । ପୂଜାରୀକୁ ଟଙ୍କାପଇସା ଦେଇ ଜବାଈକୁ ଗାଁରୁ ବାହାର କରିବା ବରାଦ ସେ କରୁଚି ।

ମନ୍ଦାର—ମୁଁ ସେ କଥା କହୁନାହିଁ । ମୋ ବାପ ରୂପସାଉକାର ପାଖରେ ଘରଦ୍ୱାର ବନ୍ଧା ରଖିଚନ୍ତି । ଆଜ ସାଉକାର କହୁଚି, ଆସନ୍ତା ପୂନେଇଁ ଦିନ ଯଦି ନିବନ୍ଧ ନ ହୁଏ ତା' ହେଲେ ତା' ଦେଖିଲ କାମ ସେ କରିନେବ । ଏବେ ଏଇଠି କଥା ହଉଥିଲେ—ଆମେ ଲୁଚି ଲୁଚି ଶୁଣିଚୁଁ ।

Digitized by srujanika@gmail.com

ଗୋପାଳ—ସତେ ? (ଚିନ୍ତା କରି) ଆଚ୍ଛା, ହଉ । ତୁ ଯା ଜବାଙ୍କର ସାଙ୍ଗରେ ମୁଁ ଟିକେ ଏ ବିଷୟରେ ପରାମର୍ଶ କରିବ । ସିଏ ଯୋଉ ଲୋକ ନା, ସିଏ କ'ଣ କାହାରି କଥା ଶୁଣିବ ? ଆଚ୍ଛା ହଉ, ତୁ ଗଲୁ । ଦେଖେଁ ମୁଁ, ସ୍ବାଙ୍ଗେ କ'ଣ ହଉଛି । ଦେଇଛ, ଲୋକବାକ ସବୁ ଆଇଲେଣି । ତମେ ଝଟେଁ ଏଇନେ ଚାଲିଯାଅ । (ମଣି ଓ ମନ୍ଦାର ପ୍ରସ୍ଥାନ)

(ପ୍ରବେଶ କଲେ ଶିବା, ଦଫାଦାର, ପୂଜାରୀ ଓ କେତେକ ଗ୍ରାମବାସୀ)

ଦଫାଦାର—କିଏ, ଗୋପାଳ ? ଭଲ ହେଲା । ତମେ ତ ଏଇଠି ଅଛ ! ମୁଁ କ'ଣ କରିବ କହୁଛ ? ଚୌକିଦାରଟାକ ଆସି ମତେ ଧରୁଚନ୍ତି ଯେ ମୁଁ କ'ଣ କରିବ ? ମୁଁ ତ ହେଲି ସରକାର ଘର ହୁକୁମ ତାମିଲ କଲାବାଲା । ଉପରୁ ହୁକୁମ ଆସିଛି, ମୁଁ ସମସ୍ତଙ୍କୁ ଟୀକା ନବା ପାଇଁ କହୁଛି । ମୋ କଥା କିଏ ଶୁଣୁଛି ? ସମସ୍ତଙ୍କର ଏକା କଥା, ଆମେ ଠାକୁରାଣୀ ମାଜଣା କରେଇବୁଁ ।

ଗୋପାଳ—ହେଲେ ଯଉଁ ଦେବତାଙ୍କ କଥା ଆଗ ନା ସରକାରଙ୍କ କଥା ଆଗ ? ପୂଜାରୀଙ୍କୁ ଠାକୁରାଣୀ କ'ଣ ହୁକୁମ ଦଉଛନ୍ତି ଦେଖିବା ।

(ପୂଜାରୀ ଭିତରକୁ ଗଲା । କେତେକ ଗ୍ରାମବାସୀ ଧୂପ ଲଗାଇଲେ । ହରିବୋଲ ହୁଳହୁଳିରେ ସ୍ଥାନ ପୂରି-ଉଠିଲା । ପୂଜାରୀ ପ୍ରବେଶ କରି ବନ୍ଦଣାରେ ବସିଲା ; ସମସ୍ତେ ତା' ଆଗରେ ମଣ୍ଡଳ ହୋଇ ବସି ଗୀତ ବୋଲିଲେ । କିଏ କିଏ ତା ମୁହଁ ନିକଟରେ ଧୂପଧୂଆଁ ଦେଲେ । ପୂଜାରୀ ଆସ୍ତେ ହଲିବାକୁ ଆରମ୍ଭ କରି ହୁଁକାର ଛାଡ଼ୁଥାଏ)

Digitized by srujanika@gmail.com

ପୂଜାରୀ—ବଡ଼, ବଡ଼, ବଡ଼ ପିଲମାନେ ! ଜାଣିକି ମତେ ଡାକିଲ ?

ଦଫାଦାର—(ମୁଣ୍ଡିଆ ମାରି) ତୁ ତ ସବୁ ଜାଣୁ ମା, ଗାଁକୁ ଅଜ ବସନ୍ତି ପଡ଼ିଛି । ତୋ ଯୋଗିଣୀମାନେ ଗାଁରେ ଆସି ପଶିଅଛନ୍ତି । ହେଲେ ମା, ଜାଣିକି ଆମ ଉପରେ ଏ କୋପ ?

ପୂଜାରୀ—ଆଖି ଥାଇ ତମେମାନେ ଅନ୍ଧ । କାନ ଥାଇ ତମେମାନେ କାଲ । ହାତଗୋଡ଼ ଥାଇ ବି ତମେମାନେ ଛଙ୍ଗୁ । ଆଖି-ଆଗରେ ତୁମର ଶତ୍ରୁ ।

ଦଫାଦାର—କିଏ ମା, କିଏ ? ଆମେ ସମସ୍ତେ ତ ତୋ'ର ଭକ୍ତ । ସଭିଏଁ ତୋ'ର ସନ୍ତାନ ।

ପୂଜାରୀ—ଆରେ ନାହିଁ ରେ, ମୋ ଭକ୍ତକୁ ମୁଁ ରକ୍ଷା କରେଁ । ତୁମେମାନେ ସମସ୍ତେ ମୋ ଭକ୍ତ । ସେଇଥିପାଇଁ ତ ତୁମେସବୁ ଡାକୁ ଡାକୁ ମୁଁ ଚାଲିଆସିଲି । ହେଲେ ଗୋଟାଏ ପାପୀ । ଗୋଟାଏ ପାପୀ ପାପ କରୁଛି, ମୋର ପିଲମାନେ ଭୋଗୁଛନ୍ତି । ତମର ଆଖିଆଗରେ ଅଘଟ କରିବ ? ସେଥିପାଇଁ ମୁଁ କ'ଣ କରିବ ?

ଦଫାଦାର—କିଏ ସେ ପାପୀ, ମା ?

ପୂଜାରୀ—କିଏ ? କିଏ ଧରିବ ସେ ପାପୀର ନାଁ ? ତା' ନାଁ ଧରିବା ପାପ । ମୁଁ କହିବି, ମୁଁ କହିବି ତା' ନାଁ ।

ଦଫାଦାର—କହ ମା, କହ ।

ପୂଜାରୀ—କହିବି । ହେଲେ ମୁଁ ଯାହା କହିବି ତା' କରିବାକୁ ହେବ । ନାହିଁ ତ ଗାଁରେ କଳାକନା ବୁଲିଯିବ । ମୋର ଯୋଗିଣୀମାନଙ୍କ ଖପର ଖାଇଯିବ । ମୋ କଥା ଶୁଣିବାକୁ ହେବ । ଗାଁର ପାପକୁ ଗାଁରୁ ନିର୍ମୂଳ କରିବାକୁ ହେବ ।

ଦଫାଦାର—ହେଲେ ସେ କିଏ, ମା ?

Digitized by srujanika@gmail.com

ପୂଜାରୀ—(ନାଚ) କମାଲ ! କମାଲ !! ଲୁହାଲୁହ, କମାଲ !!! ଝୁଙ୍କାଇଲେ ଝୁଙ୍କିବ ନାହିଁ, ଭାଙ୍ଗିଲେ ଭାଙ୍ଗିବ ନାହିଁ । ମୋ'ର ପୁଅ ହୋଇ ମୋ ନାଁ ନବାକୁ ଘୃଣା କରୁଚ । ତମମାନଙ୍କୁ ସବୁ ଲାଜ ମାଡୁନାହିଁ ?

ଦଫାଦାର—କ'ଣ କବାକମାଲ କଥା କହୁଚ, ମା ?

ପୂଜାରୀ—(ଆହୁରି ଜୋରରେ ନାଚ) ହଁ, ହଁ, ସେଇ, ସେଇ । ତୁମେମାନେ ସମସ୍ତେ ମୋ ପୁଅ । ସମସ୍ତେ ମୋ ପୂଜା କରିବ ! ସମସ୍ତେ ମତେ ଡାକିବ । ହେଲେ ସେ ଡାକିବ ନାହିଁ । ତମେମାନେ ମୋ ପୂଜା କଲେ ସିଏ ଅଣ୍ଟା କରିବ । ଗାଁର କଣ୍ଟାକୁ ସଫା କର । ଗାଁର ଶତ୍ରୁକୁ ଗାଁରୁ ବାହାର କର । ତା' ହେଲେ ଗାଁରୁ ଠାକୁରାଣୀ ବିଦାହେବେ । (ଶିବା ପ୍ରତି) ଆଉ ତୁ ମୋ ଝିଅଟାକୁ ତା'ର ଘରକୁ ଠେଲିଦଉଚୁ । ସିଏ ମୋ ଝିଅ ନୁହେଁ, ସେ ମୋ ପାଦତଳର ଧୂଳି । ତୁ ତାକୁ ଧୂଳିରେ ଗଡ଼େଇଦଉଚୁ ! ସେ ଗୁଣ୍ଡ ମାଇକିନିଆଁଟା କହିବ, ତୁ ତା'ର କଥା ଶୁଣିବୁ ! (ଧମକ ଦେଇ) ମୋ କଥା ଶୁଣିଲେ ତୋ'ର ମଙ୍ଗଳ ହବ, ନ ହେଲେ ତୋର ସର୍ବନାଶ ହବ ।

ଶିବା—ମତେ ରକ୍ଷାକର, ମା ! ଏ ମୁଣ୍ଡ ରଖ (ଗୋଡ଼ତଳେ ପଡ଼ି)

ପୂଜାରୀ—ମୋ କଥା ମାନିଲେ ଦୁଧଭିଅରେ ବସିବୁ । ମୋ ପାଦ ଛୁଇଁ ଶପଥ କରୁଚୁ । ତୋ'ର ଆଉ କିଛି ଚିନ୍ତା ନାହିଁ— ଯା' ଚାଲି ଯା'—(ଶିବାକୁ ଠେଲିଦେଲା—ଶିବା ଚାଲିଗଲା । ଅନ୍ୟମାନଙ୍କ ପ୍ରତି) ମାନିବ ମୋ କଥା ? ଗାଁର ଶତ୍ରୁକୁ ଗାଁରୁ ବାହାର କରିବ ?

Digitized by srujanika@gmail.com

ସମନ୍ତ—(ଲମ୍ବ ହୋଇ ମୂର୍ତ୍ତିଆ ମାରି) ହଁ,ମା, ସମସ୍ତେ ତୁମ ଛୁଆ ମାନଙ୍କୁ । ଆମମାନଙ୍କ ମୁକ୍ତି ରଖ ମା, ଶାନ୍ତ ହୁଅ । ମା'ଙ୍କ ବାନା ଠିକ ହେଉ, ଆନନ୍ଦେ ଏକବାର ହରିବୋଲ ।

ପୂଜାରୀ—ତା' ହେଲେ ମୁଁ ଯାଉଚି ।

(ପୂଜାରୀ ନାଚି ନାଚି ଚଳେ ପଡ଼ିଗଲା । ସମସ୍ତେ ପାଣିରେ ପଣା ଦେଲେ । ତା' ପରେ ପାଣି ଛୁଟିଲେ । ଧୀରେ ଧୀରେ ଉଠି ବସି ସମସ୍ତଙ୍କ ମୁଁହକୁ ଚାହିଁଲା)

ପୂଜାରୀ—ଠାକୁରାଣୀ କ'ଣ କହିଲେ ?

ଦଫାଦାର—ଥାଉ, ସେ କଥା ଏଇନେ ଚର୍ଚ୍ଚା କରି ଆଉ ଲାଭ ନାହିଁ । ସ୍କୁଲ ସିଧା ଜବାବମାର ଦରକୁ । ଆଗ ତାକୁ ଗାଁରୁ ବାହାର କରିବା—ତା' ପରେ ଯୋଉ କଥା ।

(ସମସ୍ତେ "ହିଁ ସ୍କୁଲ, ହିଁ ସ୍କୁଲ" କହି ପ୍ରସ୍ଥାନ କଲେ)

—ଡ୍ରପ—

Digitized by srujanika@gmail.com

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

(ଦଫାଦାର ଘର ଅଗଣା । ପ୍ରବେଶ କଲେ ପୂଜାରୀ ଓ ଦଫାଦାର । ପୂଜାରୀ ମୁଣ୍ଡରେ ଗୋଟିଏ ପଟି ଭିଡ଼ା ହୋଇଛି)

ଦଫାଦାର—କ'ଣ ଫଳ ପାଇଲ ? ଏତେଗୁଡ଼ାଏ ଲୋକ ଠାକୁରାଣୀଙ୍କ ହୁକୁମ ପାଇ ଗଲ । ହେଲେ ହେଲା କ'ଣ ? ସମସ୍ତେ ମୁହଁ ତଳକୁ କରି ଫେରିଆସିଲ ?

ପୂଜାରୀ—ଆଉ କ'ଣ କରିଥାନ୍ତୁ ଯେ ? ସେ ବଣା ଯେମିତି ଭୂତ ଭଳିଆ ହେଲେ—ସେ ପାଗଳା ମଣିଆ ଆଉ ସେ ଚୋରା ମଦାର । କି ଭୂତ ତାଙ୍କ ମୁଣ୍ଡକୁ ଉଠିଲା କେଜାଣି, ଲୁହାଛଡ଼ ବେଣ୍ଟା ଧରି ଇମିତି ବାଗରେ ବୁଲେଇଲେ, କେହି ପାଖ ମାଡ଼ି ପାରିଲେ ନାହିଁ ।

ଦଫାଦାର—ଆଉ ଜବା କ'ଣ କଲା ?

ପୂଜାରୀ—ଜବା କ'ଣ କଲା, ରହିଲ ନାହିଁ ଦେଖିଥା'ନ୍ତ । ପଳେଇ ଆସୁଥିଲ କାହିଁକି ?

ଦଫାଦାର—ଆରେ କହ ନା, କ'ଣ କଲା ?

ପୂଜାରୀ—କରିବ ଆଉ କ'ଣ ? ଖୁଣ୍ଟ ଭଳିଆ ଛିଡ଼ା ହୋଇଥିଲା । ଚାରିଜଣ ଲୋକ ତା' ଖୁଣ୍ଟିଆକୁ ଧରି ଭିଡ଼ିଲେ । ଘୁଞ୍ଚିବା ତ ଦୂରର କଥା । ଟିକିଏ ହଲିଲା ନାହିଁ ।

Digitized by srujanika@gmail.com

ଦଫାଦାର—ଗଣ୍ଡଗୋଳ କରୁ...........

ପୂଜାରୀ—ଗଣ୍ଡଗୋଳ କ'ଣ ? ଭିକ ଚୁଁ ପଦେ ପାଟି ଫିଟେଇନି ।

ଦଫାଦାର—ତା' ହେଲେ ତମେସବୁ ଚଳେଇଆସିଲ କାହିଁକି ?

ପୂଜାରୀ—ସେ ଢ଼'ଟା ତ ଯେମିତି ହେଲେ ସେଠି କ'ଣ ଆଉ ମଣିଷ ପଶିପାରନ୍ତି ?

ଦଫାଦାର—ସେଇଥିପାଇଁ ତମେ ସବୁ ଗୋଡ଼ ଢ଼'ଟାକୁ ମୁଣ୍ଡରେ ଥୋଇ ଚଳେଇ ଆସିଲ, ନାଇଁ ?

ପୂଜାରୀ—କ'ଣ ମୋ ଅବସ୍ଥା ଦେଖୁଛନ୍ତି ?

ଦଫାଦାର—(ହସି) ଏ ଲାଲ ପଗଡ଼ି କୁମକୁ କଏ ପିନ୍ଧେଇଲା ?

ପୂଜାରୀ—ସେଇ ଟୋକା । ସେଇ ଲୁହାଛଡ଼ରେ ପଛ ପିଟିଦେଲା ପାହାରେ । ସେଇଥିପାଇଁ ତ ମୁଁ ତମ ପାଖକୁ ଆସିଲି । ସେ ଜବା ନାଁରେ ଆଉ ସେ ଟୋକା ନାଁରେ ଲେଖିବଟି ଗୋଟାଏ ଏତଲା ଦବା ଥାନାରେ ।

ଦଫାଦାର—(ବିରକ୍ତିରେ)ମତେ କାଇଁ ପୁଣି ହଇରାଣ କରୁଚ ? ଯା, ସେ ରୂପସାଉକାର ପାଖକୁ ଯା—

ପୂଜାରୀ—ମୋ ମୁଣ୍ଡ ଫାଟିଗଲା...ଆଜ୍ଞା...

ଦଫାଦାର—ଫାଟିଗଲା ତ ମୁଁ କଣ କରିବି ? ଯା, ତମ ଠାକୁରାଣୀଙ୍କୁ କୁହ, ନ ହେଲେ ରୂପସାଉକାର ପାଖକୁ ଯା । ରୂପସାଉକାର ଯେତେବେଳେ ଟଙ୍କା ଗୁଞ୍ଜି ଦେଉଥିଲା ସେତେବେଳେ କମିତି ଲାଗୁଥିଲା ? ସେ ଟଙ୍କା କ'ଣ ଅଣ୍ଟାରୁ ଖସିଗଲାଣି ? ଯାଅ, ଡାକ୍ତର ଖାନାକୁ ଯାଅ । ସେ ଟଙ୍କାରୁ ଡାକ୍ତରଙ୍କୁ କିଛି ଦିଅ ।

ପୂଜାରୀ—କ'ଣ, ତା'ହେଲେ ରିପୋର୍ଟ ଲେଖିବ ନାଇଁ ?

Digitized by srujanika@gmail.com

ଦଫାଦାର—ରିପୋର୍ଟ ? କାହା ନାଁରେ ? କାଲି ତହସିଲଦାର ପାଖରେ ଯାଇ କ'ଣ ସାକ୍ଷୀ ଦେବ ? ଠାକୁରାଣୀ ହୁକୁମରେ ତାଙ୍କୁ ଗାଁରୁ ବାହାର କରିଦେବ ବୋଲି ଯାଇଥିଲ ନା ? ସେତେବେଳେ କୋଉ ବୋଝ ତମ ପିଠିରେ ପଡ଼ିବ ? ଆଜି ଜିବା ଯଦି କହେ ଯେ ତମେସବୁ ଦାଉଳାରୁଠୁଁ ଟଙ୍କା ଖାଇ ଇମିତି କରିଚ ? ସେତେବେଳେ ?

ପୂଜାରୀ—ଖାଲି କହିଦେଲେ ତ ହେବନି । ସାକ୍ଷୀ ତ ପୁଣି ଦରକାର ।

ଦଫାଦାର—ଆରେ, ସାକ୍ଷୀ କଣ ଅଭାବ ଅଛନ୍ତି ? ଜିବା ଯଦି ସିମିତି କାହାକୁ ଟଙ୍କା ଦେବ ସିଏ ଯାଇ ସାକ୍ଷୀ ଦେବ ।

ପୂଜାରୀ—ତା' ହେଲେ କ'ଣ କରିବା କହିଲ ?

ଦଫାଦାର—କିଛୁ ନାହିଁ । ଗାଁରେ ଯଦି ରହିବାକୁ ଇଚ୍ଛା କରୁଚ, ତା' ହେଲେ ଚୁପ୍‌ଚାପ୍ ରହ । ତା' ସଙ୍ଗରେ ଯଦି ଶତ୍ରୁତା ସାଧିବାକୁ ଇଚ୍ଛା କରୁଚ ତା'ହେଲେ ଇମିତି କହିଁକି ହଉଚ ? ଥୟ ଧର—ଟେସ ବେଳ କ'ଣ ମଣ୍ଡବନି ? ହେଇଟି ! ଜିବା ଆଡ଼େ ଆସୁଚି । ତମେ ବୁଲି ଯା'ଏଠୁ । (ପୂଜାରୀ ଚାଲିଗଲା—ବିପରୀତ ଦିଗରୁ ପ୍ରବେଶ କଲା ଜିବା)

ଜିବା—ଦଣ୍ଡବତ ଦଫାଦାରେ !

ଦଫାଦାର—(ଇତସ୍ତତଃ ହୋଇ) ଦଣ୍ଡବତ ! ଦଣ୍ଡବତ !!

ଜିବା—କ'ଣ ଦଫାଦାରେ ! ଇମିତି ବ୍ୟସ୍ତ ହଉଚ କାହିଁକି ?

ଦଫାଦାର—କିଛୁ ନାହିଁ, ହେଲେ ତୁମର କ'ଣ ହେଲା ? ତୁମ ମନଟା କାହିଁ ମରିଯାଇଚ ?

ଜିବା—ସବୁବେଳେ କ'ଣ ସବୁକଥା ଆଏ ଦଫାଦାରେ ?

Digitized by srujanika@gmail.com

ଦଫାଦାର—ଆରେ ମୁଁ ତ ସେୟା କହୁଚି । ଏ କଥା ତମର ଆଗରୁ ଜାଣିରଖିବା ଉଚିତ ଥିଲା । ଚେଡ଼ିକରୁ କେତେଦିନ ଚଳିପାରିବ ? ଗାଁ ଭିତରେ ଘରଦ୍ୱାର କରି ଗାଁବାଲାଙ୍କ ମାଙ୍ଗରେ ଅପଡ଼ ହୋଇ କାହାରି କିଛି କାମ ହୋଇ ପାରିଲାଣି ?

ଜବା—ଗୁଡ଼ ଦଫାଦାରେ । ମଣିଷର ତ ଭୁଲ ହୁଏ । ପଇସାବାଲା ବଡ଼ଲୋକ ତୁମେମାନେ ! ଗରିବ ଲୋକ ମୁଁ । କିଛି ଦବା-ନବା ପାଇଁ ଆସିଥିଲି ।

ଦଫାଦାର—ଦବାନବା ? କ'ଣ କୋଉଠି ବନ୍ଧୀଖର୍ଚ୍ଚି ଅଛୁ କି ?

ଜବା—ବନ୍ଧୀ ଖର୍ଚ୍ଚି ! ହଁ, ବୁଦ୍ଧି ବାଲୁ ଗଲେ ସେଇଆ ନୁହେଁ ଆଉ କ'ଣ ?

ଦଫାଦାର—କ'ଣ ଖର୍ଚ୍ଚି କରୁଚ ?

ଜବା—ଖର୍ଚ୍ଚି କରୁଚି ? ଖର୍ଚ୍ଚି କରିବାର ଶକ୍ତି ଥିଲେ ମୋ ଅବସ୍ଥା କାଇଁ ଆଜ ଇମିତି ହୋଇଥାନ୍ତା ? ଖରିଦ କରିବି ନାଇଁ, ବିକିବି ।

ଦଫାଦାର—କ'ଣ ବିକିବ ?

ଜବା—ନିଜର ଘର ।

ଦଫାଦାର—ତା'ହେଲେ ଗାଁ ଛାଡ଼ି ଚାଲିଯାଉଚ ?

ଜବା—ହଁ, ଯିବାର କଥା । ଗାଁରେ ତ ନିଆଁପାଣି ଅଟକ । ମଣିଷ ଚଳିବ କମିତି ?

ଦଫାଦାର—ହେଲେ ଜବ ! ମୋ କହିବା କଥା କଣ କି ? ତୁମେ ପୁଣି ମନରେ ଗୋଟାଏ ଗର୍ଭ କରୁଚ କାହିଁକି ? ଜାତି-ଭାଇଙ୍କ ପାଖରେ ଯାଇ କ୍ଷମା ମାଗିନିଅ ତା ହେଲେ······

Digitized by srujanika@gmail.com

ଲବା—ସେ କଥା ଥାଉ। ମୁଁ ତ ଗାଁ ଛାଡ଼ୁନାହିଁ କି ଘର ଛାଡ଼ୁନାହିଁ। କଥା ହେଉଛି, ମୁଁ ଘର ବିକିବି; କିନ୍ତୁ ଛାଡ଼ିବି ନାହିଁ। ଯିଏ ମତେ ସେ ଘରେ ଭଡ଼ାଟିଆ ରଖିବ ମୁଁ ତାକୁ ଘର ବିକିବି।

ଦଫାଦାର—ଓହୋ! ତୁମ ଘରେ ତୁମେ ଭଡ଼ାଟିଆ ରହିବ?

ଲବା—ହଁ, କେତେ ଦେବ କହିଲ?

ଦଫାଦାର—ମୋ ପାଖରେ ତ ଟଙ୍କାପଇସା ନାହିଁ। ତୁମେ ଯେତେବେ କହୁଚ ସେତେବେ ପାଞ୍ଚଶ ଟଙ୍କା ଦେବି।

ଲବା—ହଜାରେ ଟଙ୍କା ଦେବନି? (ଦଫାଦାର ନୀରବ) ଆଚ୍ଛା, ନ' ଶହ?

ଦଫାଦାର—ମତେ ଏଇନେ ପୁରୁସତ ନାହିଁ। ତମେ ଯାଅ।

ଲବା—ଏତେ କଥାରୁ କ'ଣ ମିଳିବ? ପଦେ ସାତଶହ ଟଙ୍କା ଦେବ ତ ଦିଅ। ନ ହେଲେ ମୁଁ ବ୍ରାହ୍ମଣ ଘରକୁ ଯାଉଛି।

ଦଫାଦାର—(ହସି) ସେ ବ୍ରାହ୍ମଣ ତିନିଶ' ଟଙ୍କା ବି ଦେବନି। ସିଏ ଯୋଉ କଞ୍ଜୁସ, ତା' କଥା କିଏ ନ ଜାଣେ? ଆଉ ତା' କଥା ମୋ ଆଗରେ କାହିଁକି କହୁଚ?

ଲବା—ସେଥିରୁ କ'ଣ ମିଳିବ? ସାତଶ' ଟଙ୍କା ପଦେ ଦେବ ତା' ହେଲେ ଦିଅ—ନ ହେଲେ ମୁଁ ଯାଉଛି। (ଯଉଥିବ)

ଦଫାଦାର—ଆରେ ଶୁଣ, ଶୁଣ, ବ୍ରାହ୍ମଣ କଥାରେ ପଡ଼ି ଶେଷରେ କ'ଣ ଝିଙ୍କିନ୍ ହେବ?

ଲବା—ଯାହା ହେବାର ହେବ। ସେ ବି କହୁଥିଲା, ଆମ ପାଇରେ ତା'ର ଖଣ୍ଡେ ଘର ଦରକାର, କ'ଣ ଦୋକାନ ଖୋଲିବ। ତମେ ସିନା ଦେଉନ, ହେଲେ ସିଏ ହଜାରେ ଦେବ। ଭିନଗାଁ ଲୋକଟା ଆସି କାହିଁକି ଆମ ଗାଁରେ ଘର ନେବ? ସେଇଥି-

Digitized by srujanika@gmail.com

ପାଇଁ ତମ ପାଖକୁ ଆସିଥିଲି । ତମେ ଦୋକାନ ନାଇଁ କହୁଚ ତେବେ ମୁଁ ଯାଉଚି ।

ଦଫାଦାର—ଆରେ ଶୁଣ, ଇମିତ କାହିଁକି ଯାଉଚ ? ବୈ ପାଡ଼ୀରୁ ଚାଲ, ପାନ ପାନ ଖାଇବା ।

ଜବା—ମୁଁ ତମ ପାଖକୁ କାମ ପାଇଁ ଆସିଚି, ପାନ ଖାଇବା ପାଇଁ ନୁହେଁ । ତୁମେ ଏବେ ସାଉକାର, ମୁଁ ଖାତକ । କ'ଣ କହୁଚ, ପାଞ୍ଚଶ' ଟଙ୍କା ଦେବ ? (ଦଫାଦାର ନୀରବ) କ'ଣ ହଁ କି ନାହିଁ କହୁନ ।

ଦଫାଦାର—ତୁମେ ତ କହୁଚ ଯେ ବ୍ରାହ୍ମଣ ନେଇ ଦୋକାନ ଖୋଲିବ ବୋଲି । ଆଉ ତୁମେ ଯେ ଘରେ ରହୁଚ କମିତ ?

ଜବା—ମୋ କଥା ଯାହା ହେବ, ହେବ । ତୁମ କଥା କ'ଣ କହୁଚ, କହୁନ ।

ଦଫାଦାର—ତୁମେ ଯେତେବେଳେ କହୁଚ, ତୁମ କଥା ଆଉ କ'ଣ ଫେରାଇଦବା କି ? ହଉ, କେତେବେଳେ ନବ ?

ଜବା—ଆଜ, ଏଇକ୍ଷଣି ।

ଦଫାଦାର—ହେଲେ ପିତୃପିତା ଅମଳର ଘର । ତାକୁ ବନ୍ଧବାକୁ ତମର ଟିକେ ଦୁଃଖ ହଉନାହିଁ ?

ଜବା—ଏଥିରେ ଦୁଃଖ ଲାଗିବାର କ'ଣ ଅଛି ? ଦିନେ ତ ପୁଣି ନୟଇ ଜାଗା ଖାଲି ପଡ଼ିଥିଲା । କିଏ ସେଠି ଘର କରିଥିଲା କିଏ ଜାଣେ ? ମୋର ବାପ ଅଜା ତାକୁ ସେମାନଙ୍କର ଘର ବୋଲି କହୁଥିଲେ । ମୁଁ ଏବେ କହୁଚି ମୋ ଘର । ହେଲେ

Digitized by srujanika@gmail.com

କିଏ ଜାଣେ କାହା ଘର କିଏ ? ଏବେ ଆଜ କାଣେ ପଛ କିଏ ନକ ସିଏ ବ ତା' ଘର ବୋଲି କହିବ । ଏଇ ଗାଁରୁ ପୁଣି କେତେଲୋକ ଯାଇ ବଦେଶରେ ରହିଲେ । ସେମାନଙ୍କର ପିତୃପିତା ଅମଳର ସମ୍ପତ୍ତି ଏବେ ଅଣ୍ଟା ଚିଅ ହୋଇ ପଡ଼ିଛି । (ଟିକିଏ ରହି) କ'ଣ ଠିକ୍ କଲି କହିଲ ?

ଦଫାଦାର—କ'ଣ ତୁମର ଇମିତି ଗୋଟାଏ ଜରୁରୀ ଦରକାର ପଡ଼ିଲା ଯେ......

ଜବା—ଶୁଣ ଦଫାଦାରେ ! ମୋର କ'ଣ ଦରକାର ପଡ଼ିଲା ନ ପଡ଼ିଲା ସେ କଥା ଜାଣି ତୁମର ଲାଭ ନାହିଁ । ଦବ ତ ହଁ କର, ନାହିଁ ତ ମନା କରିଦଅ । ବ୍ରାହ୍ମଣ ଉପରେ ହୁଏ ତ ତୁମର ଭରସା ଥାଇ ନ ପାରେ । ହେଲେ ମୋର ଭରସା ଅଛି ।

ଦଫାଦାର—ତମେ ତ ଝଗଡ଼ା କରିବାକୁ ତିଆର ହୋଇଗଲଣି ?

ଜବା—ମୋ କଥା ତ ସବୁଦିନେ ସେଇଆ, ତୁମେ ଜାଣିଛ । କମାର ମଣିଷ ମୁଁ ! ଏକା ପାହାରକେ ଦି' ଖଣ୍ଡ—ଏଇ ହେଲା ମୋର ବେଉସା । କଥା ସିଧା ତମ ମନକୁ ପାଉଛି ତା' ହେଲେ ହଁ କର—ନାହିଁ ତ ମନା କରିଦଅ ।

ଦଫାଦାର—ଟଙ୍କା କ'ଣ ଏଇ ସାଙ୍ଗେ ସାଙ୍ଗେ ଦରକାର ?

ଜବା—ହଁ, ଏଇ ସାଙ୍ଗେ ସାଙ୍ଗେ ।

ଦଫାଦାର—ଆଚ୍ଛା, ହଉ, ଚାଲ ! ଆପଣାର ଲୋକ ତମେ—ତମେ ଯେତେବେଳେ ଅସମୟରେ ଆସିଛ, ତୁମକୁ ତ ମନା କରି ହଉନି । ହଉ ଚାଲ ।

(ନିଷ୍କ୍ରାନ୍ତ)

Digitized by srujanika@gmail.com

ଦ୍ୱିତୀୟ ଦୃଶ୍ୟ

(ଶିବ ଓଝାଙ୍କ ଘର । ଠିକ୍ ଜବା ଘର ଭଳି, ମାତ୍ର ଜବା-ଘର ଅପେକ୍ଷା ଟିକେ ପରିଷ୍କାର ପରିଚ୍ଛନ୍ନ ! ଶିବା ଭାଟି ପାଖରେ ବସି ଚମୁଟାରେ ଖଣ୍ଡେ ଲୁହା ଧରି ନିଆଁରେ ତତଉଛି—ରେଣୁକା ତାଙ୍କ ଦାଣ୍ଡରୁ)

ଶିବା—କ'ଣ ଅଛି ମୋର ? କିଏ ସାହା ଅଛି ନା ଭରସା ଅଛି ? ଗାଁର ହାଲ ଅଛି କ'ଣ ! ଭରସା ବୋଲି ଏକା ସାଉକାର ସେ, ହେଲେ ତୁମେ ତ ଜିଦ୍ ଧରି ବସିଚ । ନିର୍ଘଣ୍ଟା ହେଇ ଯାଆନ୍ତା ତ…

ରେଣୁକା—ହଉ, ତେଣେ ଭାଟିକି ଅନେଇ କାମ କର । ନିଆଁ କୋଉଠି ? ଚମୁଟା କୋଉଠି ?

ଶିବା—ଚମୁଟା ଠିକ୍ ଅଛି, ହେଲେ ନିଆଁ ଲାଗିଛି ମୋ ମୁଣ୍ଡରେ । ସାଉକାର କ'ଣ କେବେ ଭୁଲି ହେଇ ବସିବ ? କିଏ କହିବ କାଲି ମତେ ସିମିତି ହଇରାଣ ନ କରିବ ବୋଲି ?

ରେଣୁକା—କ'ଣ ହଇରାଣ କରିବ ? କା'ଳସୀ ଠାକୁରାଣୀଙ୍କି ଯିମିତି ମାନୁଚ ସିମିତି ଫଳ ପାଉଚ ।

ଶିବା—ଠାକୁରାଣୀ କାଳସୀ କଥା କହୁନ, ଆମ ଅବସ୍ଥା କଥା କହୁଚ । ସାଉକାର ହାତରେ ଅପଢ଼ ହେଲେ ଆମେ ଚଳି-ପାରିବା ?

ରେଣୁକା—ତା' ହେଲେ କ'ଣ କରିବ ? ନିଜ କଥା ନିଜେ ଭାଙ୍ଗିବ ? ତୁମ ଭାଇ ମଲାବେଳେ ପରା ତୁମେ ତାଙ୍କୁ କଥା ଦେଇଥିଲ ? ଏତେ ଚଞ୍ଚଳ ଭୁଲିଗଲ ? କ'ଣ ଖରାପ ହେଉଚି ? ଗରିବ,

Digitized by srujanika@gmail.com

ଏଛତ ? ଆପେ କୋଉ ବଡଲୋକ ଯେ ? ଗରିବ ଘରେ କ'ଣ ଲୋକେ ଝିଅ ଦେଉନାହାନ୍ତି ନା ଗରିବଘର ପୁଅ ବାହା ହେଉନାହାନ୍ତି ?

ଖୋକ ଅମୀନ—(ଭିତରୁ) ଶିବ ଭେଣ୍ଟା ଘରେ ଅଛ ?

ଶିବ—କିଏ ? (ଖୋକ ଅମୀନକୁ ସାଙ୍ଗରେ ନେଇ ପ୍ରବେଶ କଲ ସାହୁକାର । ଶିବା ହାତରୁ ଚମୁଚା ଖସିପଡ଼ିଲା । ରେଣୁକା ସ୍ତମ୍ଭୀଭୂତ ହୋଇ ଛିଡ଼ା ହୋଇ ରହିଲା)

ଖୋକ ଅମୀନ—ଶିବ ଭେଣ୍ଟା !

ଶିବା—କ'ଣ,କଅଣ କ'ଣ ସାଉକାରେ ?

ରୂପା—କୋରକ ! କୋରକ !!

ଶିବା—କୋରକ ?

ରୂପା—ହଁ, ଟଙ୍କା ନେଲ ବେଳ କଥା ମନେ ପଡ଼ୁନି କି ? ସାଢ଼େ-ଛଅଶହ ଟଙ୍କା ମୋର ଚୁକ୍ତି କରିଦିଅ, ନାହିଁତ ଘର ଖାଲି କରିଦିଅ ।

ଶିବା—ସାଢ଼େ ଛଅଶହ ଟଙ୍କା ? ମୋ ପାଖରେ ତ ସାଢେ ଛଅଶହ ପଇସା ବି ନାହିଁ ।

ରେଣୁକା—କ'ଣ ସାଢ଼େ ଛଅଶହ ଟଙ୍କା ତୁମେ କରଜ ଆଣିଥିଲ ଶିବ ?

ରୂପା—ହିଁ, ସାଢ଼େ ଛଅଶହ, ସାଢ଼େ ଛଅଶହ ।

ରେଣୁ—ତୁମେ କଣ କହୁଚ ସାଉକାରେ ?

ରୂପା—ଶିବାଠି ମୋର କାମ । ଏ ସରକାରୀ କାମରେ ମାଇକିନିଆମାନଙ୍କର କଥାବାର୍ତ୍ତା କରିବା ଠିକ୍ ନୁହେଁ । କ'ଣ କହୁଚ କହିଲ ଶିବ ? କ'ଣ ଟଙ୍କା ଦେବ ନା ଘର ଖାଲି କରିଦେବ ? ଯାହା କରିବାର କଥା ଚଞ୍ଚଳ ଗୋଟାଏ

Digitized by srujanika@gmail.com

ଫାଇମଲ୍ କର । ଉଣ୍ଟୁର ଦଉଛି । ସରକାରୀ ଲୋକ କ'ଣ ଝୁଙ୍କି ବସିଥିବେ ?

ଶିବା—ତୁମେ ତା' ହେଲେ କ'ଣ ଘର ଦଖଲ କରିବ ?

ରୂପା—ହଁ ।

ଶିବା—ଏ ମା' ଝିଅ ଦି'ଟାଙ୍କୁ ନେଇ କୁଆଡେ ଯିବ ?

ରୂପା—ସେ କଥା ମୁଁ କହିପାରିବ ନା । ନ ଯିବ ତ ଗଳାଧକ୍କା ଦେଇ ଘରୁ ବାହାର କରିଦେବ ।

ଶିବା—ତା' ହେଲେ ମଜାର ଏଠି ନାହିଁ, ଭଲ ହେଉଛି ।

ରୂପା—କାହିଁ ସେ ?

ରେଣୁକା—ସେଥିରେ ତମର କଣ ଅଛି ? ତୁମେ ଆମକୁ ଘରୁ ବାହାର କରିଦେବ ନା ? ତା ଆଗରୁ ସେ ଚାଲିଯାଉଛି । ଚାଲ, ଶିବ ।

ଶିବା—(ବିବ୍ରତ ହୋଇ) କୁଆଡେ ?

ରେଣୁକା—ଯୁଆଡେ ବାଟ ଦିଶିବ । ମରଦପୁଅ ହୋଇ ଏଇ କଥାରେ ତୁମେ ଏତେ ଅଥୟ ହେଇପଡୁଛ ? କେତେ ଲୋକଙ୍କର ଘର କୋରକ ହଉଛି । ସେମାନେ ତ ପୁଣି ଭିକ ମାଗି ଦୁନିଆରେ ଚଳୁଛନ୍ତି ! ଆମେ କ'ଣ ପାରିବାନି ? ଆମେ ତ କାହାର କିଛି କ୍ଷତି କରି ନ ଥାଇଁ । କାହାକୁ ଠକି ନ ଥାଇଁ କି କୋଉଠି ଚୋରି କରି ନ ଥାଇଁ । ଆମ ଭାଗ୍ୟ ଆମକୁ ଇମିତି କରିଛି । ଏଥିରେ ଲାଜ କରିବାର କ'ଣ ଅଛି ? ଚାଲ, ଏ ଘରୁ କୁଟା ଖିଏ ବି ଆମର ଦରକାର ନାହିଁ । (ଦି' ଜଣ ଚାଲିଯାଉଥିଲେ)

ରୂପା—ଶୁଣ ।

ଶିବା—(ଯାଉ ଯାଉ ଅଟକି) କ'ଣ ?

Digitized by srujanika@gmail.com

ରୂପା—ମୁଁ ତୁମର ଘର ଛାଡ଼ିବାକୁ ରାଜି ଅଛି । ହେଲେ ତୁମେ ଯଦି ମୋ କଥାରେ ରାଜି ହୁଅ—

ଶିବା—କୋଉ କଥା ?

ରୂପା—ଯଦି ବାପାଘର କଥା ମତେ ଜବାବ ଦିଅ—ହେଲେ ଆଜି ନିର୍ବନ୍ଧ ହେବ । କ'ଣ ରାଜି ?

ଶିବ—(ଅଲମତ ହେଇ) ହଁ, ମୁଁ ରାଜି ।

ରେଣୁକା— ବ କ୍ଷା ମୁଁ ରାଜି ନୁହେଁ ।

ରୂପା—କ'ଣ ଶିବ ? କାହା କଥା ମୁଁ ମାନିବି ?

ଶିବ—ମୋ କଥା । ମୁଁ ତା'ର ମୁରବୀ । ମୁଁ ତୁମକୁ ଜବାବ ଦେଉଛି ।

ରେଣୁକା—ହେଲେ ସେ ମୋ ଝିଅ । ମୁଁ ରାଜି ନୁହେଁ ।

ଶିବା—ମୁରବୀ ମୁଁ ନା ତୁମେ ? ଯାଅ, ଯିଏ କୋଉଠି ଅଛି ତାକୁ ଏଇନେ ନେଇଆସ ।

ରେଣୁକା—ଅମଣିଷ ଭଳି କଥା କୁହନାହିଁ ଶିବ । ଘର ଯିବ, ଯାଉ । ଇସିକି କୋଉ ଜମିଦାରୀଟା ବୁଡ଼ିଯାଉଛି ? ଏ ଖଣ୍ଡିଆ ଘରଦର ପାଇଁ କ'ଣ ଝିଅଟାକୁ ବୁଡ଼େଇ ମାରିବ ?

ଶିବା—ଏ ଘର ତୁମକୁ ବଡ଼ ନ ହେଇପାରେ; ହେଲେ ମତେ ବଡ଼ । କ'ଣ ବାପଅଜାଙ୍କର ନାଁ ମୁଁ ଡୁବାଇଦେବି ?

ରୂପା—ଠିକ୍ କଥା କହୁଛ ଶିବ ? ମାଇପି ଲୋକ ! ବାପଅଜାଙ୍କ ଇଜ୍ଜତ କଥା ସେ କୋଉଠୁ ଜାଣିବେ ? ପରଘରୁ ଆସିଲା-ବାଲା—ତାଙ୍କ ବାପଘର କଥା ଯିନା ସିଏ କହିବେ ।

ରେଣୁକା—ଆଗେ ଶାଶୁଘର—ତା'ପରେ ବାପଘର । ତୁମେସବୁ କ'ଣ ଭାବୁଛ, ଏଠି ମୋର କିଛି ଅଧିକାର ନାହିଁ ?

Digitized by srujanika@gmail.com

ଶିବା—ତୁମେ ବିଧବା । ଗଣ୍ଡେ ଖାଇ ଖଣ୍ଡେ ପିନ୍ଧିବା ତୁମର କାମ । ତୁମେ ଚୁପ୍ ହୋଇ ବସ । ଯିମିତ ହେଲେ ମୁଁ ଆଜ ମନ୍ଦାରର ନିର୍ବନ୍ଧ କରିବ ।

ରୂପା—କ'ଣ ଶୁଣିଲ ତ ମନ୍ଦାରବୋଉ !

ଜବା—(ପ୍ରବେଶ) ମୁଁ ବି ଶୁଣିଲିଣି ସାଙ୍ଗଜାରେ !

ରୂପା—ଏଠି ତମର କି କାମ ?

ଜବା—କାମ ନାହିଁ କମିତ ? ସାଇଭାଇ ଲୋକ । ବାହାଘର ଯୋଉଠିବେଳେ ହବ—

ରୂପା—ତା' ହେଲେ ତୁମେ ରାଜ ଅଛ ତ ?

ଜବା—ହଁ, ମୁଁ ରାଜ ।

ରୂପା—ତା'ହେଲେ ଶୁଣ ଶାଶୁ !

ଜବା—ହେଲେ ମତେ ପଚାରିଲନି ମୁଁ କୋଉଥିରେ ରାଜ ଅଛି ?

ରୂପ—(ଚମକି) କ'ଣ ?

ଜବା—ଚମଭଲିଆ ପେଟାନକୁ ଗୋଇଠା ମାରି ଏଠୁ ତଡ଼-ଦବାକୁ ମୁଁ ରାଜ ଅଛି ।

ରେଣୁକା—(ସଭୟେ) ତୁମେ କିଛୁ ଜାଣିନ ଜବାଭାଇ ?

ଜବା—ଜାଣିଚ, ମୁଁ ସବୁ ଜାଣିଚ ।

ରୂପା—କ'ଣ ଜାଣିଚ ? ଦେଖୁଚ ଏ କୋରକ ଅମୀନ ? ମୁଁ ଘର ଦଖଲ କରିବାକୁ ଆସିଚ ? କଟକରୁ ପରୱାନା ଆଣିଚ । କୋରକ ପରୱାନା !! ବୁଝିଲ ?

ଜବା—ଆରେ ରଖ ସେ କୋରକ ପରୱାନା । ଇମିତ ବହୁତ ପରୱାନା ମୁଁ ଦେଖିଚ । ତୁମ ପରୱାନାକୁ ନେଇଯାଅ—ତୁମେ ଘୋଳି ବାଟି ପିଇବ ।

Digitized by srujanika@gmail.com

ଶିବା—ବାପ୍‌, ବାପ୍‌, ଡେର ହୋଇଗଲା । ଅ.ମ ଘଟକଥା ନେଇ
ତୁମ ମୁଣ୍ଡ ବଥେଇବା ମୋଟେ ଦରକାର ନାହିଁ । ଚାଲ
ସାହୁକାରେ, ମୁଁ ତୁମ ଭଠାରେ ବଜ ଅଛି ।

ଜବା—ତୁମର କେତେ ଟଙ୍କା ସାହୁକାରେ ?

ରୂପା—କାହିଁ, କ'ଣ ତବ ନା କ'ଣ ? ଉମିଣ ଦାଟା ହେଲଣି
କେବଠ ? କ'ଣ କୋଉଠି ହାତ ବୁଡ଼ାଇଲଣି କ ?

ଜବା—ତୁମେ ଆଗ କୁହ ନା !

ରୂପା—ସାଢ଼େ ଛଅଶହ । ବୁଝିଲ ? ସାଢ଼େ ଛଅଶହ । ଦ'ଅଣା
ସୁଧ ଲୁହେ । ସାଢ଼େ ଛଅଶହ ଟଙ୍କାର ଡିଗ୍ରୀ ।

ଜବା—କଣ ଏତିକ ଟଙ୍କା ?

ରୂପା—ହିଁ ହିଁ, ଏତିକ; ଅଉ କେତେ ହେଇଥିଲେ ହେଇଥା'ନ୍ତା ?
କ'ଣ ସାଢ଼େ ଛଅ ହଜାର ? ସାଢ଼େ ଛ'ଟଙ୍କା ପାଖରେ
ଅଛି ନା ?

ଜବା—(ଟଙ୍କା ପୁଡ଼ିଆ କାଢ଼ି ଜୋରକ ଅମୀନକୁ ଦେଇ) ନିଅ,
ଭଲକରି ଗଣିନିଅ । ଆଜି ଚାଲ, ମତେ ରସିଦ ଲେଖିଦେବ ।
(ଜୋରକ ଅମୀନର ହାତ ଧରି ତାକୁ ନେଇଗଲା)

ରେଣୁକା—ଜବାଭାଇ ! ଶୁଣ ଜବାଭାଇ ! (ଶିବପ୍ରତି) କ'ଣ
କରଜ ଚୁକିଲା ତ ? (ରୂପ ପ୍ରତି) ଆଉ ଏଠି ଠିଆ ହୋଇ
କ'ଣ ଦେଖୁଛ ? ଏଠୁ ଯିବ ନା ନାହିଁ ? (ଶିବ ପ୍ରତି) କ'ଣ
ଦେଖୁଛ ? ଚାଲ । (ଶିବ ପଥର ଭଳି ଛିଡ଼ା ହୋଇ ବୋକାଙ୍କ
ପରି ଚାହିଁଛି । ପ୍ରବେଶ କଲେ ଦଫାଦାର ଓ ମଣି)

ମଣି—ବାପା ଏଠିକି ଆସିଥିଲେ ? (ସମସ୍ତେ ନିର୍ବାକ) ମାଉସୀ !
ବାପା ଏଠିକି ଆସିଥିଲେ ?

ରେଣୁକା—ହିଁ, ଆସିଥିଲେ, ଏବେ ଚାଲିଗଲେ ।

Digitized by srujanika@gmail.com

ଦଫାଦାର—କ'ଣ କହିଲ ? ଜବା ଏଠିକି ଆସିଥିଲା ? କହୁନ କାହିଁକି ସାଉକାରେ ! ଜବା ଏଠିକି ଆସିଥିଲା ?

ରୂପା—(ଦଫାଦାରକୁ ପାଖକୁ ନେଇ) ସବୁ କଥା କୁହ ଦଫାଦାରେ ! ତୁମେ ଜାଣ, ତୁମେ ନିଶ୍ଚେ ଜାଣ । ଏତେ ଥୋକ ଜବା ପାଇଲା କୋଉଠୁ ?

ଦଫାଦାର—ଥୋକ ?

ରୂପା—ହଁ, ସାଢ଼େ ନଅଶହ ଟଙ୍କା । ଶିବା ନାଁରେ ମୁଁ କୋରଟ ପରଓ୍ବାନା ଆଣିଥିଲି । ହେଲେ ତୁମେ ଜାଣିଚ ଜବା ଏତେ ଟଙ୍କା ପାଇଲା କେଉଁଠୁ ?

ଦଫାଦାର—ଓହୋ, ତା ହେଲେ ଏଇନେ ବୁଝିଲି । ଏଇଥିପାଇଁ ସେ ଘର ବିକିଥିଲା ।

ରୂପା—କଏ ? ଜବା ? ଜବା ନିଜର ଘର ବିକିଦେଲା ? କାହାକୁ ବିକିଲା ?

ଦଫାଦାର—ମତେ ବିକିଲା ସାତଶ ଟଙ୍କାକୁ । ପଚାଶ ଟଙ୍କା ବୋଧହୁଏ ସେ ନିଜେ ରଖିଲା ।

ରୂପ—ଆଚ୍ଛା ! ତା' ହେଲେ ତୁମକୁ ବିକିଛି । ଠିକ୍ ଅଛି । ଚାଲ, ଦଫାଦାରେ !

ଦଫାଦାର—କୋଉଠିକି ?

ରୂପ—ଚାଲ ନା ମୁଁ ତୁମକୁ କହୁଚି, ଚାଲ । ଆସ ମୋ ସାଙ୍ଗରେ । (ଦଫାଦାରକୁ ନେଇ ଚାଲିଗଲା)

ଶିବା—(ମୁଣ୍ଡରେ ହାତ ଦେଇ ବସିପଡ଼ିଲା) ମୋ ପାଇଁ ଜବା ତା'ର ଘର ବିକିଦେଲା ! ମୋ ପାଇଁ ? (ରେଣୁକା ପ୍ରତି) ନା, ତୁମର ପାଇଁ । ତୁମ ମା ଝିଅଙ୍କ ପାଇଁ । (ରେଣୁକା ନିସ୍ପନ୍ଦ ହୋଇ ଠିଆ ହୋଇଥିଲା)

Digitized by srujanika@gmail.com

ମଣିଆ – (ଆନନ୍ଦରେ) ଓହୋ, ଏବେ ଜଣାପଡ଼ିଲା । ଟଙ୍କା ଧରି ଆସିଲାବେଳକୁ ମୁଁ ବାପାଙ୍କୁ ପଚାରିଲି । ସେ ମତେ କ'ଣ କହିଲେ ଜାଣିଚ ମାଉସୀ ? କହିଲେ, ଟଙ୍କା ଆଣିଚି ଉଜାଡ଼ିବା ପାଇଁ । ତା'ହେଲେ ଇମିତି ଟଙ୍କା ଉଜାଡ଼ିଲେ ।

ରେଣୁକା—ତା'ହେଲେ ଏ ଘର ଏଇନେ କାହାଘରର ?(ଶିବପ୍ରତି) କ'ଣ ଶିବ ? ଏ ଘର ଏବେ କାହାର ? କୁହ ଶିବ ! କାହା ଘର ଇଏ ? (ଜିବା ପ୍ରବେଶ କରିଚି)

ଜିବା—ଏ ଘର ତୁମର, ରେଣୁ । ଏ ଘରର ମାଲିକ ଶିବା । (ରସିଦ ଶିବାହାତରେ ଦେଇ) ଏଇ ନିଅ ରସିଦ । ସାହୁକାର ଏଣିକି ତୁମର କିଛି କରିପାରିବ ନାହିଁ । (ଚାଲିଗଲା)

(ରସିଦ ନେଇ ଶିବା ରେଣୁକାକୁ ଚାହିଁରହିଲା)

ମଣିଆ—ବାପା ଆଚ୍ଛା ଲୋକ ତ ? ଅନ୍ୟ ଘର ରଖିବାକୁ ନିଜ ଘର ବିକିଦେଲେ ?

ରେଣୁକା—କ'ଣ ଶୁଣିଲ ତ ଶିବ ? କ'ଣ କିଛି ବୁଝୁଚ ନା ନାଇଁ ? ନିଜ ଘର ବିକି ସେ ଆମ ଘର ମୁକୁଳେଇଲା । ଏଇନେ ତା'ର ନିଜର ଘର ନାହିଁ । କ'ଣ କିଛି ଶୁଣୁଚ ନା ନାଇଁ ? କ'ଣ କରିବ ଏବେ ?

ଶିବା—ହେଲେ ତା' ତ କେବେ ହେଇପାରିବ ନାଇଁ । ଏ ଜୀବନ ଥିଲାଯାଏ ତ ମଣିଆ ସାଙ୍ଗରେ ମଦାରର ବାହାଘର ହେଇପାରିବ ନାହିଁ । ଜିବା ମତେ ଦୟା କରିଚି । ହଁ ହଁ, ଦୟା, ମାଗି ନ ଥିବା ଦୟା । କିନ୍ତୁ ଗୋଟାଏ ନାସ୍ତିକ ଘରେ ମୁଁ କେବେ ଝିଅ ଦେଇପାରିବ ନାହିଁ ।

Digitized by srujanika@gmail.com

ମଣିଆ—କ'ଣ, ଶୁଣିଲୁ ତ ମାଳତୀ ! ଆଜି ତା' ସାଙ୍ଗେ ସାଙ୍ଗେ ମୋ କଥା ବି ଶୁଣିଥାଅ । ମୁଁ କାହାର ପୁଅ । ବାପା ମୋର ନାମକୁ ଡରୁ । ଲକ୍ଷଣଙ୍କ ବୋଲି ତା ଦେହରେ ମୁଁ ତୁମ ଝିଅକୁ ବାହାହେବାକୁ ଇଚ୍ଛା କରୁଚି, ଏ କଥା କେବେହେଲେ ଘଟିବନି । ଆଜି ଏ କଥା ପଦ୍ଧ ତମମାନଙ୍କ ମନରେ ଥାଏ, ତା'ହେଲେ ମୁଁ କହୁଦଉଚି, ମଦାଜିକୁ କହିଦେବ, ସେ କେବେ ଯିମିତି ଆଜି ମୋ ପାଖକୁ ନ ଆସେ । ଆମ ଭଳି ଦାସ୍ତିକ ଘରେ କେବେ ଯିମିତି ତା ପାଦ ନ ପଡ଼େ । ହଁ, ତାକୁ କହିଦେବ ମାଳତୀ ! ତାକୁ କହିଦେବ । (ଚାଲିଗଲା, କିନ୍ତୁ ସମସ୍ତ ମଞ୍ଚବରେ ଛଟିଗଲା)

ରେଣୁକା—(ଶିବା ନିକଟକୁ ଯାଇ) ତୁମେ ମଣିଷ ନା ଆଉ କ'ଣ ? ତା ଯିବାଯାଏ ଟିକେ ସମ୍ଭାଳି ପାରିଲ ନାହିଁ ? ତା'ର ଆଗରେ କହିପକାଇଲ ? ମୁହଁ ଲାଜ ବି ଟିକେ ରଖିଲ ନାହିଁ ? ତମ ପାଇଁ ଯିଏ ତାର ସର୍ବସ୍ୱ ଉଜାଡ଼ିଦେଲା ତାଠୁଁ ତମର ପଥରର ଦେବତା ବେଶି ହେଲା ?

ଶିବା—ନୂଆବୋଉ !

ରେଣୁକା—ମଣିଷର ମନ ରଖିବା ପାଇଁ ଟିକେ ଚେଷ୍ଟା କଲ ନାହିଁ ତୁମେ, ତୁମ ପାଇଁ ଯିଏ ତାର ସ.ଚୟତ୍ତଷ ଉଠାମାଟି ବଳୀ କଲା ?

ଶିବା—ନୂଆବୋଉ ! ଭୁଲ ହେ ତୁମେ । କାହାରି କଥା ମୁଁ ଶୁଣିବ ନାହିଁ ।

ରେଣୁକା—ତା' ହେଲେ କ'ଣ କରିବ ? ସେଇ ବୁଢ଼ାଟା ବେକରେ ଶେଷକୁ ମୋ ଝିଅଟାକୁ ଛନ୍ଦିବ, ନାଇଁ ?

Digitized by srujanika@gmail.com

ଶିବା—ନ ହବ ତ ଉକାଶ୍ର ହାଣ୍ଠରେ ତାକୁ ନେଇଦେବ । ହେଲେ ତା' ଘରକୁ ମୁଁ କେବେ ହେଲେ ଝିଅ ଦେବିନି । ଦେବ-ଥାନରେ ମୁଁ କଥା ଦେଇଛି । ମୋ କଥା ମୁଁ କେବେହେଲେ ଭାଙ୍ଗିବି ନାହିଁ । ନା, ଜୀବନ ଚାଲିଗଲେ ବି ନୁହେଁ ।

(ଚାଲିଗଲା)

ରେଣୁକା—ଶିବ ! ଶିବ !!

ତୃତୀୟ ଦୃଶ୍ୟ

(ଗାଁ ଦାଣ୍ଡ—ଗୋପାଳ ଓ ମଦାର କଥାବାର୍ତ୍ତା ହୋଇ ଆସିଲେ)

ଗୋପାଳ—ଚିନ୍ତା କରନା ମଦାର । ଜବାବାଇ ସେଠିକି ଯାଇଛି; ସବୁ ଠିକ୍ଠାକ୍ ହେଇଯିବ । ଶିବା ତ ଏଇନେ ଗୋଟାପଣେ ସାଜକାରର । ମୋ ପାଖକୁ ଆସିଚୁ ଯେ ମୁଁ କ'ଣ କରିବି ? ବରଂ ଘରେ ଥିଲେ ତାଙ୍କର୍ କ'ଣ ହେଲେ ମସୁଧା କଛୁ ଶୁଣିଥାନ୍ତୁ ।

ମଦାର—ଦାଢ ମୁହଁରୁ ନବନ୍ଧ କଥା ଶୁଣି ମୋର ତ ମୁଣ୍ଡ ଫ'ଣ ହେଇଗଲା । ତୁମ ପାଖକୁ ନ ଆସି ଯାଇଥାନ୍ତି କୋଉଠିକି ? ମଉସାଙ୍କ ପାଖକୁ ବା ଯାଇଥାନ୍ତି । ତାଙ୍କ କଥା ତ ଜାଣିଚ ।

ଗୋପାଳ—ହଉ, ହଉ, ତୁ ଘରକୁ ଯା । କିଛି ଭୟ ନାହିଁ । ମୁଁ ତୋ ସାଙ୍ଗରେ ଯାଇଥାନ୍ତି । ହେଲେ ମୋ ଯିବାଟା ଠିକ୍ ହବ ନାହିଁ । ହଉ, ତୁ ଗଲୁ । ଏଇ ତ ମଣି ଆସିଲାଣି ।

Digitized by srujanika@gmail.com

(ମଣି ସେଇବାଟେ ମଦାରକୁ ନ ଦେଖିଲା ଭଳି ଚାଲିଯାଉଥିଲା)

ଆରେ ମଣି ! ତୁ ଚାଲିଯାଉଚୁ କ'ଣ ? ଟିକେ ଶୁଣ ।
କୁଆଡ଼େ ଯାଉଚୁ, କୁଆଡ଼େ ? ଘରକୁ ତ ?

ମଣିଆ—ଘର ! (ଶୁଖିଲା ହସ ହସି) ଆଉ ଘର କୋଉଠୁ ଆସିବ ? ମୁଁ ବାପାଙ୍କ ପାଖକୁ ଯାଉଚି ।

ଗୋପାଳ—ସବୁ ମୁଁ ଜାଣିଚି, ମଣି ! ହେଲେ ମଦାର ଏଠି ଛୁଆ ହେଇଚି ପରା ?

ମଣିଆ—ମୁଁ ତ ଅନ୍ଧ ନୁହେଁ ।

ଗୋପାଳ—ଆରେ, ତମ ବର୍ତ୍ତୀଙ୍କର ପୁଣି କ'ଣ ହେଲା ? କ'ଣ, କଥା କ'ଣ ମଦାର ? କ'ଣ କରୁ କଳକଳିଆ କରଉଚ ? କଣ ହେଇଚି ମଣି ?

ମଣିଆ—ସେ କଥା ତା' ବାଢ଼ଙ୍କ ପଚାରବ ।

ଗୋପାଳ—ତୁ ଏଇନେ ସେଇଠୁ ଆସୁଚୁ ନା ?

ମଣିଆ—ହିଁ, ଭଲ ଖବରେ ଜୋତାମାଡ଼ ଖାଇଆସୁଚି ।

ଗୋପାଳ—ଘର କୋଉକ ହେଇନାହିଁ ତ ?

ମଣିଆ—ନା, ମୁହଁ କଳା କରି ରୁପସାଉକାର ଚାଲିଗଲା ।

ଗୋପାଳ—ହେଲେ ଚୋର ପୁଣି କଣ ହେଲା ? ଇଏ ତ ଖୁସିର କଥା । ତ୍ରିଣ୍ଠା ଏଠି ବ୍ୟସ୍ତ ହେଉଥିଲା । ତାକୁ ଏ କଥା ନ କହି ତୁ ମୁହଁ ବୁଲେଇ ଦେଇ ଚାଲିଯାଉଚୁ ଯେ ?

ମଣିଆ—ଖୁସିର କଥା, ହଁ, ଖୁସିର କଥା ନୁହେଁ ତ ଆଉ କଣ ? ତା ବାଢ଼ ତ ଖୁସି ହେଲା—

ଗୋପାଳ—ତତେ କ'ଣ ଏଇଟା ଖରାପ ଲାଗୁଚି ?

ମଣିଆ—ହଁ, ମତେ ଖରାପ ଲାଗୁଚି । ଜାଣିଚ କାର୍ତ୍ତିକ ? ଏତେ ହେଇ ବି ତା' ବାଢ଼ ଆମ ମୁହଁରେ ଜୋତା ମାରୁଚି ।

Digitized by srujanika@gmail.com

ଠାକୁରାଣୀ ତାକୁ ହୁକୁମ ଦେଇଛନ୍ତି ନା ? ଗାଁର ଠାକୁରାଣୀ !
କାଳସୀ, ରୂପସାଉଙ୍କାର ଓ ଦଫାଦାରର ଠାକୁରାଣୀ !

ମନ୍ଦାର—ମଣି !

ମଣିଆ——ମୋ ସାଙ୍ଗରେ ତୁ କଥାବାର୍ତ୍ତା କରନା, ମନ୍ଦାର !
ତମ ଠାକୁରାଣୀ ରାଗିବେ ।

ଗୋପାଳ—ତା' ହେଲେ ସ୍ତା ଭିତରେ ଆଉ କିଛି କଥା ଅଛି ?

ମଣିଆ—ତୁମେ ଜାଣିନ ବାବୁ, ତା ବାବୁ ମତେ ମନା କରିଛି—
ତା ବାବୁ ମୋ ମୁହଁ ଉପରେ ସଫା ସଫା କହିଦେଇଛି···

ଗୋପାଳ—କ'ଣ ଏସବୁ ଘଟଣା ପରେ କି··· ?

ମଣିଆ—ହଁ, ହଁ, ଏ ସବୁ ଘଟଣା ପରେ କି । ଅମର ସିନା
ଭିଟାମାଟି ଗଲା—ହେଲେ ସିଏ·····

ଗୋପାଳ—କ'ଣ ହେଇଛି ମତେ ସଫା ସଫା କହୁନୁ ?

ମଣିଆ—ତା' ବାବୁ କହୁଛି, ଦେବତା ବ୍ରାହ୍ମଣ ଯାହାର ନାହିଁ
ହେମିତିକା ନାସ୍ତିକ ଘରେ ସେ ଝିଅ ଦବନାହିଁ ।

ଗୋପାଳ—ଓ, ଏଇକଥା ! ଶିବା କଥାରେ କ'ଣ ଅଛି ? ତା ମା'
ଯେତେବେଳେ ବଞ୍ଚିରହିଛି ଶିବା କହିବାକୁ କଏ ? ଶିବା-
ରାଗ ତୁ ଝିଅଟା ଉପରେ ଛୁଡ଼ଉଚୁ ? ଝିଅଟାର କ ଦୋଷ ?
ହଉ ମନ୍ଦାର ! ମୁଁ ଯାଉଚି ।
(ଗୁଲଗଲ କିଛିକ୍ଷଣ ନୀରବରେ କଟିଗଲା)

ମନ୍ଦାର—ମଣି ! ମଣି !!

ମଣିଆ—ହଁ ।

ମନ୍ଦାର—ମଉସାଙ୍କଠୁଁ ଏ ହଁ, ଆଁ କେବଠୁଁ ଶିଖିଲୁଣି ?

ମଣିଆ—ହୁଁ ।

ମନ୍ଦାର—କ'ଣ ହେଇଛି ମଣି ? କ'ଣ ହେଇଛି ମତେ କହିବୁନି ?

Digitized by srujanika@gmail.com

ମଣିଆ—ମୁଁ ତ ତୋ ବୋଉକୁ କହିଦେଇ ଆସିଛି ।
ମନ୍ଦାର—କ'ଣ ?
ମଣିଆ—ତୁ ଆଜି ମୋ ସାମନାକୁ ଆସିବୁନି ।
ମନ୍ଦାର—(ହସି) ନ ହେଲା ଏବେ, ତୁ ମୋ ସାମନାକୁ ଆସିବୁ ତ ?
(ମଣିର ମୁହଁ ଫଟାଫେଷା ଗମ୍ଭୀର ଦେଖି ତାର ହସ ମିଳେଇଗଲା) ମଣି !
ମଣିଆ—କ'ଣ ?
ମନ୍ଦାର—ତୁ ମୋ ଉପରେ ରାଗିଚୁ ?
ମଣିଆ—ନା ।
ମନ୍ଦାର—ତା'ହେଲେ କଥା କହୁନୁ କାହିଁକି ?

ମଣିଆ—କ'ଣ କହିବି ? ବଡ଼ ସକାଳରେ ମୁଁ ଧାଇଁ ଯାଇଥିଲି । ହେଲେ·········

ମନ୍ଦାର—ବାବାଙ୍କ କଥା ମନରେ ଧରୁଚୁ ମଣି ? ବାପ ସିନା ତତେ ଅପମାନ ଦେଲେ । ହେଲେ ବୋଉ ତ କିଛି କହିନି । କହୁନୁ କାହିଁକି ମଣି ? ଏତିକବେଳୁ ଯଦି ତୁ ଇମିତି ହେବୁ ତା ହେଲେ ଆମକୁ ବଳ ଦବ କିଏ ? ବାପ ବାହାରିଚ ଆଜି ନିବନ୍ଧ କରିବା ପାଇଁ । ତୋ'ବାପାଙ୍କ ମେଣ୍ଟ ବାନ୍ଧିଚନ୍ତି । ତୁ କ'ଣ ଏଇଆ ଚାହୁଁଚୁ, ମୋ ଜୀବନ ମାଟି ହେଇଯାଉ ? ଏଇଆ କଣ ତୋ'ର ଇଚ୍ଛା ?
ମଣିଆ—ମନ୍ଦାର !
ମନ୍ଦାର—(ମଣି ନିକଟକୁ ଯାଇ ତାକୁ ହଲେଇ ଦେଇ) ଥରେ ମୋ ଆଡ଼କୁ ଚାହା ମଣି ! ତୁ ହସ !! ତୁ କଥା କହ !!! ତୁ କଥା କହ !!!!

Digitized by srujanika@gmail.com

ମଣିଆ—ମନ୍ଦାର ! (ମଣି ମୁହଁରେ ଚମ୍ପୀରଚ୍ଛା ଭଙ୍ଗି ହସ ଝଲକୁଛି । ମଣି ମୁହଁରେ ହସ ଦେଖି ମନ୍ଦାର ପାଗଳୀଙ୍କ ଭଳି ହସି-ଉଠିଲା—ସେ ହସରେ ଯିମିତି ଥିଲା ବୁକୁଫଟା ହା-ହା-କାର । ହସର ଅନ୍ତରାଳରେ ଫାଟିପଡ଼ୁଛି ଯିମିତି କେତେ ଯୁଗର ସଞ୍ଚିତ ବେଦନା)

(ଦୃଶ୍ୟାନ୍ତ)

ଶେଷ ଦୃଶ୍ୟ

(ଜବାର ଘର—ବତି ଲିଭିଯାଇଛି । ବତି ପାଖରେ ବସିଛି ଜବା । ସ୍ୱାଭାବିକ ଭାବରେ ସେ ଗମ୍ଭୀର ଦେଖାଯାଉଛି । ସଂସାରର କୌଣସି ଦୁଃଖ ବା ଗ୍ଲାନି ପ୍ରତି ତା'ର ଭ୍ରୂକ୍ଷେପ ନାହିଁ ଯିମିତି । ସଂସାରର ସମସ୍ତ ଆକର୍ଷଣ ପ୍ରତି ସତେ ଯିମିତି ଉଦାସ । ପ୍ରବେଶ କଲା ରେଣୁକା । ହେଲେ ଜବାର ସେଥିପ୍ରତି ନଜର ନାହିଁ । ରେଣୁକା ଯାଇ ଜବା ପାଖରେ ଠିଆହେଲା)

ରେଣୁକା—ଜବାଭାଇ !

ଜବା—ଉଁ, ଓ ରେଣୁ ? ହୁଁ ।

ରେଣୁକା—ମୁଁ ଆସିଥିଲି ।

ଜବା—କାହିଁକି ଆସିଥିଲୁ ? କ'ଣ ମତେ ଧନ୍ୟବାଦ ଦବାକୁ ! ନ ଦେଇଥିଲେ ତ ଚଳିଥାନ୍ତା ।

ରେଣୁକା—ମନ୍ଦାର କଥା କ'ଣ କରିବ କହିଲ ?

ଜବା—ମତେ କ'ଣ ପଚାରୁଛୁ ? ମୁଁ ତ ତା'ର ମୁରବି ନୁହଁ ?

ରେଣୁକା—ମନ୍ଦାରକୁ କଣ ତୁମ ଘରକୁ ନବ ନାହିଁ ?

Digitized by srujanika@gmail.com

ଜବା—କାହିଁକି ? ସ୍ତ୍ରୀ ତ କାନ୍ଦୁଛି । କୋଇଲି ଆଣିବାକୁ ପାଖରେ ପଇସାଟିଏ ବି ନାହିଁ । ନିଜ ଘରେ ମୁଁ ଭଡ଼ାଟିଆ ହୋଇଛି । ନିଜ ଜୀବନ'କୁ ବୁଝିଲା ଲୋକଟେ ନାହିଁ । ବାପ-ପୁଅ ଦିଟା ଏଠି ପ୍ରେତ ଭଳିଆ ରହୁଛନ୍ତି । ଇମିତି ଟୋକାଏ ମଶାଣି-ପଡ଼ାରେ ତୋ ଝିଅକୁ ତୁ ଛାଡ଼ିଦେବାକୁ ଚାହୁଁଛୁ ? ଏଇଟା ଠିକ୍ ନୁହେଁ, ରେଣୁ । ତା ଛଡ଼ା ତୋ ଝିଅର···

ରେଣୁକା—ତା କଥା ଛାଡ଼ ଭାଇ । ତମ ସାଙ୍ଗରେ ମୋର ବହୁତ କଥାବାର୍ତ୍ତା ଅଛି । ତମେ ଚିଡ଼ିବ ନା ତ ?

ଜବା—ମୋ ଚିଡ଼ିବା ନ ଚିଡ଼ିବାକୁ କିଏ ଖାତିର କରୁଛି ? ତୋଫାନ ହେଉଛି, ଅନ୍ଧାର ଘୋଟି ଆସୁଛି । ବିଜୁଳି ଚମକୁଛି, ମେଘ ବରଷୁଛି । କିଏ ଖାତିର କରୁଛି ଏ ସବୁକୁ ? ଆଉ ମୋ ସଗିନା କଥା କହୁଛନ୍ତି—ମତେ ଦେଖି କିଏ ହସୁଛି, କିଏ ମୁହଁ ମୋଡ଼ି ଚାଲିଯାଉଛି, କିଏ କହୁଛି, ପାଗଳାଟାଏ ବକୁଛି । ଦୁନିଆ ତା'ବାଟରେ ଚାଲିଛି । କିଏ ଖାତିର କରୁଛି ମୋ କଥାକୁ ?

ରେଣୁକା—ମୋର ବାପାଙ୍କର ଜିଦ୍ ଯୋଗୁଁ ମୋ ଜୀବନଟା ଯିମିତି ନଷ୍ଟ ହୋଇଗଲା, ମନାର ଅବସ୍ଥା ଯିମିତି ସେସ୍ଥା ନ ହୁଏ ! ସବୁ ତ ତୁମେ ଦେଖୁଛ । ନିଃଶ୍ରୀ ଲୋକ ମୁଁ । ନିଜର ବୋଲି କିଏ ଅଛି ? ମୋ ଘର ଉଜୁଡ଼ି ଯାଉଥିଲା—ତାକୁ ତୁମେ ରଖିଲ । ହେଲେ ତୁମ ଘର······

ଜବା—ମୋ ଘର ?

ରେଣୁକା—ମୁଁ ଭୁଲିନି ଭାଇ ! ତୁମ ଘର ତୁମର ହୋଇ ନ ଥିଲେ ବି ଘରେ ତୁମର ପୁଅ ଅଛି । କେତେଦିନ ଆଉ ତାକୁ ଚୁଲି ଜଳେଇବ ? ସାରାଜୀବନ ତ ମୁଁ ଆଖି ଲୁହରେ ବଞ୍ଚେଇ-

Digitized by srujanika@gmail.com

ହେଲା । ଏବେ କ'ଣ ପିଲାମାନଙ୍କ ମୁଖଚିକେ ଦେଖିବାକୁ ଚାହଁନ ?

ଜବା—ସେ କଥା ଛାଡ଼, ରେଣୁ ! କ'ଣ କହିବାକୁ ଚାହୁଁଚ, କହ ।

ରେଣୁକା—ପିଲାମାନଙ୍କ ସୁଖ ପାଇଁ ତୁମେ କ'ଣ ତୁମର ଏ ଜିଦ୍ ଟିକକ ଛାଡ଼ିବ ନାହିଁ ?

ଜବା—ହୁଁ ।

ରେଣୁକା—ତୁମର ଏଇ ହୁଁ ଯୋଗୁଁ ତ ସମସ୍ତେ ଚିନ୍ତନ୍ତି ।

ଜବା—ଆଉ ମୁଁ ଚିଡ଼େଁ ନ'ଚା'ର ଏଇ ବଙ୍କାଟଙ୍କା କଥାଗୁଡ଼ାକ ଶୁଣି । କ'ଣ କହିବୁ ସଫା ସଫା କହୁନୁ କାହିଁକି ?

ରେଣୁକା—ଠିକ କହୁଚନ୍ତି, ଜଣ୍ଡଆଣରେ ତୁମେ ମାଫି ମାଗିଲେ ମଣିଷ ସାଙ୍ଗରେ ମନ୍ଦାରର ବାହାଘର କରିବେ । (ଜବା ହସି-ଉଠିଲ) ହସୁଚ କ'ଣ ?

ଜବା—ଶିବା କହୁଚ, ନା ? ଶିବା କହୁଚ, ଆଉ ତୁ ଶୁଣୁଚୁ ? ଜାଣ୍ଡିହାରଙ୍କ ପାଖରେ ମାଫି ମାଗିବ, ମନ୍ଦରକୁ ଯାଇ ଠାକୁର-ପୂଜା କରିବ । ତା' ହେଇପାରିବନି ରେଣୁ ? ଜୋରଜବର-ଦସ୍ତି କାହାରି ମନରେ ବିଶ୍ୱାସ ଅଣାଯାଇ ପାରେ ନା । ନରନାରାୟଣଙ୍କୁ ଯେ ଚିହ୍ନିଚି, ମନ୍ଦରର ନାରାୟଣ ତା' ନିକଟରେ କିଛି ନୁହେଁ । ମଣିଷର ସହିବାର ଗୋଟାଏ ସୀମା ଥାଏ । ଜଳନ୍ତା ନିଆଁରେ ହାତ ଦବାପାଇଁ କହ, ଦେଇ-ଦେବ । ହାତ ପୋଡ଼ିଯିବ । ଔଷଧ ଲଗାଇଲେ ସେ ଭଲ ହେଇଯିବ । ହେଲେ ମଣିଷର ମନ ଥରେ ଭାଙ୍ଗିଯାଏ, ସେ ଆଉ ଯୋଡ଼ିହୁଏନା, ରେଣୁ !

ରେଣୁକା—ହେଲେ ପୁଅଟା ପାଇଁ ଚାହିଁଲେ ତ ମନଟାକୁ ତମେ ବୁଝେଇପାରିବ ।

Digitized by srujanika@gmail.com

ଜିବା—ତା' ହେଇପାରିବନି । ଶିବା ପାଖରେ ବସ, ମୁଁ ଯାଇ ଦଶଥର କାନ ମୋଡ଼ିଦେବି । ନରନାରାୟଣ ହେ । ହେଲେ ଶିବାଙ୍କ ପାଇଁ କୋଉ ପଥର ପାଖରେ ଯନ୍ଥ ହାତ ଯୋଡ଼ିବାକୁ କହିବୁ ତା' କେବେହେଲେ ହୋଇ-ପାରିବନି । ନା, ଜୀବନ ବୁଲିଗଲେ ବି ନୁହେଁ ।

ରେଣୁକା—(କରୁଣସ୍ୱରରେ) ହେଲେ ସେମାନଙ୍କ ଜୀବନ କ'ଣ ନଷ୍ଟ ହୋଇଯିବ ?

ଜିବା—ହଉ, ସଂସାରରେ ଶହ ଶହ ଲୋକଙ୍କର ଜୀବନ ନଷ୍ଟ ହୋଇଯାଉଛି । ତାଙ୍କର ବି ସେମିତି ଯିବ । ଯା, ତୁ ଯା । ଦୁନିଆ ଓଲଟିଯିବ । ହେଲେ ଜିବାର କଥା କେବେ ଓଲଟିବ ନାହିଁ । (କିଛିକ୍ଷଣ ନୀରବ ରହିବା ପରେ ରେଣୁକୁ ନ ଯିବାର ଦେଖି) ତୁ ଏଯାଏ ଯାଇନୁ ?

ରେଣୁକା—କେମିତି ଯିବି ? ମା' ମୁଁ, ମା' ମନ ମୋର; ଦି ଜଣଙ୍କର ସୁଖ ଦେଖିବା ପାଇଁ ମୁଁ ଏଯାଏ ବଞ୍ଚିରହିଛି । ସେଇଥି-ପାଇଁ ତୁମ ପାଖକୁ ମୁଁ ଭିକ ମାଗିବାକୁ ଆସିଛି ।

ଜିବା—(ହସି) ଭିକ ମାଗିବାକୁ ଆସିଚୁ ଗୋଟିଏ ପଥର ପାଖରେ ? ତୁ ଯା'—ପିଲାମାନଙ୍କ ଭାଗ୍ୟରେ ଯାହା ଥିବ ତା' ହବ । ତୁ ଯା— (ପ୍ରବେଶ କଲେ ରୂପ, ଧଫାଦାର ଓ ଚୋକ-ଅମୀନ । ପଛେ ପଛେ ମଣି ଓ ମଦାର) ତୁମର ଏଠି କାମ କ'ଣ ସାଆନ୍ତାରେ ?

ରୂପା—ମୁଁ ଦଖଲ କରିବା ପାଇଁ ଆସିଛି ।

ଜିବା—ଦଖଲ ! କ'ଣ ?

Digitized by srujanika@gmail.com

ରୂପା—ଘର ଦଖଲ କରିବାକୁ ଆସିଚି । ଏ ଘର ମୋର । ବଫାଦାରଠୁଁ ମୁଁ କିଣିଚି । ଘର ଖାଲି କରିବା ପାଇଁ ଆସିଚି ।

ଜବା—(ଭୟରେ) ଚାଲ ମଣି ! ଆମର ଆଉ ଏଠି କିଛି ନାହିଁ ।

ରୂପା—କିଛି ନାହିଁ ନାହିଁକି, ଜବ ! ଉପାୟ ଅଛି । ତେବେ ତମେ କଲେ ହେବ । ତମେ କହିବ ତ ମୁଁ ଖରିଦନାମାଟା ଏଠି ଚିରିଦେବି ।

ଜବା—(ସାମାନ୍ୟ ହସି) ବୁଝି ପାରିଲି । ଚାଲ, ମଣି ।

ବଫାଦାର—ମୋର କିଛି ଉପାୟ ନାହିଁ ଜବ ! ଥରେ ଘର ବିକି-ଦେଲେ ଆଉ ଭଡା ଦବାର କଥା କଏ କୋଉଠି ମାନି-ଲେଣି ?

ଜିବା—ମୁଁ ତ ତୁମକୁ ଏବେ ସେ କଥା କହୁନାହିଁ ।

ରୂପା—(ରେଣୁ ପ୍ରତି) ଯାଙ୍କ ଘର ରଖିବାପାଇଁ ଗୋଟିଏ ଉପାୟ ଅଛି । ତେବେ ସେ ଉପାୟ ମହାରଜେଙ୍କ ହାତରେ ।

ରେଣୁକା—ଆଉ ବୁଲାକ ଖେଳିବା ଦରକାର ନାଇଁ ସାଉକାରେ—ଢାକ ବନ୍ଦ କରି ମୁହଁ ଖୋଲିବା ଦରକାର ନାହିଁ । ଘର ରଖିବାକୁ ମୋ ଝିଅକୁ ମୁଁ ତମ ଭଳିଆ ଗୋଟିଏ ସଇତାନ ବେକରେ ଛନ୍ଦିଦେବି ନାଇଁ ? ତା'ଠୁଁ କ'ଣ ମୁଁ ତା ତଣ୍ଟି ଚିପି ମାରି ଦେଇ ପାରିବନି ?

ଜବା—କିଛି କହିବା ଦରକାର ନାହିଁ ରେଣୁ, ଯା ତୁ ଘରକୁ ଯା—ତୁ ଘରକୁ ଯା । ଚାଲ, ମଣି ।

ରେଣୁକା—(ରାଗରେ ସାଉକାର ନିକଟକୁ ଯାଇ) କ'ଣ ତୁମେ ମନେକରିଚ ସାଉକାରେ ? ମୋ ଝିଅକୁ ତୁମେ କ'ଣ ବୋଲି

Digitized by srujanika@gmail.com

ମନେ କରିଛ ? ଛତିଶଟି ମାଗଦେଇ ଚଳିବେ, ହେଲେ ତୁମ ହାତରେ ତା'କୁ ଏ ଜୀବନ ଗୁଲିଗଲେ ବି ଦେବିନାହିଁ ।

ରୂପ—ଯାହା କହୁଛ ଠିକେ ବୁଝିସୁଝି କୁହ । ଏଇ କଥାକୁ ଇମିତି ଗୋଟାଏ ଜିଦ କରିବାଟା ଠିକ୍ ନୁହେଁ । ଟଙ୍କାପଇସା ଦରକାର ଯଦି……

ଜବା—ଚୁନି ହ ସାଉକାରେ ! ପଇସାବାଲାମାନେ ମନେ କରନ୍ତି, ପଇସା ଦେଲେ ସବୁ ଜିନିଷ ମିଳିପାରିବ । ତା' ତୁମେ ପାରିବ ସାଉକାରେ । ହେଲେ ମଣିଷର ମନକୁ କେବେ ହେଲେ କିଣିପାରିବ ନାହିଁ । ଦୁନିଆରେ ସବୁ ମଣିଷ ସମାନ ନ ଥା'ନ୍ତି । ଶିବା ଆଜି ଦଫାଦାର ଭଲ ତୁମେ ଦୁନିଆକୁ ମନେ କରୁଛ ? ଟଙ୍କାର ଆବାଜ ସେମାନଙ୍କୁ ଆଜି ଅନ୍ଧ କରିଛି—ପଶୁ ସେମାନେ । ହେଲେ ତୁମେ ଭାବୁଛ, ସେଇ ଟଙ୍କାର ମୋହ ଦେଖାଇ ଦୁନିଆକୁ କିଣିପାରିବ ବୋଲି ? ଦୁନିଆରେ ଟଙ୍କା ବଡ଼ ନୁହେଁ, ସାଉକାରେ ! ବଡ଼ ହଉଛି ମଣିଷର ମନ, ମଣିଷର ଜିଦ୍, ମଣିଷର ଅଭିମାନ । ତା' ହିଁପାଇଁ ସେ ତା ଜୀବନ ଦେବ, ହେଲେ ତୁମର କଥା ଶୁଣିବ ନାହିଁ । ଅଉକୁ ଅଉ ମୁହଁ -ପୋଡ଼ି ତୁମକୁ ଲାଜ ଲାଗୁନାହିଁ ସାଉକାରେ ? ଚାଲ, ମଣି !

ଘେଣୁକା—ଏ ଘରର ଜିନିଷପତ୍ର ?

ଜବା—ଘର ତ ଗଲା । ଆଉ ଜିନିଷପତ୍ର କ'ଣ ହେବ । ସବୁ ଏଇଠି ଥାଉ । ଚାଲ ମଣି (ଶିବା ଓ ଗୋପାଳ ପ୍ରବେଶ)

ଶିବା—(ଜବାକୁ କୁଣ୍ଢେଇଧରି) କୁଆଡ଼େ ଯିବ ଜବାଭାଇ ?

ଜବା—ଆଖି ଯୁଆଡ଼କୁ ନେଇଯିବ ।

Digitized by srujanika@gmail.com

ଶିବା—ମତେ କ୍ଷମା କର ଜବାଭାଇ ! ମୁଁ ଯୋଉ ଭୁଲ କରିଛି ତା'କୁ ଭୁଲିଯାଅ । (ତାର ଗଳା ରୁଦ୍ଧ ହୋଇଆସିଲା । ଆହୁରି ଜୋରରେ ଜବାକୁ ଯୁଡ଼ିଧରି) ମୁଁ ତୁମର ଗୋଡ଼ଧୂଳିକୁ ସରି ନୁହେଁ, ଜବାଭାଇ ! ତୁମେ ଦେବତାଠୁ ବି ବଡ଼ । ଯୋଉ ଦୁର୍ବୁଦ୍ଧି ମୁଁ କରିଛି, ତାକୁ ତୁମେ ଭୁଲିଯାଅ । ମତେ କ୍ଷମା ଦିଅ । ଏ ଘର ସାହୁକାର ନୁହ । ବାଙ୍କା ଚମ ଦଳି···

ଜବା—ଶିବ ! (ଆଖିରେ ତା'ର ଆନନ୍ଦାଶ୍ରୁ)

ଶିବା—(ଜବା ମୁହଁରେ ହାତ ଦେଇ) ପ୍ରତିବାଦ କରନି ଜବାଭାଇ । ମୁଁ କିଛି କଥା ଶୁଣିବି ନାହିଁ । ସେ ଘର ତୁମର । ତୁମ ଘରେ ଆମେ ସମସ୍ତେ ମିଳିମିଶି ରହିବା । ମୋର ଆଜି ଆଖି ଖୋଲି ଯାଇଛି ।

ଜବା—ପିଲାବେଳକୁ ତୁ ମତେ ବଡ଼ ଖୁସି ଖବର ଦେଲୁ ରେ ଶିବ ! ମୋ ପ୍ରତି ତୋ'ର ଏତେ ଦୟା !! ପିଲାବେଳେ ତୋର ଏ ମହତ୍ତ୍ୱ ଦାନ ମୁଁ କେବେହେଲେ ଭୁଲି ପାରିବିନି । ହେଲେ ଭାଇ ! ଫେରେଇବା କ୍ଷେପ ତ ତେଜ ହୁଏନି । ଏ ମା ଝିଅଙ୍କ କଥା ଚିନ୍ତା ଲାଗିଲା । ଭୁଲ ମଣି !

ରେଣୁକା ଓ ଶିବା—ଜବାଭାଇ !

ଜବା—ଆଉ ବାଧା ଦିଅନା ଶିବ ! ଆମର ଗାଁ ଆଜି ଇମିତି ଭାଙ୍ଗୁଯାଉଚି । ଯେତେଦିନ ଯାଏ ଆମର ଏ ଗାଁବାଲା ଦେବତା ଓ କାଳସୀଙ୍କର ଜୋର ହଉଥିବେ ସେତେଦିନ ଯାଏ ଇମିତି ହଉଥିବ । ଆଜି ସହର ବଢ଼ୁଛି । ଆଉ ଭାଙ୍ଗୁଛି ଯାଉଛି ଆମର ଗାଁ । ଦେବତା ଧର୍ମର ଅନ୍ଧବିଶ୍ୱାସ ନେଇ । ଆଜି ମୁଁ ଯାଉଚି, କାଲି ତୁମେ ଗୋପାଳ ବି ଯିବ । କଏ ଜାଣିବ ଏଇ ଦଫାଦାର, ସାହୁକାର ଦିନେ ନ ଯିବେ ବୋଲି ।

Digitized by srujanika@gmail.com

ଯାଉଚି ଶିବ ! ଯାଉଚି ବେଣୁ ! ଗୋପାଳ ! (ଗୋପାଳକୁ ଆଲିଙ୍ଗନ କରି) ଏମାନଙ୍କ ଖିଆଲ ଟିକେ ତୁ ରଖିଥିବୁ ।

ଗୋପାଳ—ଯାଉଚ ଜବାଭାଇ ! ତୋଜ ମୁହଁରେ କହୁଚ ଯେ ତୁମେ ଯାଉନ ବୋଲି ? ହେଲେ ଗୋଟିଏ ଅନୁରୋଧ କରିବ । ରଖିବ ନାହିଁ ଜିବାଭାଇ ? (ନାଚ ପତ୍ରଟାଏ ଜବାକୁ ଦେଇ) ଏଇ ନିଅ । ମନା କରନି ଜିବାଭାଇ ! ତୁମକୁ ମୋ ରାଣ ।

ଜବା—ଗୋପାଳ ! ଯିବାବେଳେ ଯେଉଁ ଗୁରୁର ବୋଝ ମୋ ମୁଣ୍ଡରେ ନନ୍ଦଭଉଚ ତାକୁ ନେଇ ଦୁନିଆ ଦାଣ୍ଡରେ ସଳଖ ହେଇ ମୁଁ ଚଳିପାରିବି ତ ? କିଏ କହେ ଦୁନିଆରେ ମନୁଷ୍ୟତା ନାହିଁ ? ମନୁଷ୍ୟର ବିପଦ ବେଳେ ଯିଏ ଆଗ ଠିଆ ହୁଏ ସେଇ ହେଉଚି ପ୍ରକୃତ ମଣିଷ । ସେଇ ହେଉଚି ନରନାରାୟଣ; କାଠ ପଥର ଭିତରେ ଦେବତା ନ ଥାନ୍ତି । ଦେବତା ରହନ୍ତି ଆମରି ଏଇ ମଣିଷ ଭିତରେ । ମଣିଷର ମନକୁ ଚିହ୍ନି ପାରିଲେ ଦେବତା'ର ଆଶୀର୍ବାଦ ପାଇବ । ନରନାରାୟଣଙ୍କୁ ଚିହ୍ନିବାକୁ ଚେଷ୍ଟା କର । ସେବା ଭକ୍ତି ତୁମର ଭିତରର ଦେବତାକୁ ଜଗେଇ ପାରିଲେ ଆମର ଏଇ ଗାଁ ସ୍ୱର୍ଗ ପାଲଟିଯିବ । (ଭିଟି ପାଖକୁ ଯାଇ ଝିଟିପାଉଁଶ ନେଇ ମୁଣ୍ଡରେ ଲଗାଇ) ଏଇ ମୋର ମମତା ! ଏଇ ମୋର ପୃଥିବୀ । (ଟିକ୍କୁ ମାଟି ନେଇ ମୁଣ୍ଡରେ ଲଗାଇ) ମା' ମା', ମତେ ଆଉ କେବେ ଡାକିବୁ ମା' ? କେବେ ତୋ'ର ସୁଖ-ସୌଭାଗ୍ୟ ଦେଖିବାର ସୁଯୋଗ ମତେ ଦବୁ ? (ମୁଣ୍ଡିଆ ମାରିଲା) ଅଙ୍କ ମଳିଗଲେ ମଣି, ମା'ର ଅଙ୍କ ମିଳିଗଲା । ଜନ୍ମମାଟି ମା'ର ଅଙ୍କ ମିଳିଗଲା—ଭୁଲ ମଣି ।

Digitized by srujanika@gmail.com

ଶିବା—ରୁହ ଜବାଘର ! (ମନ୍ଦାରର ହାତ ନେଇ ମଣି ହାତରେ ଛନ୍ଦାଦେଲା) ନିଜ ବୋହୂକୁ ବ ସଙ୍ଗରେ ନେଇଯାଅ—ଜବାଘର ! (ମନ୍ଦାର ପ୍ରତି) ଯାଆ ମା' ଶ୍ୱଶୁରର ସେବା କରିବାକୁ ଯିମିତ ତ୍ରୁଟି ନ କରୁ ।

(ମନ୍ଦାର କାନ୍ଦ କାନ୍ଦ ହୋଇ ତା' ମା'କୁ ଜାବୁଡ଼ି ଧରିଲା—ରେଣୁ ତାକୁ ମଣି ନିକଟକୁ ନେଇ ଦୁହିଁଙ୍କୁ ଆଡ଼େଇ ଦେଲା—ମନ୍ଦାର ଆଖିରେ ବିଦାୟକାଳୀନ ଅଶ୍ରୁ)

ଜବା—କ'ଣ କରୁଛୁ, ମା' ! ଆରେ ଏତିକରେ ଭାଙ୍ଗିପଡ଼ୁଛୁ ।
(ନେପଥ୍ୟରୁ ଶୁଭିଲା ବାପୁଜୀଙ୍କ ଉଦ୍ଦେଶ୍ୟରେ ଲିଖିତ ହେ··· ଜନମ ମାଟିର ତ୍ୟାଗୀ ।

କେଇପଦ ଗୀତ—ଗୀତ କ୍ରମଶଃ ଦୂରେଇ ଗଲା—ସେଇ ଗୀତ ଭିତରେ ବୁଲୁଛନ୍ତି ମନ୍ଦାର, ମଣି, ଜବା ଓ ପଛେ ପଛେ ମଞ୍ଚରୁ ଅପସରି ଯାଉଛନ୍ତି ଗୋପାଳ, ଶିବା ଓ ରେଣୁକା । ଦର୍ଶକର ଓ ରୂପଧାରକାର ସ୍ଥାଣୁ ହୋଇ ଛିଡ଼ା ହୋଇଥିବା ସମୟରେ ନଇଁ ଆସିଲା ଧୀରେ ନାଟକର **ଶେଷ ଯବନିକା** ।

ମୁଦ୍ରକ ଶ୍ରୀ ରାମକୃଷ୍ଣ ମହାପାତ୍ର, ଶାସ୍ତ୍ରୀ, ଗୀତା ପ୍ରେସ, କଟକ-୨

Digitized by srujanika@gmail.com

ନାଟକ

ଶମିରତୀର୍ଥ — ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
ସାବତ ମା' — " " "
ନର ନାରାୟଣ — ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍
ରାଜମୁକୁଟ — " " "
ଜାଗରଣ — " " "
ସାଗର ତୀରେ — " " "
ଅଖଣ୍ଡ ଜ୍ୟୋତି — " " "
ରକ୍ତର ଡାକ — " " "

ଉପନ୍ୟାସ

ପରୀ — ଭାନୁ ଭରେ
ଅଦେଖା ହାତ — "
ଭୁଲ ହୁଏନା — "
ଏପାରି ସେପାରି — "
ହା ଅନ୍ନ — "
ପଳାତକ — "

ଡିଟେକ୍ଟିଭ୍ ଉପନ୍ୟାସ

ସଇତାନ ମହଲ
ଉଡ଼ନ୍ତା ଖୁଣୀ
ଆନନ୍ଦନଗର ଷଡ଼ଯନ୍ତ୍ର
ଦରିଆପାରିର ଦସ୍ୟୁ

ପିଲାଙ୍କ ପାଇଁ

କିଏ କେମିତି
ଅବୁଝା (ଶିଶୁନାଟକ)
ଚନ୍ଦନ ଦେଶର ରାଜକୁମାର

ସାଥୀ ପ୍ରକାଶନ
Digitized by srujanika@gmail.com